

‘କକ୍‌ଟେଲ୍ ୨’ର କାହାଣୀ ଲିକ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-239 ◆TUESDAY ◆24 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୩୯ ◆ମଙ୍ଗଳବାର ◆୨୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ବିଧାନସଭାରେ ସରକାରଙ୍କ ତଥ୍ୟ**

# ଦେଢ଼ବର୍ଷରେ ୪୮,୭୯୮ ମହିଳା ହିଂସା

■ ଭୁବନେଶ୍ୱର, ୨୩।୨ (ସମିସ): ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ଏହାକୁ ନେଇ ବିରୋଧୀ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ସରକାରଙ୍କୁ କାଠଗଡ଼ାକୁ ଟାଣୁଛନ୍ତି। ମହିଳା, ଶିଶୁ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ସରକାର ମହିଳା ବିରୋଧୀ ହିଂସାକୁ ନିୟନ୍ତ୍ରଣ କରିବାରେ ଅସଫଳ ହୋଇଥିବା ବିରୋଧୀ ଅଭିଯୋଗ କରି ଆସୁଛନ୍ତି। ଏହି ସମୟରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତରେ ପ୍ରଦାନ କରିଥିବା ସାଂଘାତିକ ତଥ୍ୟ ରାଜ୍ୟରେ ଆଇନଶୃଙ୍ଖଳା ଓ ମହିଳା ନିର୍ଯାତନା ଚରମସ୍ତରରେ ପହଞ୍ଚିଥିବା ପ୍ରମାଣିତ କରିଛି। ବିରୋଧୀଙ୍କ ଅଭିଯୋଗକୁ ବାରମ୍ବାର ଖଣ୍ଡନ କରୁଥିବା ଶାସକ ଦଳର ନେତା ଓ ବିଧାୟକଙ୍କୁ

## ରାଜ୍ୟରେ ଦୈନିକ ହାରାହାରି ୫୨ ନିର୍ଯାତନା ଅଭିଯୋଗ

**ସରକାର ନେଉନାହାନ୍ତି ଆଖିଦୃଶିଆ ପଦକ୍ଷେପ: ବିରୋଧୀ**

**ମହିଳା ଓ ଶିଶୁ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ**



ବିଧାନସଭାରେ ସରକାରଙ୍କ ତଥ୍ୟ ନିରସ୍ତ୍ର କରିଛି। ରାଜ୍ୟରେ ମହିଳା ହିଂସା ଯେ ଚରମ ସ୍ତରରେ ପହଞ୍ଚିଛି, ତାହା ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ସ୍ପଷ୍ଟ ହୋଇଛି। ଗତ ଦେଢ ବର୍ଷ( ୨୦୨୪ ମସିହା ଜୁଲାଇ ୧ ତାରିଖରୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ) ମଧ୍ୟରେ ମୋଟ ୪୮,୭୯୮ ଟି ମହିଳା ବିରୋଧୀ ହିଂସା ସଂଗଠିତ ହୋଇଥିବା ସଂକ୍ରାନ୍ତ ତଥ୍ୟ ସରକାରଙ୍କୁ ଅଡୁଆରେ ପକାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ଅପରାଧ ନଥି ସଂସ୍ଥାର ତଥ୍ୟ ଅନୁଯାୟୀ ସଂଗଠିତ ହୋଇଥିବା ଅପରାଧ ଗୁଡ଼ିକର ତଦନ୍ତ ପରେ ମୋଟ ▶ପୃଷ୍ଠା-୭

## ୧୨ ମାସରେ ୨୯୯୪ ଦୁଷ୍କର୍ମ

■ ଭୁବନେଶ୍ୱର,୨୩।୨(ସମିସ): ଗୋଟେପଟେ ରାଜ୍ୟ ସରକାର ମହିଳାମାନଙ୍କ ସୁରକ୍ଷା ପାଇଁ ଗୋଟିକ ପରେ ଗୋଟିଏ ଯୋଜନା ପ୍ରଣୟନ କରୁଛନ୍ତି। ‘ସୁଭଦ୍ରା’ ଯୋଜନା ମାଧ୍ୟମରେ ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରାଯାଇଥିବା ଘୋଷଣା କରୁଛନ୍ତି। ମାତ୍ର ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ନିର୍ଯାତନା ଓ ଯୌନ ଶୋଷଣ ଘଟଣା ରାଜ୍ୟରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ▶ପୃଷ୍ଠା-୭

**୧୧୫ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ, ୧୧୮୩ଙ୍କୁ ଯୌନ ନିର୍ଯାତନା**

**ଦେଶ ବିଦେଶ**

- ପ୍ରେମ ବିବାହ ପାଇଁ ପିତାମାତାଙ୍କୁ ସୂଚନା ଦେବା ବାଧ୍ୟତାମୂଳକ
- ପଶ୍ଚିମବଙ୍ଗ ରାଜନୀତିର ଚାଣକ୍ୟ ମୁକୁଲ ରୟଙ୍କ ପରଲୋକ
- ଟ୍ରାଫିକ୍ ଜାମ୍ ପାଇଁ ୧ ଲକ୍ଷ ଗାଡ଼ି ମାଲିକଙ୍କୁ ଫେରସ୍ତ ହେବ ୫ କୋଟି ଟୋଲ୍ ଟିକସ
- ଆମେରିକାରେ ତୁଷାର ଝଡ଼: ୫ ହଜାର ବିମାନ ବାତିଲ, ଅନ୍ଧାରରେ ୨ ଲକ୍ଷ ପରିବାର


SIKSHA ‘O’ ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in


## ବେକରେ ଭୁଜାଲି ରଖି ଘରୁ ଲୁଟିନେଲେ ୭୫ ଲକ୍ଷ

■ ଉମରକୋଟ, ୨୩।୨ (ସମିସ): ଉମରକୋଟ ସହର ନିକଟସ୍ଥ ଚିକଲପଦର ପଞ୍ଚାୟତର କଚନିଆମ୍ବ ଗ୍ରାମରେ ଗତ ରାତିରେ ବଡ଼ଧରଣର ଏକ ଡକାୟତି ହୋଇଛି। ଘର ମାଲିକଙ୍କ ବେକରେ ଭୁଜାଲି ଲଗାଇ ଦୁର୍ବୃତ୍ତମାନେ ନଗଦ ୭୫ ଲକ୍ଷ ଟଙ୍କା ଏବଂ ୧୦ ଲକ୍ଷ ଟଙ୍କାରୁ ଅଧିକ ସୁନାଗହଣା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଅମୂଲ୍ୟ ଜେନା। କିଛି ଦିନ ତଳେ ଅମୂଲ୍ୟ ନିଜର କିଛି ▶ପୃଷ୍ଠା-୭



**ସୁନା, ଅଳଙ୍କାର ବି ନେଇଗଲେ**

**ଚାଷୀଙ୍କୁ ମଣ୍ଡି ଯନ୍ତ୍ରଣା**

## ଆଜି ରାଜଧାନୀରେ ଗର୍ଜିବ ବିଜେଡି

■ ଭୁବନେଶ୍ୱର, ୨୩।୨ (ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବା ବେଳେ ଚାଷୀକୁଳ ସମ୍ପୂର୍ଣ୍ଣ ହତାଶ ହୋଇପଡ଼ିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ସରକାରଙ୍କୁ ବିଜେଡି ବାରମ୍ବାର ଜବାବ ମାଗୁଥିଲେ ହେଁ ସରକାର ଉତ୍ତର ଦେବା ପରିବର୍ତ୍ତେ ନିଜର ମିଛ ସଫଳତା ବଖାଣୁଛନ୍ତି। ତେଣୁ, ଆସନ୍ତାକାଲି (ମଙ୍ଗଳବାର) ବିଜେଡି ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜିଠାରେ ଏକ ବିଶାଳ ବିକ୍ଷୋଭ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ▶ପୃଷ୍ଠା-୭

**ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୧ ପ୍ରତିଶତ ହୋଇଛି ସଂଗ୍ରହ**

**୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ୩୧୦୦ ଟଙ୍କାରେ କିଣା ହେଉନି**




## ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସାଂଘାତିକ ତଥ୍ୟ

# ରାଜ୍ୟ ସାରା ଭେଜାଲ ଓ ନକଲି ସାମଗ୍ରୀ

ଭୁବନେଶ୍ୱର,୨୩।୨(ସମିସ): ଛୋଟ ପିଲାଙ୍କ ଖାଦ୍ୟଠୁ ଆରମ୍ଭ ହୋଇ ବଡ଼ ଲୋକ ଖାଉଥିବା ଅଧିକାଂଶ ଖାଦ୍ୟ ଏବେ ଭେଜାଲ, ଅପମିଶ୍ରିତ। ଲୋକେ ଯେଉଁ ସାମଗ୍ରୀକୁ ଶହ ଶହ ଟଙ୍କା ଦେଇ କିଣୁଛନ୍ତି, ତାହାର ଗୁଣବତ୍ତା ସଠିକ ରହୁନାହିଁ। ଟଙ୍କା ଖର୍ଚ୍ଚ କରି ଲୋକେ ଭେଜାଲ ସାମଗ୍ରୀ କିଣୁଥିବା ବେଳେ ଏହାକୁ ଖାଇ ଅନେକ ସମୟରେ ରୋଗରେ ପଡୁଛନ୍ତି। ଏମିତି କି ଛୋଟ ପିଲା ଯେଉଁ ସବୁ ଖାଦ୍ୟ ଖାଉଛନ୍ତି, ତାହା ମଧ୍ୟ ଅପମିଶ୍ରଣରୁ ବାଦ୍ ପଡୁନି। ସୋମବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏ ସଂକ୍ରାନ୍ତରେ ପ୍ରଦାନ କରିଛନ୍ତି ସାଂଘାତିକ ତଥ୍ୟ। ମନ୍ତ୍ରୀଙ୍କ ଉତ୍ତର ପରେ ବ୍ରାଣ୍ଡ ଦେଖି ଅଧିକ ଟଙ୍କା ଦେଇ ସାଧାରଣ ଲୋକେ କିଣୁଥିବା ଖାଦ୍ୟର ଗୁଣବତ୍ତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଖାଦ୍ୟର ମାନକୁ ନେଇ ବିଧାନସଭାରେ କରିଥିବା ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଦାନ କରିଥିବା ଅତ୍ୟନ୍ତ ସ୍ପର୍ଶକାତର। ସେ କହିଛନ୍ତି ଯେ ବିଗତ ଦେଢ଼ ବର୍ଷ ମଧ୍ୟରେ ଅର୍ଥାତ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନମୁନା ସଂଗ୍ରହ ପରେ କିଛି ସାମଗ୍ରୀରେ ଅପମିଶ୍ରଣ ହୋଇଥିବା ଓ କିଛି ସାମଗ୍ରୀ ଭେଜାଲ ଥିବା ଜଣାପଡ଼ିଥିଲା। ହର୍ଲିକ୍ସ, ଦହି, କ୍ଷୀର, ଛେନା, ପାଣି, ପାଉଁରୁଟି, ମସଲା, ସୋରିଷ ତେଲ, ସୂର୍ଯ୍ୟମୁଖୀ ତେଲ ଅପମିଶ୍ରିତ ହୋଇଥିବାବେଳେ ବିସ୍କୁଟ, ମଇଦା, ସ୍ନାକ୍ସ, ଛତୁଆ, ସସ୍, ସୋୟାବିନ, ଘିଅ, ଲହୁଣୀର ମାନ ଠିକ୍ ନାହିଁ। ସେହିପରି ଚିନି, ପାମ୍ପଡ଼, ଚକୋଲେଟ, ନୁଡୁଲ୍ସ ଆଦି ଅପମିଶ୍ରିତ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉତ୍ତର ରଖିଛନ୍ତି। କିଛି ସ୍ଥାନରେ ଲୁଣରେ ଅପମିଶ୍ରଣ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

■ ଘିଅ, ତେଲ, କ୍ଷୀର, ଦହି, ଲୁଣରେ ଅପମିଶ୍ରଣ
■ ବାଦ ପଡ଼ିନାହିଁ ଦାମୀ କମ୍ପାନୀର ଖାଦ୍ୟ ସାମଗ୍ରୀ

ବିଶେଷକରି ଖୋର୍ଦ୍ଧା ଜିଲ୍ଲାରେ ଏପରି ଅଭ୍ୟାସ ବ୍ୟାପକ, ଯେଉଁଠାରେ ସାଧାରଣତଃ ବ୍ୟବହୃତ ହେଉଥିବା ଖାଦ୍ୟ ସାମଗ୍ରୀର ବହୁଳ ପରିମାଣରେ ଅପମିଶ୍ରିତ ଥିବା ଜଣାପଡିଛି। ଖାଦ୍ୟରେ ଅପମିଶ୍ରଣ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ବ୍ୟାପିଛି, ଯେଉଁଠାରେ ସାଧାରଣତଃ ବ୍ୟବହୃତ ହେଉଥିବା ଖାଦ୍ୟ ସାମଗ୍ରୀରେ ମିଶ୍ରଣ ହୋଇଥିବା ଜଣାପଡ଼ିଛି ବୋଲି ମନ୍ତ୍ରୀ ଉଲ୍ଲେଖ କରି ପିଲାମାନଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ କରି ପିତାମାତାଙ୍କୁ ନାମୀଦାମୀ ବ୍ରାଣ୍ଡର ଖାଦ୍ୟ ସାମଗ୍ରୀ ଏବଂ ପୁଷ୍ଟିକର ପାନୀୟ କିଣିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ଅପମିଶ୍ରଣ ବର୍ତ୍ତମାନ କେବଳ ଅନିୟନ୍ତ୍ରିତ କିମ୍ବା ଖୋଲା ଉତ୍ପାଦ ନୁହେଁ, ପ୍ୟାକେଜ୍ ହୋଇଥିବା ବ୍ରାଣ୍ଡେଡ୍ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପିଛି। ସ୍ୱାସ୍ଥ୍ୟ ବିଭାଗ ସମସ୍ୟାର ମୁକାବିଲା ଏବଂ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ ତଦାରଖ, ଚଢାଉ ଏବଂ ନିୟାମକ କାର୍ଯ୍ୟକୁ ବୃଦ୍ଧି କରିଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଅପମିଶ୍ରିତ ଖାଦ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଖାଦ୍ୟ ନିରାପତ୍ତା ଆୟୋଗଙ୍କ ଦ୍ୱାରା ଏହା ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି। ଖାଦ୍ୟ ଅପମିଶ୍ରଣ ରୋକିବା ଦିଗରେ ସମସ୍ତ ଜିଲା ଏବଂ ପୌର ପରିଷଦ ଅଞ୍ଚଳରେ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି।

## ନବୀନ ବୁଲିଲେ ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର,୨୩।୨(ସମିସ): ଇ-ଓଡ଼ିଶା ପକ୍ଷରୁ ପ୍ରସିଦ୍ଧ ଚିତ୍ରକର ଜଗନ୍ନାଥ ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ ଏକକ ଚିତ୍ରକଳା ପ୍ରଦର୍ଶନୀ 'ଦି ଲଙ୍ଗ ଅଫ୍ ଅସ୍' ବୁଲି ଦେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋମବାର ଭୁବନେଶ୍ୱର ସ୍ଥିତ ଲଳିତ କଳା ଏକାଡେମୀ ପରିସରରେ ଆୟୋଜିତ ଏହି ପ୍ରଦର୍ଶନୀକୁ ନବୀନ ବୁଲି ଦେଖିବା ସହ ଏହାର ଭୂୟସୀ ପ୍ରଶଂସା କରିଛନ୍ତି।

ପ୍ରଦର୍ଶନୀ ସ୍ଥଳରେ ନବୀନ ପହଞ୍ଚିବା ପରେ ଇ-ଓଡ଼ିଶା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଦର୍ଶନୀରେ ଓଡ଼ିଶାର କଳା ସଂସ୍କୃତି ପରମ୍ପରା ଓ ଲୋକ କଳାକୁ ପ୍ରଦର୍ଶିତ କରାଯାଇଛି। ସାଧାରଣ ଲୋକଙ୍କ ପାଇଁ ପ୍ରତ୍ୟେକ ଦିନ ଦିନ ୧୧ ଟାରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିଛି। କାର୍ଯ୍ୟକ୍ରମରେ ନବୀନଙ୍କ ସହ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଓ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁଙ୍କ ସମେତ ବହୁ କର୍ପୋରେଟର ଓ ଚିତ୍ରଶିଳ୍ପୀ ଉପସ୍ଥିତ ଥିଲେ। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରାଜ୍ୟରେ ୪୨ ଆଇଏଏସ୍, ୬୭ ଆଇପିଏସ୍ ପଦବୀ ଖାଲି

ଭୁବନେଶ୍ୱର, ୨୩।୨ (ସମିସ): ଓଡ଼ିଶାର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ପଦବୀ ଖାଲି ପଡ଼ିଛି। କେବଳ ଏତିକି ନୁହେଁ, ଆଇଏଫ୍ଏସ୍, ଓଏଏସ୍ ଓ ଓପିଏସ୍ ଅଧିକାରୀ ସ୍ତରରେ ମଧ୍ୟ ସମାନ ଅବସ୍ଥା। ଅଧିକାରୀ ନିଅଣ୍ଟ ଯୋଗୁଁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବା ବେଳେ ସରକାରୀ କାମ ମଧ୍ୟ ପ୍ରଭାବିତ ହେଉଛି।

ରାଜ୍ୟରେ ମୋଟ ୨୪୮ ଆଇଏଏସ୍ ମଧ୍ୟରୁ ୪୨ ପଦବୀ ଖାଲି ପଡ଼ିଥିବା ବେଳେ ୧୯୫ ଆଇପିଏସ୍ ମଧ୍ୟରୁ ୬୭ ପଦବୀ ଫାଙ୍କା ରହିଛି। ସେହିପରି ୧୪୧ ଆଇଏଫ୍ଏସ୍ ମଧ୍ୟରୁ ୬୬ଟି, ୨୨୪୮ଟି ଓଏଏସ୍ ମଧ୍ୟରୁ ୩୩୦ଟି ଓ ୮୫୧ ଓପିଏସ୍ ମଧ୍ୟରୁ ୧୪୬ ପଦବୀ ପୂରଣ ହୋଇନାହିଁ। ଓଏଫ୍ଏସ୍ (ଓଡ଼ିଶା ବନ ସେବା)ରେ ୧୦୫୮ ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବା ବେଳେ ୪୭୩ଟି ଫାଙ୍କା ପଡ଼ିଛି। ସେଥିରୁ ୨୭ ଜଣ ଆଇଏଏସ୍, ୨୮ ଜଣ ଆଇପିଏସ୍ ଓ ୭ ଜଣ ଆଇଏଫ୍ଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି। ବିଧାୟକ ପ୍ରଦୀପ କୁମାର ଦୀଶାରୀଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତର ରଖିଛନ୍ତି। ସେହିପରି ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢୁଥିବା ବେଳେ ପୁଲିସ ବିଭାଗରେ ୩୦ ପ୍ରତିଶତରୁ ଅଧିକ ପଦବୀ ଫାଙ୍କା ପଡ଼ିଛି। ବିଧାୟକ ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରଖିଥିବା ଉତ୍ତରରୁ ଏଭଳି କଥା ସ୍ପଷ୍ଟ ହୋଇଛି। ଓଡ଼ିଶା ପୁଲିସରେ ମୋଟ ୮୯ ହଜାର ୪୩୮ ଗୋଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ୬୧ ହଜାର ୭୪୪ କାର୍ଯ୍ୟରତ ଅଛନ୍ତି ଓ ୨୭ ହଜାର ୬୯୪ ପଦବୀ ଖାଲି ପଡ଼ିଛି।

ପୁଲିସ ବିଭାଗରେ ୩୦% ପଦବୀ ଫାଙ୍କା

## ୯୪୪୮୫ ସରକାରୀ ପଦ ଖାଲି

ଭୁବନେଶ୍ୱର, ୨୩।୨(ସମିସ): ରାଜ୍ୟରେ ବହୁ ସରକାରୀ ପଦ ଖାଲି ପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ପଦ ଖାଲି ରହିଥିବାବେଳେ ଗୃହ ବିଭାଗରେ ମାଳମାଳ କର୍ମଚାରୀ ନାହାନ୍ତି। ମୋଟ୍ ୪୧ଟି ବିଭାଗରେ ୯୪ ହଜାର ୪୮୫ଟି ସରକାରୀ ପଦ ଖାଲି ପଡ଼ିଥିବା ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥ୍ୟ ରଖିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୨୦,୨୮୯ଟି ପଦ ଖାଲି ରହିଛି। ଏହାପରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ଭାଳୁଥିବା ଗୃହ ବିଭାଗରେ ଦ୍ୱିତୀୟ ସର୍ବାଧିକ ୧୬ ହଜାର ୩୨ ଟି ପଦ ଫାଙ୍କା ରହିଛି। ରାଜ୍ୟରେ ଆଇନ୍ ଶୃଙ୍ଖଳାକୁ ଖାତିର ନ କରି ଅପରାଧିମାନେ ଦିନ ଦ୍ୱିପ୍ରହରରେ ଅପରାଧ ଘଟାଉଥିବାବେଳେ ଏତେ ସଂଖ୍ୟାରେ ପଦ ଫାଙ୍କା ରହିବା ଚିନ୍ତା ବଢ଼ାଇଛି। ସ୍ୱାସ୍ଥ୍ୟ ବିଭାଗରେ ମଧ୍ୟ ୧୦,୪୫୭ ପଦ ଫାଙ୍କା ରହିଥିବାରୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ବାଧାପ୍ରାପ୍ତ ହେଉଛି। ସେହିପରି ସରକାରଙ୍କ ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନ କରୁଥିବା ପଞ୍ଚାୟତିରାଜ ବିଭାଗରେ ମଧ୍ୟ ସମାନ ଅବସ୍ଥା। ଏହି ବିଭାଗରେ ମୋଟ୍ ୫୧୫୪ ଟି ପଦ ଫାଙ୍କା ପଡ଼ିଥିବାବେଳେ ରାଜସ୍ୱ ବିଭାଗରେ ମଧ୍ୟ ୫୩୫୬ ପଦରେ ଅଧିକାରୀ ଓ କର୍ମଚାରୀ ନାହାନ୍ତି। ଅନୁରୂପ ଭାବେ ଉଚ୍ଚଶିକ୍ଷା ବିଭାଗରେ ୫୮୨୬, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୪୧୫୪, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୪୧୫୪, ଜଙ୍ଗଲ ବିଭାଗରେ ୩୫୮୯, ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗରେ ୩୩୫୨, କୃଷି ଓ କୃଷକ ଶସକ୍ତିକରଣ ବିଭାଗରେ ୨୯୫୫, ଜଳ ସମ୍ପଦ ବିଭାଗରେ ୨୭୨୪ ଟି ପଦ ଖାଲି ରହିଛି।

ରାଜ୍ୟ ସରକାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ଖାଲି ପଦରେ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖାଥିବା ମୁଖ୍ୟମନ୍ତ୍ରୀ ପୁଣି ଗୃହରେ ଦୋହରାଇଛନ୍ତି। ୨୦୨୪ ଜୁନ୍‌ରୁ ୩୯,୫୦୫ ପଦରେ ନିଯୁକ୍ତି ଦିଆଯାଇଥିବାବେଳେ ଅବଧି ମଧ୍ୟରେ ଅବଶିଷ୍ଟ ପଦରେ ନିଯୁକ୍ତି ଦେବାପାଇଁ ପ୍ରକ୍ରିୟା ଜାରି ରହିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଗଣଶିକ୍ଷାରେ ସର୍ବାଧିକ ୨୦ହଜାର ଓ ଗୃହ ବିଭାଗରେ ୧୬ ହଜାର ଖାଲି

## ୪୦ ମାଓବାଦୀ ଏବେବି ସକ୍ରିୟ

ଭୁବନେଶ୍ୱର, ୨୩।୨ (ସମିସ): ମାଓ କାର୍ଯ୍ୟକଳାପରେ ରୋକ୍ ଲଗାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲଗାତାର ଉଦ୍ୟମ କରି ଆସୁଥିବା ବେଳେ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ହେଲେ ଓଡ଼ିଶାରେ ଏବେବି ୪୦ ଜଣ ମାଓବାଦୀ ସକ୍ରିୟ ରହିଛନ୍ତି। ବିଧାୟକ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତର ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଏସ୍ଆରଇ ଯୋଜନା ଅନୁସାରେ, କନ୍ଧମାଳ ଜିଲ୍ଲାକୁ ଅନ୍ୟ ମାଓ ପ୍ରଭାବିତ ଜିଲ୍ଲାରେ ରଖାଯାଇଥିବା ବେଳେ ମାଲକାନଗିରି, କୋରାପୁଟ, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାକୁ ଲିଗାସି ଓ ଥ୍ରଷ୍ଟ ଜିଲ୍ଲା ବର୍ଗରେ ରଖାଯାଇଛି। ରାଜ୍ୟର କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ପ୍ରାୟ ୪୦ ଜଣ ମାଓବାଦୀ ସକ୍ରିୟ ରହିଛନ୍ତି। ସେମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ସଂପୃକ୍ତ ଜିଲ୍ଲାରେ କାମ କରୁଛନ୍ତି।

## ଭୂ-ଲେଖ ଓ ସର୍ବେକ୍ଷଣ ନିର୍ଦ୍ଦେଶକ କାର୍ଯ୍ୟାଳୟର ଉପକରଣ ଜବତ ପାଇଁ ନିର୍ଦ୍ଦେଶ

କଟକ, ୨୩।୨ (ସମିସ): ରାଜ୍ୟର ସମସ୍ତ ତହସିଲ ରେକର୍ଡ ରୁମ୍ ଆଧୁନିକୀକରଣ କାର୍ଯ୍ୟ କରିଥିବା ଠିକା ସଂସ୍ଥା 'ସିଲ୍‌ଭାସା ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍'ର ବକେୟା ପ୍ରାପ୍ୟ ପ୍ରଦାନ କରାନଯିବା ମାମଲାରେ କଟକସ୍ଥିତ ଭୂଲେଖ ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଉପକରଣକୁ ଜବତ କରିବା ପାଇଁ କଟକ ବାଣିଜ୍ୟିକ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୦ ସୁଦ୍ଧା ଜବତ ପ୍ରକ୍ରିୟା ଶେଷ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଠିକା ସଂସ୍ଥାର ୯.୪୪କୋଟି ଟଙ୍କା ବକେୟା ପଇଠ ନ ହେବା ପ୍ରସଙ୍ଗ

ପ୍ରକାଶଥାଉକି, ଗତ ୧୮ ତାରିଖରେ ରାଜସ୍ୱ ପର୍ଷଦର ଭୂଲେଖ ନିର୍ଦ୍ଦେଶକ ଓ ଯୋଗ୍ରାସ୍ଥିତ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମ୍ପତ୍ତି ଜବତ ପାଇଁ ରହିଥିବା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନଥିଲା। ଏଥିସହ ସମ୍ପତ୍ତି ଜବତ ହେଉଥିବା କଥା ଜାଣି କର୍ମଚାରୀମାନେ ଅଫିସ୍‌ରେ ତାଲା ପକାଇ ବାହାରେ ବୁଲିଥିଲେ। ସେହିଭଳି ପୁଲିସ ପକ୍ଷରୁ ମଧ୍ୟ ଆବଶ୍ୟକ ଫୋର୍ସ ଯୋଗା ଯାଇନଥିଲା।

ମାମଲାରୁ ପ୍ରକାଶ ଯେ, ସମ୍ପୃକ୍ତ ସଂସ୍ଥାକୁ ଚୂଡ଼ାନ୍ତ ବିଲ୍ ପଇଠ ନକରି ରାଜସ୍ୱ ବିଭାଗ ପକ୍ଷରୁ ୮୦ ଲକ୍ଷ ୩୫ ହଜାର ୯୧୩ଟଙ୍କାର ଜରିମାନା ଲଗାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟସ୍ଥତା ଜରିଆରେ କ୍ଷତିପୂରଣ ରାଶି ୭ କୋଟି ୪୬ଲକ୍ଷ ୪୫ ହଜାର ୨୨୭ ଟଙ୍କା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ଏହା ଦିଆନଯିବାରୁ ସଂପୃକ୍ତ ସଂସ୍ଥା କଟକ ବରିଷ୍ଠ ସିଭିଲ ଜଜ୍ (କମର୍ସିଆଲ) ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ମୂଳ କ୍ଷତିପୂରଣ ରାଶି ସହିତ ୧୦ ପ୍ରତିଶତ ସୁଧ ମିଶାଇ ମୋଟ ୯କୋଟି ୪୪ଲକ୍ଷ ୪୧ହଜାର ୫୫୦ ଟଙ୍କା ପ୍ରଦାନ କରିବାକୁ ଗତ ଜାନୁଆରି ୧୩ ତାରିଖରେ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ପାରଳାଖେମୁଣ୍ଡି ସବୁଠୁ ତତଲା

ଭୁବନେଶ୍ୱର,୨୩।୨(ସମିସ): ଫଗୁଣ ଯାଇନାହିଁ, ହେଲେ ରାଜ୍ୟରେ ଖରାର ପ୍ରଭାବ ବଢ଼ିବାରେ ଲାଗିଛି। ସୋମବାର ପାରଳାଖେମୁଣ୍ଡି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଏଠାରେ ତାପମାତ୍ରା ୩୬.୬ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ତାପମାତ୍ରା ୩୫.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ, ଟିଟିଲାଗଡ଼ ୩୫.୫, ଝାରସୁଗୁଡ଼ା ଓ ତାଳଚେର ଓ ଭଦ୍ରକରେ ତାପମାତ୍ରା ୩୫.୪ ଡିଗ୍ରୀ ରେକର୍ଡ ହୋଇଛି। ତେବେ ୨ ଦିନର ବର୍ଷା ଆଶଙ୍କା ଯୋଗୁଁ ତାପମାତ୍ରା ୨-୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ରହିଛି। ଏହାପରେ ଅର୍ଥାତ ୩ ଦିନ ପରେ ତାପମାତ୍ରା ପୁଣି ବୃଦ୍ଧି ହୋଇପାରେ।

■ ଭୁବନେଶ୍ୱରରେ ତାପମାତ୍ରା ୩୫.୮
■ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବର୍ଷା
■ ଓଡ଼ିଶା ପଡ଼ିବନି ଲଘୁଚାପ ପ୍ରଭାବ

ଓଡ଼ିଶା ଉପରେ ଏବେ ଏକ ପଶ୍ଚିମା ଝଡ଼ର ପ୍ରଭାବ ରହିଛି। ଏହାର ପ୍ରଭାବରେ ସୋମବାର ପଶ୍ଚିମ ଓ ଦକ୍ଷିଣ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକା ପବନ ସହ ବର୍ଷା ହୋଇଛି। ଅନ୍ୟପଟେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ମଧ୍ୟ ସକ୍ରିୟ ରହିଛି। ମାତ୍ର ଆନ୍ଧ୍ର ଉପକୂଳଠାରୁ ଏହା ୧୫୫୦ କିମି ଦୂରରେ ରହିଥିବାରୁ ଓଡ଼ିଶା ଉପରେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର କୋରାପୁଟ ସମେତ ବରଗଡ଼ ଓ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ କାଁ ଭାଁ ବର୍ଷା ଅନୁଭୂତ ହୋଇଛି। ମଙ୍ଗଳବାର ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଆଦିରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ । ଏହି ସମୟରେ ଉପକୂଳବର୍ତ୍ତୀ ଜିଲ୍ଲାରେ କିଛି କିଛି ପବନ ମଧ୍ୟ ହୋଇପାରେ।

## ନିଷ୍କ୍ରିୟ ଓ ଅଳସୁଆ ପକ୍ଷଙ୍କୁ ଅଦାଲତ ସହାୟତା କରିବା ଉଚିତ ନୁହେଁ

କଟକ, ୨୩।୨(ସମିସ): ଯେଉଁ ପକ୍ଷମାନେ ନିଷ୍କ୍ରିୟ, ଅଳସୁଆ ତଥା କାର୍ଯ୍ୟରେ ବିଳମ୍ବ କରନ୍ତି, ସେମାନଙ୍କ ସହାୟତା ଅଦାଲତ କରିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଆଇନ ଅନୁସାରେ ରହିଥିବା ନିର୍ଦ୍ଧାରିତ ସମୟସୀମାଠାରୁ ୭୦୮ ଦିନ ବିଳମ୍ବରେ ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ସରକାରଙ୍କ ଜଳ ସଂପଦ ବିଭାଗ ତରଫରୁ ଦାୟର ରିଟ୍ ଅପିଲକୁ ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଖାରଜ କରିଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଳ ସଂପଦ ବିଭାଗ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ୭୦୮ ଦିନର ବିଳମ୍ବିତ ଆବେଦନକୁ କ୍ଷମା କରିବାକୁ ସରକାରଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନରେ ଦର୍ଶାଯାଇଥିବା କାରଣ ସନ୍ତୋଷଜନକ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଜଣିକିଆ ବିଚାରପତିଙ୍କ ୨୦୨୨, ସେପ୍ଟେମ୍ବର ୨୬ର ନିର୍ଦ୍ଦେଶକୁ ୮ ସପ୍ତାହ ଭିତରେ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଦୈତାରୀ ହନ୍ତାଳଙ୍କ ଚାକିରି ନିୟମିତ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ସପକ୍ଷରେ ଜଣିକିଆ ବିଚାରପତି ରାୟ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ଜଳ ସଂପଦ ବିଭାଗ, ଖଡିଗୁଡ଼ା ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ, ଉପର କୋଲାବ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟ ପଦାଧିକାରୀ ୨୦୨୪ରେ ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ନିର୍ଦ୍ଧାରିତ ସମୟସୀମାର ୭୦୮ ଦିନ ପରେ ରିଟ୍ ଅପିଲ ଦାୟର କରାଯାଇଥିବାରୁ ବିଳମ୍ବକୁ କ୍ଷମା କରିବାକୁ ନିବେଦନ କରି ସରକାରଙ୍କ ତରଫରୁ ଏକ ଅନ୍ତରୀଣ ଆବେଦନ ମଧ୍ୟ ଦାୟର କରାଯାଇଥିଲା।

୭୦୮ ଦିନ ବିଳମ୍ବ ପାଇଁ ସରକାରଙ୍କ ଆବେଦନ ଖାରଜ କଲେ ହାଇକୋର୍ଟ

## କ୍ରିପ୍ଟୋ-କରେନ୍ସିର ଆଇନଗତ ସ୍ଥିତି ଜଣାଅ: ହାଇକୋର୍ଟ

କଟକ, ୨୩।୨(ସମିସ): ଭାରତରେ କ୍ରିପ୍ଟୋକରେନ୍ସିର ବୈଧତା ଏବଂ ଏହାର ନିୟନ୍ତ୍ରଣ ତଥା ଆଇନଗତ ସ୍ଥିତିକୁ ନେଇ ଓଡ଼ିଶା ହାଇକୋର୍ଟ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପଦ୍ମିନୀ ମେହେରଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ କ୍ରିପ୍ଟୋକରେନ୍ସିର ଆଇନଗତ ସ୍ଥିତି ସମ୍ପର୍କରେ ଜବାବ ତଲବ କରିଛନ୍ତି। ଏଥିସହ ବଲାଙ୍ଗିର ଏସ୍‌ପି ଓ ସାଇବର ସେଲ୍ ନୋଡାଲ ଅଧିକାରୀଙ୍କୁ ଆସନ୍ତା ୨୬ ତାରିଖ ଦିନ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ବଲାଙ୍ଗିର ସାଇବର୍ ସେଲର ନୋଡାଲ ଅଫିସର କିମ୍ବା କ୍ରିପ୍ଟୋ ପ୍ଲାଟଫର୍ମ, ବ୍ଲକଚେନ୍ ଟେକ୍ନୋଲୋଜି ଏବଂ ଡିଜିଟାଲ ୱାଲେଟ୍ ବିଷୟରେ ଜ୍ଞାନ ଥିବା ଜଣେ ଦକ୍ଷ ଅଧିକାରୀ ମଧ୍ୟ ହାଇକୋର୍ଟଙ୍କୁ ସହାୟତା କରିବା ପାଇଁ ଶୁଣାଣି ଦିନ ଉପସ୍ଥିତ ରହିବେ ବୋଲି ଅଦାଲତ କହିଛନ୍ତି। ବର୍ତ୍ତମାନର ସାମ୍ବିଧାନିକ ଓ ନିୟାମକ ଢାଞ୍ଚାରେ କ୍ରିପ୍ଟୋକରେନ୍ସି ବୈଧ ନା ଅବୈଧ ଅଥବା ନିୟନ୍ତ୍ରିତ, ସେନେଇ ଅଦାଲତ ପ୍ରଶ୍ନ କରିଛନ୍ତି।

■ ବାରମ୍ବାର ସମୟ ମାଗୁଥିବାରୁ ସରକାର ଗଣିବେ ୨୫ହଜାର ଦଣ୍ଡ
■ ବଲାଙ୍ଗୀର ଏସପିଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ

ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ କୌଣସି ଉତ୍ତର ରଖା ନଯିବା ତଥା ବାରମ୍ବାର ସମୟ ଲୋଡ଼ାଯିବାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରମ୍ବାର ସମୟ ମାଗୁଥିବାରୁ ରାଜ୍ୟ ସରକାର ୨୫ହଜାର ଟଙ୍କା ଦଣ୍ଡ ଆକାରରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

କ୍ରିପ୍ଟୋକରେନ୍ସି ପ୍ରସଙ୍ଗ କେବଳ ଏକ ଏକାଡେମିକ ବିଷୟ ନୁହେଁ, ବରଂ ଏହାର ସୁଦୂରପ୍ରସାରୀ ପ୍ରଭାବ ସାଇବର ଅପରାଧ, ଆର୍ଥିକ ଜାଲିଆତି, ମନିଲଣ୍ଡରିଂ ଏବଂ ସୀମା ପାର କାରବାର ଉପରେ ରହିଛି। ଭାରତରେ ଏନେଇ କୌଣସି ସ୍ପଷ୍ଟ ଆଇନ ନ ଥିବାରୁ ଏହାର ଏକ ସୂକ୍ଷ୍ମ ଅନୁଧ୍ୟାନ ଆବଶ୍ୟକତା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆବେଦନକାରୀଙ୍କ ବିରୋଧରେ କେଉଁ ଆଧାରରେ ଏତଲା ରୁଜୁ ହୋଇଥିଲା, ସେ ସମ୍ପର୍କରେ ତଥ୍ୟ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଏହି ତଥ୍ୟଗୁଡ଼ିକୁ ଏକ ମୁଦା ଲଫାଫା ମାଧ୍ୟମରେ ଜଣାଇବାକୁ କହିଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବ।

## ଭଉଣୀର ବାନ୍ଧବୀଙ୍କୁ ଦୁଷ୍କର୍ମ ଅଭିଯୋଗ

# ବଢ଼ିଲା ଆଇଆର୍‌ଏସ୍ ଅଧିକାରୀଙ୍କ ଅଡୁଆ

ଭୁବନେଶ୍ୱର, ୨୩।୨(ସମିସ) ନିଜ ଭଉଣୀର ବାନ୍ଧବୀଙ୍କୁ ବ୍ଲାକମେଲିଂ କରି ଦୁଷ୍କର୍ମ ଅଭିଯୋଗ ପରେ ବଢ଼ିଛି ଅଭିଯୁକ୍ତ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କ ଅଡୁଆ। ଜଣେ ସର୍ବଭାରତୀୟସ୍ତରର ଅଧିକାରୀଙ୍କ ବିରୋଧରେ ଏପରି ସ୍ପର୍ଶକାତର ଅଭିଯୋଗକୁ କମିଶନରେଟ ପୁଲିସ ଗୁରୁତର ସହ ନେଇଛି । ମାମଲାର ଗୁରୁତ୍ୱ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଜଣେ ଅତିରିକ୍ତ ଡିସିପି ପାହ୍ୟାର ମହିଳା ଅଧିକାରୀ ଆରତୀ ଗିରିଙ୍କୁ ଏହାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ପୁଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି।

ତଦନ୍ତ ଅଧିକାରୀ ଆରତୀ ଗିରି ସୋମବାର ସହିଦନଗରରେ ମାମଲା ସମ୍ପର୍କରେ ଥାନାଧିକାରୀ ଓ ପୂର୍ବ ତଦନ୍ତ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ଏଥିସହ ମାମଲା ସମ୍ପର୍କୀୟ କାଗଜପତ୍ର ମଧ୍ୟ ନେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ସଂକ୍ରାନ୍ତରେ ବୁଝିବା ପାଇଁ ଅଭିଯୁକ୍ତଙ୍କ ବିଭାଗର ଏକ ୪ ଜଣିଆ ଟିମ୍ ଥାନାରେ ପହଞ୍ଚିଛନ୍ତି । ଦୁଷ୍କର୍ମ ଘଟଣାରେ ଆଇଆରଏସ ଅଫିସରଙ୍କ ସମ୍ପୃକ୍ତି ନେଇ କେନ୍ଦ୍ରୀୟ ଉତ୍ପାଦ ଓ ସୀମା ଶୁଳ୍କ ଅଫିସ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି। ଏହି ଟିମ୍ ପୁଲିସ ସହ ମାମଲା ସମ୍ପର୍କରେ ସତ୍ୟାସତ୍ୟ ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ପଚାରି ବୁଝିଛନ୍ତି ।

ଅତିରିକ୍ତ ଡିସିପିଙ୍କୁ ତଦନ୍ତ ଦାୟିତ୍ୱ

ଥାନାରେ ବିଭାଗୀୟ ତଦନ୍ତ ଟିମ୍

ପୁଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ ୨୦୨୩ ମସିହା ଜାନୁଆରୀ ୧୫ରେ ଆଇଆର୍‌ଏସ୍ ଅଧିକାରୀଙ୍କ ପତ୍ନୀ ଅସୁସ୍ଥ ଥିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଭଉଣୀ ଓ ତାଙ୍କର ବାନ୍ଧବୀ (ଅଭିଯୋଗକାରିଣୀ) ଅସୁସ୍ଥ ଭାଉଜଙ୍କୁ ଦେଖିବାକୁ ଅଧିକାରୀଙ୍କ ସରକାରୀ ବାସଭବନକୁ ଆସିଥିଲେ। ସେହିଦିନ ସମ୍ପୃକ୍ତ ଅଧିକାରୀଙ୍କ କ୍ୱାର୍ଟରରେ ମହିଳାଜଣକ ସ୍ନାନ କରିବା ସମୟରେ ଆଇଆର୍‌ଏସ୍ ଅଧିକାରୀଜଣକ କୌଣସି ପ୍ରକାରେ ସମ୍ପୃକ୍ତ ମହିଳାଙ୍କ ନଗ୍ନ ଫଟୋ ଉଠାଇ ନେଇଥିଲେ। ସେହି ଫଟୋକୁ ଦେଖାଇ ତାଙ୍କ ପ୍ରତି ଅଶ୍ଳୀଳ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ନଗ୍ନ ଫଟୋକୁ ବ୍ଲାକମେଲ ସହ ଦୁଷ୍କର୍ମ କରିଥିଲେ। ଏହା ସହ ଏହି ଘଟଣା କାହାକୁ ଜଣାଇଲେ ଭିଡିଓ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ଅନନ୍ୟୋପାୟ ହୋଇ ପୀଡ଼ିତା ସେଠାରୁ ଚାଲି ଯାଇଥିଲେ ।

ପରେ ଆଇଆର୍‌ଏସ୍ ଅଫିସର ସେହି ଫଟୋକୁ ଫଟୋକୁ ଡାଲ କରି ମହିଳାଙ୍କୁ ବାରମ୍ବାର ଯୌନ ସମ୍ପର୍କ ରଖିବାକୁ ବିଭିନ୍ନ ସ୍ଥାନକୁ ଡକାଇଥିଲେ। ବଳପୂର୍ବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ଭଉଣୀ ମଧ୍ୟ ଏଥିରେ ସହଯୋଗ କରିଥିଲେ। ମାତ୍ର ଗତ ୧୮ ତାରିଖରେ ଅଫିସର ଓ ତାଙ୍କ ଭଉଣୀ ଫଟୋଟିକୁ ଭାଇରାଲ୍ କରି ଦେଇଥିବା ଜାଣିବା ପରେ ମହିଳା ଜଣକ ସହିଦନଗର ଥାନାରେ ଅଭିଯୋଗ କରିଛନ୍ତି।

## କପି ଧରାପଡ଼ିବାରୁ ଜୀବନ ହାରିଲେ ଛାତ୍ରୀ

ବ୍ରହ୍ମପୁର, ୨୩।୨ (ସମିସ): ଗଞ୍ଜାମ ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ପରିଚାଳନାକୁ ନେଇ ବିଭିନ୍ନ ଅବ୍ୟବସ୍ଥା ସମ୍ନାକୁ ଆସିଥିବା ବେଳେ ସୋମବାର ପରୀକ୍ଷା ସମ୍ପର୍କିତ ଏକ ଅଘଟଣ ଲୋକଲୋଚନକୁ ଆସିଛି। ଇଂରାଜୀ ପରୀକ୍ଷାରେ କପି କରୁଥିବା ବେଳେ ଧରାପଡ଼ି ଜଣେ ଛାତ୍ରୀ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ଜୋର ଧରିଛି। ଏଭଳି ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।



ଆତ୍ମହତ୍ୟା କରିଥିବା ଛାତ୍ରୀଜଣଙ୍କ ସ୍ଥାନୀୟ ଶ୍ରୀରାମନଗର ତୃତୀୟ ଲାଇନ ନିବାସୀ କାଳିଆ ସାହୁଙ୍କ ଝିଅ ଶ୍ରୀୟା ସାହୁ(୧୫) । ଶ୍ରୀୟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-୨ରେ ଦଶମ ଶ୍ରେଣୀର ଛାତ୍ରୀ। ଭି.ଭି.ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ କେନ୍ଦ୍ରରେ ସେ ପରୀକ୍ଷା ଦେଉଥିଲେ। ଗତ ଶନିବାର ତାଙ୍କର ଇଂରାଜୀ ପରୀକ୍ଷା ଥିଲା। ପରୀକ୍ଷା କେନ୍ଦ୍ରରେ ଯାଞ୍ଚ ବେଳେ ଶ୍ରୀୟାଙ୍କ ନିକଟରୁ କପି ମିଳିଥିବା ତାଙ୍କର କିଛି ସହପାଠୀ କହିଛନ୍ତି। ଶ୍ରୀୟାଙ୍କଠାରୁ କପି ମିଳିବା ପରେ ତାଙ୍କୁ 'ଏମପି' ବା 'ମାଲ ପ୍ରାକ୍ଟିସ' କରାଯିବ ବୋଲି କହି ପରୀକ୍ଷା କେନ୍ଦ୍ରର କର୍ମଚାରୀ ତାଙ୍କୁ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ଶ୍ରୀୟା ପରୀକ୍ଷାକେନ୍ଦ୍ରରୁ ମାନସିକ ଦୁଶ୍ଚିନ୍ତାରେ ଘରକୁ ଫେରିଥିଲେ। ଶନିବାର ଘରକୁ ଫେରିବା ପରେ ଇଂରାଜୀ ପରୀକ୍ଷାରେ ଖରାପ ହୋଇଥିବା ପରିବାରଲୋକଙ୍କୁ କହିଥିଲେ। ପରିବାରଲୋକେ ନିଜନିଜ କାମରେ ବାହାରକୁ ଯିବା ପରେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଏକୁଟିଆ ଥିବାର ସୁଯୋଗ ନେଇ ନିଜ ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଥିଲେ।

ଶ୍ରୀୟାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ତାଙ୍କ ବାପା ଆଖୁ ରସ ବିକ୍ରି କରି ଶ୍ରୀୟାଙ୍କୁ ପାଠ ପଢ଼ାଉଥିଲେ। ଶ୍ରୀୟାଙ୍କ ଏଭଳି ନିଷ୍ପତ୍ତି ପରେ ତାଙ୍କ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। କପି ଧରାପଡ଼ିବା ପରେ ଝିଅଙ୍କୁ ଭୟଭୀତ କରିବା ଦ୍ୱାରା ସେ ମାନସିକ ସନ୍ତୁଳନ ହରାଇଥିବା ତାଙ୍କ ପରିବାରଲୋକେ ଅଭିଯୋଗ କରିଛନ୍ତି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ପରୀକ୍ଷା କେନ୍ଦ୍ରର ସିସିଟିଭି କ୍ୟାମେରା ଯାଞ୍ଚ କରି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କ୍ଷତିପୂରଣ ଦାବି କରାଯାଇଛି। ଶ୍ରୀୟା ଜଣେ ଅତ୍ୟନ୍ତ ଶୃଙ୍ଖଳିତ ଓ ମେଧାବୀ ଛାତ୍ରୀ ଥିବା ବେଳେ ଏନ୍‌ସିସିରେ ଅଂଶଗ୍ରହଣ କରି କ୍ୟାରିୟର୍ ଗଢ଼ିବାକୁ ଲକ୍ଷ୍ୟ ରଖିଥିଲେ।

ଅନ୍ୟପକ୍ଷରେ, ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଚାନ୍ଦିନୀ ପଣ୍ଡା କହିଛନ୍ତି, ଇଂରାଜୀ ପରୀକ୍ଷା ଦିନ କେନ୍ଦ୍ରରେ କୌଣସି ପରୀକ୍ଷାର୍ଥୀ କପି କରିଥିବା ନଜରକୁ ଆସିନାହିଁ। ସଂପୂର୍ଣ୍ଣ ପରୀକ୍ଷା କେନ୍ଦ୍ର ସିସିଟିଭି ଅଧୀନରେ ରହିଛି। ଏଭଳି ଅଭିଯୋଗ ଆସିଲେ ନିଶ୍ଚିତ ଯାଞ୍ଚ କରାଯିବ। ପରିବାର ପକ୍ଷରୁ ଘଟଣାକୁ ନେଇ ବଡ଼ବଜାର ଥାନାରେ ଅଭିଯୋଗ କରାଯାଇଛି।

## ଚାଷୀ ସମସ୍ୟାକୁ ନେଇ ବିଜେଡିର କଡ଼ା ପ୍ରତିବାଦ

# ଷଷ୍ଠ ଦିନରେ ବି ଗୃହ ଅଚଳ

**ରିପୋର୍ଟର ଟେବୁଲ ଉପରେ ଚଢ଼ି ବ୍ୟାନର ପ୍ରଦର୍ଶନ**
**ସର୍ବଦଳୀୟ ବୈଠକରେ ବାହାରିଲାନି କୌଣସି ନିଷ୍କର୍ଷ**
**ବଜେଟ ଆଲୋଚନାରେ ଭାଗ ନେଲେନି ବିରୋଧୀ**



ଭୁବନେଶ୍ୱର, ୨୩।୨ (ସମିସ): ବିଧାନସଭାର ବଜେଟ ଅଧିବେଶନରେ ଷଷ୍ଠ ଦିନରେ ବି ଗୃହରେ ଅଚଳାବସ୍ଥା ଜାରି ରହିଛି। ରାଜ୍ୟରେ ଧାନ ବିକ୍ରି ଏବଂ ଚାଷୀ ସମସ୍ୟାକୁ ନେଇ ବିଜେଡି ଲଗାତାର ଭାବେ ନିଜର ପ୍ରତିବାଦ ଜାରି ରଖିଥିବା ବେଳେ ଏନେଇ ସମାଧାନ ରାସ୍ତା ବାହାରି ପାରୁନାହିଁ। ବିରୋଧୀ କଂଗ୍ରେସ ମଧ୍ୟ ଆଜି ଅନ୍ୟ ଏକ ପ୍ରସଙ୍ଗ ସହ ଧାନ ମଣ୍ଡି ସମସ୍ୟାକୁ ନେଇ ଗୃହରେ ହଟ୍ଟଗୋଳ କରିଛି। ସମସ୍ୟାର ସମାଧାନ ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡକାଇଥିଲେ ହେଁ ସମାଧାନର ରାସ୍ତା ବାହାରି ପାରିନାହିଁ। ସୋମବାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ହୋଇପାରି ନଥିବା ବେଳେ ବଜେଟ ଅଟକଳ ଉପରେ ସାଧାରଣ ଆଲୋଚନାରେ ବିରୋଧୀ ଭାଗ ନେଇ ନାହାନ୍ତି। ହଟ୍ଟଗୋଳ, ନାରାବାଜି, ହୋ ହଲ୍ଲା ମଧ୍ୟରେ ଗୃହ ଆଜି ମାତ୍ର ୨ ଘଣ୍ଟା ୬ ମିନିଟ ଚାଲିଥିବା ବେଳେ ବାଚସ୍ପତି ଗୃହକୁ ମଙ୍ଗଳବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସଦସ୍ୟମାନେ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ଗୃହ ମଧ୍ୟ ଭାଗକୁ ଚାଲିଆସିଥିଲେ। କଟନି ଛଟନି ବନ୍ଦ କର, ଚାଷୀ ମାରଣ ନୀତି ଚଳିବ ନାହିଁ, କୁଆଡ଼େ ଗଲା ଠନ୍ ଠନ୍, ଦେଖେଇ ଦେଲ ଲଣ୍ଠନ ନାରା ଦେଇ ବିଜେଡି ସଦସ୍ୟ ଗୃହ କମ୍ପାଇଥିଲେ। ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଚେୟାର ପକେଇ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବାଚସ୍ପତିଙ୍କୁ ପୋଷ୍ଟର ଦେଖାଇଥିଲେ। ଦଳର ଅନ୍ୟ ବିଧାୟକ ହୋ ହଲ୍ଲା କରୁଥିବା ବେଳେ ବିଜେଡିର ଅନ୍ୟତମ ବିଧାୟକ ଯୋଗେଶ ସିଂ ହଠାତ୍ ରିପୋର୍ଟର ଟେବୁଲକୁ ଚଢ଼ିଯାଇ ନିଜର ପ୍ରତିବାଦ ଜଣାଇଥିଲେ।

ଏପଟେ ବିରୋଧୀ କଂଗ୍ରେସ ଆନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିଥିବା ଏକ ପ୍ରସଙ୍ଗରେ ଭାରତର ସମ୍ପର୍କକୁ ନେଇ ଗୃହ ମଧ୍ୟରେ ପ୍ଲାକାର୍ଡ, ବ୍ୟାନର ପ୍ରଦର୍ଶନ କରିବା ସହ ପ୍ରବଳ ହଟ୍ଟଗୋଳ କରିଥିଲା। ଫଳରେ ବାଚସ୍ପତି ଗୃହକୁ ୧୦ଟା ୩୭ରୁ ୧୧ଟା ୩୦ ଯାଏଁ ମୁଲତବୀ ରଖିଥିଲେ। ୧୧ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିଜେଡିର ବିଧାୟକମାନେ ଆହୁରି ତୀବ୍ରତାର ସହ ପ୍ରତିବାଦ କରିଥିଲେ। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ମାଧବ ଧଡ଼ା ରିପୋର୍ଟର ଟେବୁଲ ଉପରେ ଚଢ଼ି ବ୍ୟାନର ପ୍ରଦର୍ଶନ କରିଥିଲେ। ଶୂନ୍ୟକାଳ ମାତ୍ର ୭ ମିନିଟ ଚାଲିବା ପରେ ବାଚସ୍ପତି ଅଚଳାବସ୍ଥା ଦୂର କରିବା ପାଇଁ ସର୍ବଦଳୀୟ ବୈଠକ ଡକାଇଥିଲେ। ଘଣ୍ଟାଏ ଧରି ସର୍ବଦଳୀୟ ବୈଠକ ଚାଲିବା ସତ୍ତ୍ୱେ କୌଣସି ନିଷ୍କର୍ଷ ନବାହାରିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ଅଚଳାବସ୍ଥା ଦେଖାଦେଇଥିଲା। ବିରୋଧୀଙ୍କ ହୋ ହଲ୍ଲା ମଧ୍ୟରେ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଅଟକଳ ଉପରେ ସାଧାରଣ ଆଲୋଚନା ଆରମ୍ଭ ହୋଇଥିଲା। ଏଥିରେ ଶାସକ ଦଳର ବିଧାୟକ ଟଙ୍କଧର ତ୍ରିପାଠୀ, ମାନସ ଦତ୍ତ, ବିଭୂତି ଭୂଷଣ ପ୍ରଧାନ, ଦୁଷ୍ମନ୍ତ ସ୍ୱାଇଁ ଓ ସୀମାରାଣୀ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ବାଚସ୍ପତି ପ୍ରଥମେ ୪ଟା ୩୯ରୁ ୫ଟା ୦୯ ଏବଂ ପରେ ୫ଟା ୨୯ରେ ଗୃହକୁ ମଙ୍ଗଳାବାର ଯାଏଁ ମୁଲତବୀ ରଖିଛନ୍ତି।

# ପିଲାଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା

ମୋରଡ଼ା/ରାଇରଙ୍ଗପୁର/ଗୋରୁମହିଷାଣୀ, ୨୩।୨ (ସମିସ): ପିଲା ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ମାରିଦେଲେ। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଧୀନ ଡେଙ୍ଗାଷୋଳ ଲୋଧାସାହିରେ ଏହି ଘଟଣା ଘଟିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ମୃତ ଯୁବକଜଣଙ୍କ ଜଣେ ମାନସିକ ବିକାରଗସ୍ତ ବୋଲି କୁହାଯାଉଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ୩ଜଣ

### ପିଲା ଚୋର ସନ୍ଦେହରେ ୨ ଅଟକ

ଗ୍ରାମବାସୀଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ମୋରଡ଼ା ଥାନା ଅଞ୍ଚଳରେ ପିଲାଚୋର ସକ୍ରିୟ ଥିବା ନେଇ ଏକ ଗୁଜବ ପ୍ରକାଶ ପାଇବା ପରେ ଗତ କିଛି ଦିନ ହେବ ଏହାକୁ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ରାତି କ'ଣ, ଦିନରେ ବି ଅଭିଭାବକମାନେ ନିଜ ଶିଶୁଙ୍କୁ ଘର ବାହାରକୁ ଛାଡୁନାହାନ୍ତି। ଏପରିକି, କିଛି ଗାଁର ଗ୍ରାମବାସୀ ରାତିରେ ଠେଙ୍ଗାବାଡ଼ି ଧରି ଗାଁରେ ପଇଁତରା ମାରୁଛନ୍ତି। ସେମାନେ ବାହାର ଲୋକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ସହ ଅଟକାଇ ନାନା ପ୍ରଶ୍ନ କରୁଛନ୍ତି। ଆଜି ଦିନ ପ୍ରାୟ ୧୨ଟାରେ ଏହି ଥାନା ଅଧୀନ ଡେଙ୍ଗାଷୋଳ ଲୋଧାସାହି ନିକଟରେ ଚାରିଜଣ ଯୁବକ ଏକାସାଙ୍ଗରେ ଗାଁକୁ ଆସୁଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନଙ୍କ ମଧ୍ୟରୁ ୩ଜଣ ଯୁବକ ଦୌଡ଼ି ପଳାଇଥିଲେ। ଗାଁଲୋକ ଅନ୍ୟଜଣଙ୍କୁ କାବୁ କରି ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିଥିଲେ। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଦରମରା ଅବସ୍ଥାରେ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ତେବେ ସେଠାରେ ଘଣ୍ଟାଏ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ପାଖାପାଖି ୧୫ବର୍ଷ ତଳେ ମୟୂରଭଞ୍ଜ ଜିଲ୍ଲାରେ ଏମିତି ପିଲାଚୋରିକୁ ନେଇ ଗୁଜବ ଫଳରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ସେତେବେଳେ ପ୍ରଶାସନଠାରୁ ଆରମ୍ଭ କରି ପୁଲିସ ଲୋକଙ୍କୁ ସଚେତନ କରାଇଥିଲେ। ଏବେ ପୁଣି ଏ ପ୍ରକାରର ଗୁଜବ ଜିଲ୍ଲାର ଆଇନଶୃଙ୍ଖଳା ପ୍ରତି ଏକ ଆହ୍ୱାନ ହୋଇଛି।

ସେହିପରି ଅନ୍ୟ ଏକ ଘଟଣାରେ ପିଲା ଚୋର ସନ୍ଦେହରେ ଦୁଇଜଣ ଯୁବକଙ୍କୁ ଗ୍ରାମବାସୀ ଧରି ପୁଲିସ ଜିମା ଦେଇଛନ୍ତି। ଗୋରୁମହିଷାଣୀ ପୁଲିସ ଦୁହିଁଙ୍କୁ ଅଟକ ରଖି ପଚରାଉଚରା କରୁଛି। ପିଲାଚୋରି ନେଇ ଗୁଜବ ଯୋଗୁଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭୟର ବାତାବରଣ ଖେଳିଯାଇଛି। ଆଜି ଜିଲ୍ଲାର ଚାନ୍ଦୁଆ ଥାନା ଓ ବାଲେଶ୍ୱର ଥାନା ଅଞ୍ଚଳର ଦୁଇଜଣ ବ୍ୟକ୍ତି କୌଣସି କାରଣ ନିମନ୍ତେ ସ୍ଥାନୀୟ ଅଞ୍ଚଳକୁ ଆସିଥିଲେ। ସେମାନଙ୍କୁ ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି।

## ବାଙ୍ଗିରିପୋଷିରେ ଲଜ୍ଜା

# ଗଣଦୁଷ୍କର୍ମ ପୀଡ଼ିତା ନାବାଳିକା ଗର୍ଭବତୀ

ବାରିପଦା, ୨୩।୨(ସମିସ): ଗଣଦୁଷ୍କର୍ମ ପୀଡ଼ିତା ଜଣେ ନାବାଳିକା ୪ ମାସର ଗର୍ଭବତୀ ହେବା ଘଟଣା ଆଜି ମୟୂରଭଞ୍ଜ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୋମବାର ରାତିରେ ନାବାଳିକାଙ୍କ ପରିବାରଲୋକ ବାଙ୍ଗିରିପୋଷି ଥାନାରେ ଏନେଇ ଅଭିଯୋଗ କରିବା ପରେ ଏହି ସାଂଘାତିକ ଘଟଣା ପଦାକୁ ଆସିଛି। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୪ଜଣଙ୍କ ନାଁରେ ଏତଲା**

କିନ୍ତୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଏ ସଂପର୍କରେ ବେଶି କିଛି କହିବାକୁ ମନା କରିଦେଇଛି। ନାବାଳିକାଙ୍କୁ ୪ଜଣ ଯୁବକ ଗଣଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, କିଛି ଦିନ ହେଲା ନାବାଳିକାଙ୍କ ମାନସିକ ଓ ଶାରୀରିକ ପରିବର୍ତ୍ତନ ଦେଖି ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଇବାରୁ ନାବାଳିକାଜଣଙ୍କ ୪ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ସଂପର୍କରେ ତାକୁ ପଚରାଉଚରା କରିବାରୁ ପାଖାପାଖି ୪/୫ ମାସ ତଳେ ୪ଜଣ ଯୁବକ ତାକୁ ଗଣଦୁଷ୍କର୍ମ କରିଥିଲେ ବୋଲି କହିଥିଲା। ଏପରିକି, ଏ ସଂପର୍କରେ କାହାରିକୁ କହିଲେ, ତାକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା।

## ଚୌଦ୍ୱାର ଜେଲରୁ ବିହାରୀ କଏଦୀ ଚମ୍ପଟ୍ ଘଟଣା

# ମଶାଧୂପ ଗୁଣ୍ଡ ଓ ଚିନିରେ ଜେଲ୍ କର୍ତ୍ତୃପକ୍ଷଙ୍କୁ ଚକ୍‌ମା

କଟକ, ୨୩।୨ (ସମିସ): ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା କୁଖ୍ୟାତ ବିହାରୀ କଏଦୀ ମଧୁକାନ୍ତ ରାଣା ୬ ଦିନିଆ ରିମାଣ୍ଡରେ ପୁଲିସ ନିକଟରେ ନିଜର ଫେରାର୍ କାହାଣୀ ବଖାଣିଛି। ପାଣିକୋଇଲି ଗୁଳିକାଣ୍ଡ ମାମଲାରେ

**■ ୬ ଦିନିଆ ରିମାଣ୍ଡରେ ସତ ଉଗାରିଲା ମଧୁକାନ୍ତ**
**■ ୪ ଖଣ୍ଡ ଆରି ବ୍ଲେଡ୍‌ରେ କାଟିଥିଲେ ସେଲ୍‌ର ଗ୍ରୀଲ୍**



ଆଜୀବନ କାରାଦଣ୍ଡ କିମ୍ବା ଫାଶୀ ପାଇବା ଭୟରେ ମଧୁକାନ୍ତ ଓ ତାର ସାଥୀ ରାଜା ସାହାଣୀ ଜେଲରୁ ଖସିଯିବାକୁ ଯୋଜନା କରିଥିଲେ। ଏହି ଯୋଜନାର ମାଷ୍ଟରମାଇଣ୍ଡ ଥିଲା ରାଜା। ଜେଲ ପରିସରରୁ ମିଳିଥିବା ଏକ ଆରି ବ୍ଲେଡ୍‌କୁ ଚାରି ଖଣ୍ଡ କରି ଦୁହେଁ ନିଜ ପାଖରେ ରଖିଥିଲେ। ପ୍ରାୟ ୨୫ରୁ ୩୦ ଦିନ ଧରି ବିଳମ୍ବିତ ରାତିରେ ସେମାନେ ନିଜ ସେଲ୍‌ର ଗ୍ରୀଲ୍‌କୁ ଅଳ୍ପଅଳ୍ପ କାଟୁଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ରୀଲ୍ କଟା ଯାଇଥିବା ସ୍ଥାନକୁ ଲୁଚାଇବା ପାଇଁ ସେମାନେ ମଶାଧୂପ ଗୁଣ୍ଡ ଏବଂ ଚିନିରେ ଏକ ପେଷ୍ଟ ତିଆରି କରି ଲଗାଉଥିଲେ। ଏହାଦ୍ୱାରା ଜେଲ୍ କର୍ତ୍ତୃପକ୍ଷଙ୍କ ଆଖିରେ ଧୂଳି ଦେବାରେ ସେମାନେ ସଫଳ ହୋଇଥିଲେ।

ଦଶହରା ରାତିରେ ଯେତେବେଳେ ଗ୍ରୀଲ୍ ସମ୍ପୂର୍ଣ୍ଣ କଟିଯାଇଥିଲା, ଦୁହେଁ ନିଜର କମ୍ବଳ, ଚାଦର ଏବଂ ଲୁଙ୍ଗି ସାହାଯ୍ୟରେ ପାଚେରି ଡେଇଁ ଜେଲରୁ ଖସି ପଳାଇଥିଲେ। ସେଠାରୁ ଟ୍ରେନ୍ ଯୋଗେ ପୁରୀ ଏବଂ ପରେ ବିହାର, ଆସାମ, ନାଗାଲାଣ୍ଡ ହୋଇ ନେପାଳ ପର୍ଯ୍ୟନ୍ତ ପଳାଇଥିଲେ। ନେପାଳରେ ରାଜା ସାହାଣୀଠାରୁ ଅଲଗା ହୋଇ ମଧୁକାନ୍ତ ଉତ୍ତରପ୍ରଦେଶର ବୃନ୍ଦାବନରେ ଏକ ଆଶ୍ରମରେ ୭ ହଜାର ଟଙ୍କା ଦରମାରେ ଚାକିରି କରୁଥିଲା। କମିସନରେଟ୍ ପୁଲିସର ସ୍ପେଶାଲ୍ ଟିମ୍ ସାଦା ପୋଷାକରେ ବୃନ୍ଦାବନ ଯାଇ ବିଭିନ୍ନ ଆଶ୍ରମରେ ଖୋଜାଖୋଜି କରିଥିଲେ। ଶେଷରେ ଜଣେ ପାନ ଦୋକାନୀଙ୍କ ସହାୟତାରେ ମଧୁକାନ୍ତର ପରିଚୟ ମିଳିଥିଲା। ପୁଲିସ ନିଜକୁ ଭକ୍ତ ସଜାଇ ଆଶ୍ରମକୁ ଫୋନ୍ କରିବା ପରେ ମଧୁକାନ୍ତ ନିଜେ ସେମାନଙ୍କୁ ପାଛୋଟି ଆଣିବାକୁ ଆସିବା ସମୟରେ ଧରାପଡ଼ିଥିଲା।

ରିମାଣ୍ଡ ବେଳେ ମଧୁକାନ୍ତ ଏକ ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ସେ କହିଛି, ସେମାନଙ୍କ ଗ୍ୟାଙ୍ଗରେ ପାଖାପାଖି ୧୫୦ଜଣ ସଦସ୍ୟ ଅଛନ୍ତି। ଏହି ଗ୍ୟାଙ୍ଗ ସାରା ଦେଶରେ ବ୍ୟାଙ୍କ ଏବଂ ସୁନା ଦୋକାନ ଡକାୟତିରେ ସଂପୃକ୍ତ। ଏହି ଅପରାଧୀ ଗୋଷ୍ଠୀର ମାଷ୍ଟରମାଇଣ୍ଡ ନେପାଳରେ ବସି ସମସ୍ତ ଆପରାଧିକ କାର୍ଯ୍ୟକୁ ଅପରେଟ୍ କରୁଛି ଏବଂ ସେଠାରେ ତାର ଏକ ବଡ଼ ତାରକା ହୋଟେଲ ମଧ୍ୟ ରହିଛି। ମଧୁକାନ୍ତଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ ଏବେ ଅନ୍ୟତମ ଫେରାର୍ କଏଦୀ ରାଜା ସାହାଣୀକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଜାଲ ବିଛାଇଛି।

**■ କ୍ରସରରେ ଅଗ୍ନିକାଣ୍ଡ**

# ଜଳିଗଲା ୪ ଡିଜେଲ୍ ଟ୍ୟାଙ୍କର୍



ଢେଙ୍କାନାଳ, ୨୩।୨(ସମିସ): ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଅଞ୍ଚଳରେ ଥିବା ମା' ତାରିଣୀ କ୍ରସର୍‌ରେ ଆଜି ସଂଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କୌଣସି କାରଣରୁ ନିଆଁ ଲାଗି କ୍ରସର୍ ପରିସରରେ ଥିବା ୪ଟି ଡିଜେଲ୍ ଟ୍ୟାଙ୍କର୍ ଜଳିପୋଡ଼ି ଛାରଖାର ହୋଇଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଆଖପାଖ ଅଞ୍ଚଳରେ ଆକାଶର ରଙ୍ଗ ରକ୍ତିମବର୍ଣ୍ଣ ଧାରଣ କରିଥିଲା। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନଥିବା ଜଣାଯାଇଛି। ଖଜୁରିକଟା, ହିନ୍ଦୋଳ ରୋଡ୍ ଓ ରାସୋଳ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ିନାହିଁ। ଅପରପକ୍ଷେ, ଖବର ପାଇ ହିନ୍ଦୋଳ ଉପଜିଲ୍ଲାପାଳ ଓ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଛନ୍ତି।

# ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରିକୁ ବିଜେଡିର ବିରୋଧ

ଭୁବନେଶ୍ୱର,୨୩।୨(ସମିସ): ରାଜ୍ୟ ସରକାରଙ୍କର ଟେଟ୍ରା ପ୍ୟାକରେ ମଦ ବିକ୍ରିର ନିଷ୍ପତ୍ତିକୁ ଦୃଢ଼ ନିନ୍ଦା କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିଜୁ ମହିଳା ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା

**■ ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ରାଜ୍ୟ ସରକାର**
**■ ପ୍ରତି ଘରେ ମଦ ପହଞ୍ଚାଇବାକୁ ବିଜେପି ଦୃଢ଼ ପ୍ରତିଜ୍ଞ**
**■ ମଦ ରାଜସ୍ୱ ହେଲାଣି ୧୦,୦୦୦ କୋଟି ଟଙ୍କା**



ସୁମିତ୍ରା ଜେନା ସରକାରଙ୍କ ନିଷ୍ପତ୍ତିକୁ ଅନୈତିକ ଓ ଯୁବ ବିରୋଧୀ ଅଭିହିତ କରି ଏହାକୁ ତୀବ୍ର ସମାଲୋଚନା କରିଛନ୍ତି।

ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ନିର୍ବାଚନ ସମୟରେ ବିଜେପି ଓଡ଼ିଶାକୁ ମଦମୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲା; କିନ୍ତୁ ଏବେ ଟେଟ୍ରା ପ୍ୟାକ୍ ପ୍ୟାକେଜିଂ ପ୍ରଚଳନ କରି ଓଡ଼ିଶାକୁ ମଦଯୁକ୍ତ ରାଜ୍ୟରେ ପରିଣତ କରିବାକୁ ଯାଉଛନ୍ତି । ମଦ ବିରୋଧରେ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମଦକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି, ଯେଉଁଥିପାଇଁ ପ୍ରଥମଥର ପାଇଁ ମଦରୁ ରାଜସ୍ୱ ଆୟ ୧୦,୦୦୦ କୋଟି ଟଙ୍କା ଅତିକ୍ରମ କରିଛି । ପୂର୍ବ ସରକାରଙ୍କ ଦ୍ୱାରା ବନ୍ଦ ହୋଇଥିବା ୭୦ଟି ମଦ ଦୋକାନ ଗୁଡ଼ିକୁ ପୁନର୍ବାର ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ କଥା । ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ଅପେକ୍ଷା, ରାଜସ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି । ମହୁଲିରୁ ମଦ, ମାଣ୍ଡିଆରୁ ମଦ ଓ ଗନ୍ଧହୀନ ମଦ, ନୂତନ ପ୍ରକାରର ମଦ ପ୍ରଚଳନ ପାଇଁ ସରକାର ଉଦ୍ୟମ କରୁଛନ୍ତି। ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନା ଗୁଡ଼ିକର ନାମ ଓ ରଙ୍ଗ ପରିବର୍ତ୍ତନ କରିଛନ୍ତି । ରାଜ୍ୟ ବିଜେପି ସରକାରଙ୍କ ନିଜସ୍ୱ ଯୋଜନା ବୋଲି କିଛି ନାହିଁ । ସରକାରଙ୍କର ଏହି ନିଷ୍ପତ୍ତି ଛାତ୍ର ଓ ଯୁବକ ଯୁବତୀ ମାନଙ୍କ ଉପରେ ନକାରାକକ ପ୍ରଭାବ ପକାଇବ। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦୃଢ ଦାବି କରିଥିଲେ।

ସୁମିତ୍ରା ଜେନା କହିଥିଲେ ଯେ ଟେଟ୍ରା ପ୍ୟାକରେ ମଦ ବିକ୍ରି ଛାତ୍ରମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ । କୌଣସି ଦାୟିତ୍ୱସମ୍ପନ୍ନ ସରକାର ଏହିଭଳି ନୀତିକୁ ପ୍ରୋତ୍ସାହନ ଦେବା ଅତ୍ୟନ୍ତ ନିନ୍ଦନୀୟ। ଆହୁରି ଆଶ୍ଚର୍ଯ୍ୟଜନକ ଯେ ନିଜେ ଅବକାରୀ ମନ୍ତ୍ରୀ ଏଭଳି ଅନୈତିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି । ଗୁଟଖା ନିଷେଧ ଉପରେ ବିଜେପିର ୟୁ-ଟର୍ଣ୍ଣ ସେମାନଙ୍କର ଦୋମୁହାଁ ନୀତିକୁ ପ୍ରଦର୍ଶିତ କରୁଛି । ଟେଟ୍ରା ପ୍ୟାକରେ ମଦ ବିକ୍ରି ପାଇଁ ସରକାର ନେଇଥିବା ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡି ଦାବି କରୁଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

## ତିନି ଘଟଣାକୁ ନେଇ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

# ବିଜେପି ସରକାର ଆସିବା ପରେ ରାଜ୍ୟରେ ମହିଳା ଅସୁରକ୍ଷିତ

ଭୁବନେଶ୍ୱର,୨୩।୨(ସମିସ): ବିଜେପି ସରକାର ଆସିଲା ଦିନଠାରୁ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଷ୍କର୍ମ, ଗଣଦୁଷ୍କର୍ମ, ନିର୍ଯାତନା, ଆତ୍ମଦାହ ଏବଂ ନିଖୋଜ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ପ୍ରଶ୍ନ ଉଠାଇ ସରକାରଙ୍କ ଉପରେ ବର୍ଷିଛନ୍ତି।



ଶ୍ରୀମତୀ ସାହୁ କହିଛନ୍ତି ଯେ ବର୍ତ୍ତମାନ ବିଧାନସଭା ଚାଲିଛି ଏବଂ ମହିଳାଙ୍କ ଉନ୍ନତି ପାଇଁ ମାଳ ମାଳ ଯୋଜନା ଘୋଷଣା ଚାଲିଛି। ହେଲେ ଭଦ୍ରକ ଜିଲ୍ଲାର ବିଜୟଲକ୍ଷ୍ମୀ ଚାକିରୀ ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ କରି ନିରାଶ ହେଲାପରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ନିଜ ଦେହରେ ନିଆଁ ଲଗାଇ ଆତ୍ମଦାହ ଉଦ୍ୟମ କରିଛନ୍ତି। ସେହିଭଳି ଭୁବନେଶ୍ୱରରେ ଜଣେ ଯୁବତୀଙ୍କୁ ଜଣେ ଆଇଆରଏସ ଅଫିସର ଆପତ୍ତିଜନକ ଫଟୋ, ଭିଡିଓ ଉଠାଇ ଏବଂ ଏହା ମାଧ୍ୟମରେ ବ୍ଲାକମେଲ କରି ବାରମ୍ବାର ଦୁଷ୍କର୍ମ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଅଞ୍ଚଳରେ ଅକ୍ସଫୋର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟିକରି ଓଡ଼ିଶାକୁ

### କେନ୍ଦ୍ରାପଡ଼ା ଘଟଣାରେ ବିଜେପି ନେତାଙ୍କୁ ତଦନ୍ତ ପରିସରଭୁକ୍ତ ପାଇଁ ଦାବି

ଲଜ୍ଜିତ କରିଛି। ଏଠାରେ ଏକ ୭ମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ତିନିଜଣ ଶିକ୍ଷକ ଦୁଷ୍କର୍ମ କରୁଥିଲେ। ଏସବୁ ଘଟଣା କ'ଣ ବିଜେପି ଦଳର ଗୁରୁ ପରମ୍ପରା ଶିକ୍ଷା କି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।

ଅନ୍ୟ କୌଣସି ରାଜ୍ୟରେ ଓଡ଼ିଆ ଝିଅ ଦୁଷ୍କର୍ମର ଶିକାର ହେଲେ ମୁଖ୍ୟମନ୍ତ୍ରୀ ଫୋନରେ କଥା ହୋଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଛନ୍ତି। ନିଜ ରାଜ୍ୟରେ ଘଟିଥିବା ଅତ୍ୟନ୍ତ ପୀଡ଼ାଦାୟକ ଘଟଣାରେ ଭେଟିବା ତ ଦୁର କଥା ଫୋନଟିଏ ମଧ୍ୟ କେମିତି କରିପାରୁ ନାହାନ୍ତି ବୋଲି ସେ କହିଛନ୍ତି। କେନ୍ଦ୍ରାପଡ଼ା ଘଟଣାରେ ସମ୍ପୃକ୍ତ ବିଦ୍ୟାଳୟ ସହିତ ବିଜେପି ନେତା ତଥା ଆଳିର ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କର ନିଶ୍ଚୟ ସମ୍ପର୍କ ଅଛି ବୋଲି ଶ୍ରୀମତୀ ସାହୁ ଅଭିଯୋଗ ଆଣିଛନ୍ତି। ସାଧାରଣତଃ କୌଣସି ବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ କିଛି କାର୍ଯ୍ୟକ୍ରମ ହେଲେ ସେଠାକାର ବିଧାୟକ, ସାଂସଦ, ଜିଲ୍ଲାପାଳ ଆଦିଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରାଯାଇଥାଏ। କିନ୍ତୁ ଏହି ସ୍କୁଲ କାର୍ଯ୍ୟକ୍ରମରେ ପରାଜିତ ବିଜେପି ପ୍ରାର୍ଥୀଙ୍କୁ ମୁଖ୍ୟ ଅତିଥି କରାଯାଇଥିଲା ଏବଂ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ହୋଇ ସ୍କୁଲର ପ୍ରଶସ୍ତିଗାନ କରି ଗୁରୁକୁଳ ଆଶ୍ରମ ବୋଲି ଅଭିହିତ କରିଥିଲେ। ତେଣୁ ଶ୍ରୀ ପଣ୍ଡାଙ୍କୁ ଅନୁସନ୍ଧାନ ପରିଧିରେ ଆଣିବା ସହ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଛନ୍ତି।

**ଟିପିଡବ୍ଲୁଓଡିଏଲ ଟାରିଫ ଦରଖାସ୍ତ ଶୁଣାଣି**

# 'ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇଁ ଗ୍ରିଡ୍‌କୋ ଦାୟୀ'

ଭୁବନେଶ୍ୱର, ୨୩।୨(ସମିସ): ଗତ ୮ ବର୍ଷ ଧରି ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ଜାତୀୟ ହାରାହାରି ଟାରିଫ ତୁଳନାରେ ଅଧିକ ଶୁଳ୍କ ଦେଉଛନ୍ତି। ସେଥିପାଇଁ ଗ୍ରିଡକୋ ସମ୍ପୂର୍ଣ୍ଣ ଦାୟୀ, କାରଣ ବିତରଣ କମ୍ପାନୀ ଏହାର ସମୁଦାୟ ବାର୍ଷିକ ଖର୍ଚ୍ଚର ୭୦ ପ୍ରତିଶତ ବିଦ୍ୟୁତ୍ କ୍ରୟ ବାବଦକୁ ଗ୍ରିଡ୍‌କୋକୁ ପରିଶୋଧ କରୁଛି। ଗତ ୨୦ ବର୍ଷରେ (୨୦୦୬-୦୭ ରୁ ୨୦୨୫-୨୬) ଉପଭୋକ୍ତା ଟାରିଫ ୯୮ ପ୍ରତିଶତ ବୃଦ୍ଧିହେବା ପଛରେ ଗ୍ରିଡକୋର ପାଇକାରୀ ମୂଲ୍ୟ ୧୭୪ ପ୍ରତିଶତ ବୃଦ୍ଧି ସମ୍ପୂର୍ଣ୍ଣ ଦାୟୀ ବୋଲି ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲର ଟାରିଫ ଦରଖାସ୍ତ ଶୁଣାଣିରେ ଅଭିଯୋଗ ଆଣିଛନ୍ତି ଶକ୍ତି ସମୀକ୍ଷକ। ବିଦ୍ୟୁତ ଉତ୍ପାଦନ କମ୍ପାନୀମାନଙ୍କର ଆକଳିତ ଟାରିଫକୁ ଉପଭୋକ୍ତା ଆଜି ପର୍ଯ୍ୟନ୍ତ ବହନ କରି ଆସୁଥିଲେ ବି ତାହାର ବାସ୍ତବତାକୁ ହିସାବ କରିବାରେ ଗ୍ରୀଡକୋ ବିଫଳ ହୋଇଛି। ଫଳରେ ଉପଭୋକ୍ତା ଅଧିକ ବିଲ ଭରଣା କରୁଛନ୍ତି। ସେହିପରି ଓଡ଼ିଶାରେ ଉପଲବ୍ଧ ଶସ୍ତା ବିଦ୍ୟୁତ୍‌କୁ ଗ୍ରିଡକୋ କ୍ରୟ ନକରି କେନ୍ଦ୍ର ଠାରୁ ମହାଙ୍ଗା ବିଦ୍ୟୁତ୍ କ୍ରୟ କରୁଛି, ଫଳରେ ଉପଭୋକ୍ତା ଅଧିକ ବିଦ୍ୟୁତ୍ ଶୁଳ୍କ ଦେଉଛି ବୋଲି ଶୁଣାଣିରେ କ୍ଷୋଭ ପ୍ରକାଶ କରିଥିଲେ ସମୀକ୍ଷକ ଆନନ୍ଦ ମହାପାତ୍ର। ଶ୍ରୀ ମହାପାତ୍ରଙ୍କ ଏପରି ଅଭିଯୋଗର ସମାଧାନ କରିବା ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ପ୍ରତିଶ୍ରୁତି ଦେଇଛନ୍ତି।

ଆସନ୍ତା ବର୍ଷ (୨୦୨୬-୨୭)ର ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପାଇଁ ସୋମବାର ଶେଷ ଦିନରେ ବୁର୍ଲାଠାରେ ଟିପିଡବ୍ଲ୍ୟୁଓଡିଏଲର ରାଜସ୍ୱ ଆବଶ୍ୟକତା ଓ ଟାରିଫ ଦରଖାସ୍ତ ଉପରେ ଓଇଆରସି ଜନଶୁଣାଣି କରିଥିଲେ। ଜନଶୁଣାଣି ପ୍ରାରମ୍ଭରେ ଟିପିଡବ୍ଲ୍ୟୁଓଡିଏଲ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଲେ ଯେ ୨୦୨୬-୨୭ରେ ଗ୍ରୀଡକୋଠାରୁ ୧୧୯୫୩ ନିୟୁତ ୟୁନିଟ କ୍ରୟକରି ୧୦୩୨୨ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରି କରିବା ପାଇଁ ସମୁଦାୟ ୬୮୬୨ କୋଟିଟଙ୍କା ଆବଶ୍ୟକ କରୁଛି। ଚଳିତ ବର୍ଷପାଇଁ ବିତରଣ କ୍ଷତି ୧୫.୦୫ ପ୍ରତିଶତ ଥିବାବେଳେ ଆସନ୍ତା ବର୍ଷପାଇଁ ୧୩.୬୪ ପ୍ରତିଶତ ରହିବ। ଚଳିତ ବର୍ଷର ଟାରିଫ ଅନୁସାରେ ଆସନ୍ତା ବର୍ଷରେ ୬୨୮୪ କୋଟିଟଙ୍କା ଅଦାୟ ହେବ ଏବଂ ଅଣ-ଟାରିଫ ଆୟ ୪୧୭ କୋଟିଟଙ୍କା ହେବ।

ପ୍ରଥମ ଆପତ୍ତିକର୍ତ୍ତା ପୂର୍ବାଞ୍ଚଳ ରେଳପଥ ପ୍ରତିନିଧି ରିହାତି ମୂଲ୍ୟରେ ବିଦ୍ୟୁତ୍ ଯୋଗାଣ ପାଇଁ ନିବେଦନ କରିଥିଲେ। ପୂର୍ବତନ ବିଦ୍ୟୁତ ନିରୀକ୍ଷକ ଅକ୍ଷୟ ସାହାଣି କହିଲେ ଯେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ ଆୟୋଗ ଜାରି କରିଥିବା ନିୟମକୁ ବିତରଣ କମ୍ପାନୀ ବାରମ୍ବାର ଭଙ୍ଗ କରୁଥିଲେବି ଦୋଷୀ କର୍ମଚାରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଗ୍ରୀଡକୋର ପୂର୍ବତନ ବାଣିଜ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ କହିଲେ ଅନେକ ଶିଳ୍ପ ଉପଭୋକ୍ତାଙ୍କ ବିଦ୍ୟୁତ୍ ବ୍ୟବହାର କମ୍ ରହିଥିଲେ ବି ସେମାନଙ୍କୁ ସୁରକ୍ଷା ଜମା ଫେରସ୍ତ କରାଯାଇ ନାହିଁ। ଉଚ୍ଚ କ୍ଷମତା ଲାଇନ୍ ପାଇଁ ୮ ପ୍ରତିଶତ କ୍ଷତି ଅନୁମୋଦନ କରିବା ଉପରେ ଅଭିଯୋଗ କରି ଏହାକୁ ୪ ପ୍ରତିଶତ ଭିତରେ ସୀମିତ ରଖିବା ପାଇଁ ସେ ନିବେଦନ କଲେ। ଜନଶୁଣାଣି ପ୍ରକ୍ରିୟାରେ ପଞ୍ଜୀକରଣ ହୋଇନଥିବା ୫ ଜଣ ବିଦ୍ୟୁତ ଉପଭୋକ୍ତା ନିଜର ମତ ଉପସ୍ଥାପନ କରିଥିଲେ। ଶକ୍ତି ବିଭାଗ ତରଫରୁ ଉପସ୍ଥିତ ଥିବା ଅତିରିକ୍ତ ଶାସନ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ମାର୍ଚ୍ଚ ୨ ତାରିଖ ଭିତରେ ସରକାର ମତାମତ ଦାଖଲ କରିବେ ବୋଲି ଆୟୋଗଙ୍କୁ ଅବଗତ କରିଥିବା ଜଣାପଡ଼ିଛି।

**ମଣ୍ଡି ମୁକୁଳା**

# ଅଦିନିଆ ବର୍ଷାରେ ଭିଜିଲା କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ



କୋରୁକୋଣ୍ଡା, ୨୩।୨(ସମିସ): ଅଦିନିଆ ବର୍ଷା ଆଜି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ମୁକୁଳା ମଣ୍ଡିରେ ବିକ୍ରି ପାଇଁ ଗଚ୍ଛିତ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଅଦିନିଆ ବର୍ଷାରେ ଭିଜିଯାଇଛି। ପାଖାପାଖି ୭ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଭିଜିଯାଇଥିବା ଜଣାଯାଇଛି। ପ୍ରଶାସନ ତରଫରୁ ପର୍ଯ୍ୟାପ୍ତ ପରିମାଣର ଜରି ପାଲ ନଥିବା କାରଣରୁ କିଛି ଚାଷୀ ନିଜର ଜରି ପାଲ ଆଣି ନିଜ ଧାନକୁ ଘୋଡ଼ାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ହୋଇଥିଲା। ଏ ସଂପର୍କରେ କୋରୁକୋଣ୍ଡା ଲ୍ୟାମ୍ପ୍‌ସ ଅଧିକାରୀ ଅଭିମନ୍ୟୁ ହଲବାଙ୍କ କହିଛନ୍ତି, କୋରୁକୋଣ୍ଡା ମଣ୍ଡି ଅଧୀନରେ ପ୍ରାୟ ୭ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଗଚ୍ଛିତ ରହିଥିବା ବେଳ ସେଥିମଧ୍ୟରୁ ପ୍ରାୟ ୩ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଆଇ-ସ୍କାନ କରିବା ସହ ବିଭାଗ ପକ୍ଷରୁ କ୍ରୟ ସାରିଛି। କିନ୍ତୁ, ବର୍ତ୍ତମାନ ସୁଦ୍ଧା ମିଲର ଆସିନଥିବା କାରଣରୁ ଚାଷୀଙ୍କ ଧାନ ମଣ୍ଡିରୁ ଉଠାଯାଇପାରିନାହିଁ। ଅଦିନିଆ ବର୍ଷା କାରଣରୁ ସମସ୍ତ ଧାନକୁ ସୁରକ୍ଷା ଦେବାକୁ ଅସୁବିଧା ହୋଇଥିଲା। ଜରି ଆଣିବା ନିମନ୍ତେ ଜିଲ୍ଲାକୁ ଗାଡ଼ି ପଠାଯାଇଛି, ଆସିଲେ ଚାଷୀଙ୍କୁ ଯୋଗାଇ ଦିଆଯିବ। ସ୍ଥାନୀୟ ଚାଷୀ ପାଣ୍ଡୁ କବାସୀ, ଲକ୍ଷ୍ମଣ ମାଢ଼ୀ, ଦୁର୍ଯ୍ୟୋଧନ ମାଡକାମୀ, ଟାଇମ୍ପାସ ମଡକାମୀ, ରାଜୁ ମାଢ଼ୀ, ସମୀର ଦେବନାଥ, ପାଣ୍ଡା ଗଉଡ, ପଦଲାମ ଗୋଲାରି, ଡାୟାଲ ବନିକ, ରାକେଶ ମାଝୀ, ପୀତାମ୍ବର ନାରାୟଣ, ଜଗନ୍ନାଥ ହିଆଲଙ୍କ ସମେତ ଅନେକ ଚାଷୀ ନିଜ ନିଜର ଧାନକୁ ବର୍ଷା ଦାଉରୁ ରକ୍ଷା କରିବା ନିମନ୍ତେ ଧାନ ବସ୍ତା ତଳୁ ପାଣି ବାହାର କରିବାରେ ଲାଗିଛନ୍ତି। କିନ୍ତୁ ଏସବୁ ପରେ ବି ଘଟଣାସ୍ଥଳରେ କୌଣସି ଅଧିକାରୀଙ୍କ ଦେଖା ନ ମିଳିବା ଚାଷୀଙ୍କ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି।

### କୋଭିଡ ସହାୟତା ଅପେକ୍ଷାରେ ଆଶା କର୍ମୀ ଓ ଆଜୀବନ କଏଦୀଙ୍କ ପରିବାର

# କୋଭିଡ କାର୍ଯ୍ୟ ସମ୍ପାଦନ ବେଳେ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁ ଅଭିଯୋଗ

କଲମପୁର, ୨୩।୨(ସମିସ)

କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆଶା କର୍ମୀ ସ୍ୱର୍ଣ୍ଣଲତା ନାଏକଙ୍କ କୋଭିଡ ସଂକ୍ରମଣରେ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସ୍ୱର୍ଗତ ସ୍ୱର୍ଣ୍ଣଲତା ନାଏକଙ୍କ ଏକମାତ୍ର ପୁଅ ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ରହିଥିବା ବେଳେ ସ୍ୱାମୀ ଲଳିତ ମୋହନ ନାଏକ ବେରୋଜଗାରି ଭାବେ ଏକମାତ୍ର ରୋଜଗାରିଆ ସ୍ତ୍ରୀଙ୍କୁ ହରାଇ ଭାଙ୍ଗି ପଡ଼ିଛନ୍ତି। ଏପରିସ୍ଥଳେ ବାପ ପୁଅ କୋଭିଡ ସହାୟତା ପାଇଁ ବାରମ୍ବାର ଆବେଦନ କରି ଆସୁଛନ୍ତି। ଏପରିକି କଲମପୁର ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଜନ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଉଭୟ ବାପ ପୁଅଙ୍କୁ ଏଯାଏଁ କୌଣସି ସୁଫଳ ମିଳି ପାରିନାହିଁ। ସ୍ୱର୍ଣ୍ଣଲତାଙ୍କୁ ଆଶା ଦିଦି ଭାବେ ନିୟୋଜିତ ହୋଇଥିବା ଦାବିକୁ ବିଭାଗ ଖଣ୍ଡନ କରିବାରୁ ସହାୟତା ରାଶି ମିଳି ପାରୁ ନାହିଁ। ଅନ୍ୟପକ୍ଷରେ ସ୍ୱର୍ଣ୍ଣଲତାଙ୍କ ସହିତ କାମ କରୁଥିବା ଅନ୍ୟ ସାଥିମାନେ ସାକ୍ଷ୍ୟ ପ୍ରଦାନ କରୁଥିଲେ ମଧ୍ୟ ଉପଯୁକ୍ତ ତଦନ୍ତ ହେଉ ନଥିବାରୁ ଉଭୟ ବାପ ପୁଅ କୋଭିଡ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥି ସହିତ ପୁଣି ଏକ ପରିବାର କୋଭିଡ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ହାରାମାଲ ପଞ୍ଚାୟତ ବୋଦେଲବନ୍ଧ ଗ୍ରାମର ବନବାସ ଶବର ୨୯.୬.୨୦୧୫ ରୁ ବନ୍ଦି ଭାବେ ଜିଲ୍ଲା କାରାଗାର ଭବାନୀପାଟଣାରେ ରହି ଆସୁଥିଲେ। କଳାହାଣ୍ଡି, ଜିଲ୍ଲା କାରାଗାର ଭବାନୀପାଟଣା ଅଧିକ୍ଷକଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୨୭୧୮, ୧୫.୯.୨୦୨୦ ଅନୁସାରେ କଏଦୀ ବନବାସ ଶବରଙ୍କୁ ୮.୯.୨୦୨୦ ତାରିଖରେ କୋଭିଡ ପଜିଟିଭ ହେବାରୁ ତାଙ୍କୁ ବାନ୍ଦୋପଲା ସ୍ଥିତ କୋଭିଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ୧୪.୯.୨୦୨୦

**ସହକର୍ମୀ କହିଛନ୍ତି କାମ କରୁଥିଲା, ବିଭାଗ କରୁଛି ଖଣ୍ଡନ**

ତାରିଖରେ କିମ୍ସ ହସପିଟାଲ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇ ଥିବାରୁ ତାଙ୍କର ଦେଖାଶୁଣା କରିବାକୁ କଏଦୀ ବନବାସ ଶବରଙ୍କ ପିତା ଉର୍ଦ୍ଧ୍ୱବ ଶବରଙ୍କ ନିକଟକୁ ପତ୍ର ପ୍ରେରିତ ହୋଇଥିଲା। ଏହାପରେ ଉକ୍ତ ଜେଲ କର୍ତ୍ତୃପକ୍ଷଙ୍କ ନିକଟରୁ ପତ୍ର ସଂଖ୍ୟା ୨୭୩୬, ୧୮.୯.୨୦୨୦ ତାରିଖ ଅନୁସାରେ ଅନ୍ୟ ଏକ ପତ୍ର ଆସି ପହଞ୍ଚିଲା, ସେଥିରେ ଆଜୀବନ କଏଦୀ ବନବାସ ଶବରଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ସମ୍ବନ୍ଧୀୟ ବିଷୟ ରହିଥିବା ବେଳେ ଏହିପତ୍ର ବନବାସ ଶବରଙ୍କ ଝିଅ ମମତା ଶବର ନିକଟକୁ ପ୍ରେରିତ ହୋଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ ଗତ ୧୪.୯.୨୦୨୦ ଠାରୁ ବନବାସ ଶବର ଭୁବନେଶ୍ୱରସ୍ଥିତ କିମ୍ସ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ, ୧୮.୯.୨୦୨୦ ତାରିଖ ସକାଳ ୬ଟା ୧୩ ମିନିଟ ସମୟରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ସମ୍ପୃକ୍ତ ଡାକ୍ତରଖାନା ତରଫରୁ ସୂଚନା ମିଳିଛି। କିମ୍ସ ହସପିଟାଲ ଭୁବନେଶ୍ୱରରେ ଉପସ୍ଥିତ ରହି ପଞ୍ଚନାମା ଓ ବ୍ୟବଚ୍ଛେଦ ପ୍ରକ୍ରିୟାରେ ସହଯୋଗ କରିବା ସହିତ ମୃତଦେହକୁ ଉପସ୍ଥିତ ଥିବା ଜେଲ କର୍ମଚାରୀଙ୍କ ଠାରୁ ସଂସ୍କାର ଲାଗି ଗ୍ରହଣ କରିବାକୁ ଉଲ୍ଲେଖ ଥିଲା। ଆଜୀବନ କଏଦୀ ବନବାସ ଶବରଙ୍କ ମୃତ୍ୟୁର ଏତେସବୁ ପ୍ରମାଣପତ୍ର ରହିଥିବା ବେଳେ ଆଜିଯାଏଁ ସେମାନଙ୍କ ପାଖକୁ କୋଭିଡ ସହାୟତା ପହଞ୍ଚି ପାରିନାହିଁ। ପରିବାର ଲୋକଙ୍କ ସୂଚନା ଅନୁସାରେ ବନବାସ ଶବର ଓ ତାଙ୍କ ସ୍ତ୍ରୀ ମଧ୍ୟରେ କୌଣସି କାରଣ ବଶତଃ ଗଣ୍ଡଗୋଳରୁ ହତ୍ୟା ଅଭିଯୋଗ ହୋଇ ସେ ଜେଲ ଯାଇଥିଲେ। ମାଆ ହତ୍ୟାର ଶିକାର ହୋଇଥିବା ବେଳେ ବାପା ଜେଲରେ ସଜା କାଟିବା ସମୟରେ କୋଭିଡରେ ମୃତ୍ୟୁ ବରଣ କରିଛନ୍ତି। ବନବାସ ଶବରଙ୍କ ଗୋଟିଏ ପୁଅ ଓ ଦୁଇଟି ଝିଅ ରହିଛନ୍ତି। ଏହି ଅନାଥ ତିନି ଭାଇ ଭଉଣୀ କୋଭିଡ ସହାୟତାକୁ ଛଅ ବର୍ଷ ହେଲା ଅପେକ୍ଷା କରିଛନ୍ତି। ହେଲେ ଏଯାଏଁ ସେମାନଙ୍କ ପାଖକୁ କୋଭିଡ ସହାୟତା ରାଶି ପହଞ୍ଚି ପାରିନାହିଁ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ




ନୂଆପଡ଼ା, ୨୩।୨(ସମିସ): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସମରସିଂ ପଞ୍ଚାୟତ ସଭାଗୃହରେ ତୃଣମୂଳସ୍ତରୀୟ ଜନସାଧାରଣଙ୍କ ସୂଚନା ଓ ପାରଦର୍ଶିତା ପଦକ୍ଷେପ ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଜାଗୃତି ଯୋଜନା ସମ୍ବନ୍ଧରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ, କୋମନା ବିଡ଼ିଓ ପବିତ୍ର କୁମାର ସାମଲ, କୋମନା ସିଡିପିଓ ଦେବକୀ ମଲ୍ଲିକ, ବିଏସଏସଓ ସୀତାକାନ୍ତ ବନଗୋଲା, ସମରସିଂ ଗ୍ରାମ ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ରଣା, ପିଇଓ ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ସରକାରଙ୍କ ବିଭିନ୍ନ ଯୋଜନା କିପରି ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ସମସ୍ତ ବିଭାଗକୁ ଲୋକଙ୍କ ପାଖକୁ ପହଞ୍ଚିବାକୁ ଆହ୍ୱାନ କରିଥିଲେ। ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଦିଆଯାଉଥିବା ଆଇନ ସହାୟତା ବିଷୟରେ ଚର୍ଚ୍ଚା କରିଥିଲେ। ଏହି ଅବସରରେ ସମର ସିଂ ପଞ୍ଚାୟତରେ ପ୍ଲାଷ୍ଟିକ ଆବର୍ଜନା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସୁନାବେଡା ପଞ୍ଚାୟତରେ ପୁଲିସର ସିଭିକ ଆକ୍ସନ କ୍ୟାମ୍ପ

ନୂଆପଡ଼ା/କୋମନା, ୨୩।୨(ସମିସ): ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ନିର୍ଦ୍ଦେଶମତେ କୋମନା ଥାନା ଅନ୍ତର୍ଗତ ସୁନାବେଡା ପଞ୍ଚାୟତର କୋଟ୍ରାବେଡା ଗ୍ରାମରେ ସିଭିକ ଆକ୍ସନ ଶିବିର ଅନୁଷ୍ଠିତ ହୋଇଯାଇଛି। କୋମନା ଥାନାଧିକାରୀ ରଶ୍ମିତା ପଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ସୁନାବେଡା ପଞ୍ଚାୟତର ସରପଞ୍ଚ ଓ ନାଏବ ସରପଞ୍ଚ, ପିଏଚସି ସୁନାବେଡାର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କୋଟ୍ରାବେଡା, ସାଲେପଡ଼ା ଓ ଛିନମୁଣ୍ଡି ଗ୍ରାମର ପ୍ରାୟ ୨୦୦ ଜଣ ଗ୍ରାମବାସୀ କ୍ୟାମ୍ପରେ ଯୋଗ ଦେଇଥିଲେ। ଏହି ଅବସରରେ ପୁଲିସ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଖୋଲା ଆଲୋଚନା କରି ପୁଲିସ ଜନସାଧାରଣ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଓ ପାରସ୍ପରିକ ଆସ୍ଥା ବୃଦ୍ଧି କରିବା ବିଷୟରେ ମତବିନିମୟ କରିଥିଲେ। କ୍ୟାମ୍ପରେ ସାଇବର ଅପରାଧ ପ୍ରତିରୋଧ, ସୁରକ୍ଷିତ ଶ୍ରମିକ ପ୍ରବାସ ଗମନ ଓ ପରିବହନ, ବାଲ୍ୟ ବିବାହ ନିରୋଧ, ସଡକ ସୁରକ୍ଷା ଓ ଦୁର୍ଘଟଣା ପ୍ରତିରୋଧ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ନୂତନ ଭାବେ ଲାଗୁ ହୋଇଥିବା ଅପରାଧିକ ଆଇନର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ



ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହୋଇ ରୋଗୀଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଏଥି ସହିତ ଗ୍ରାମବାସୀଙ୍କୁ କମ୍ବଳ, ସାଢ଼ି, ଲୁଙ୍ଗି, ଗାମୁଛା, ଟି-ଶର୍ଟ, ମଶାଦାନୀ, କ୍ରୀଡ଼ା ସାମଗ୍ରୀ (ନେଟ୍ ବଲ୍ ଓ କ୍ରିକେଟ୍ କିଟ୍) ଓ ସଙ୍ଗୀତ ଉପକରଣ ବଣ୍ଟନ କରାଯାଇଥିଲା।

## ଖଡ଼ିଆଳରେ ହିନ୍ଦୁ ସମ୍ମିଳନୀ
## ଯୋଗଦେଲେ ବହୁ ସଂଗଠନର କାର୍ଯ୍ୟକର୍ତ୍ତା

ନୂଆପଡ଼ା/ଖଡ଼ିଆଳ, ୨୩।୨(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଗ୍ରସେନ ଭବନରେ ଖଡ଼ିଆଳ ମଣ୍ଡଳ ସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାୟତ୍ରୀ ପରିବାର ତରଫରୁ ଦୀପ ଯଜ୍ଞ କରାଯାଇଥିବା ବେଳେ ଶ୍ରୀ ସତ୍ୟସାଇ ସଂଗଠନର ମହିଳା ମଣ୍ଡଳୀ ଦ୍ୱାରା ବେଦ ଆବୃତ୍ତି ସହିତ ଭଜନ ପରିବେଷଣ କରାଯାଇଥିଲା। ତାପରେ ଠାକୁର ଅନୁକୂଳ ଚନ୍ଦ୍ର ସତସଙ୍ଗ କେନ୍ଦ୍ର, ଖଡ଼ିଆଳ ଦ୍ୱାରା ଭଜନ କୀର୍ତ୍ତନ କରାଯାଇଥିଲା। ଶେଷରେ ସାଂସ୍କୃତିକ ସଭାର ଆୟୋଜନ କରାଯାଇଥିଲା। ସଭାରେ ବିନୋଦ ବିହାରୀ ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ପୁସ୍ତମ ସୁନାନୀ, ପ୍ରାଧ୍ୟାପକ ରୁଦ୍ର ମାଧବ ବାରିକ ମୁଖ୍ୟବକ୍ତା, ସହବକ୍ତା ଭାବରେ ପ୍ରଦୀପ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ଅରୁଣ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ବେହେରା, ପୂର୍ଣ୍ଣ ଚନ୍ଦ୍ର ସୁନାନୀ, ଅଶ୍ୱିନୀ ମହାପାତ୍ର, କୌଶିକ ସରାଫ ପ୍ରମୁଖ ମଞ୍ଚାସିନ ଥିଲେ। ବିଭୂତି ଭୂଷଣ ବିଶି ମଞ୍ଚ ପରିଚାଳନା କରିଥିବା ବେଳେ ଗରୁଡ଼େଶ୍ୱର ଗହୀର ଧନ୍ୟବାଦ ଅର୍ପଣ



କରିଥିଲେ। ସମ୍ମାନିତ ଅତିଥି ମାନେ ନିଜ ନିଜ ସଂଗଠନର ଆଭିମୁଖ୍ୟ ରଖିଥିବା ବେଳେ ମୁଖ୍ୟବକ୍ତା ରୁଦ୍ର ମାଧବ ବାରିକ ହିନ୍ଦୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପୁସ୍ତମ ସୁନାନୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଚାରଧାରା ଉପରେ ଆଲୋକପାତ କରିଥିବା ବେଳେ ସହବକ୍ତା ପ୍ରଦୀପ ରାଉତରାୟ ପଞ୍ଚ ପରିବର୍ତ୍ତନ ଉପରେ ଚର୍ଚ୍ଚା କରିଥିଲେ। ଶେଷରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖଡ଼ିଆଳର ଛାତ୍ରଛାତ୍ରୀ ସାମୂହିକ ଭାବରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଡ଼ିଆଳ ଖଣ୍ଡ ସଂଘ ଚାଳକ ବିନୋଦ ଅଗ୍ରୱାଲ, ଅକିଞ୍ଚନ ବାରିକ, ଗରୁଡ଼େଶ୍ୱର ଗହୀର, ରତ୍ନାକର ସାହୁ, କିଶୋର ଚନ୍ଦ୍ର ଗହୀର, ସଜ୍ଜନ ଅଗ୍ରୱାଲ, ସୁରେଶ ହଟୱାର, ଜନାର୍ଦ୍ଦନ ପାତ୍ର, ଆଶିଷ କୁମାର ପଣ୍ଡା, ଦିଲୀପ ତ୍ରିବେଦୀ, ରାଜାରାମ ଗହୀର, ପ୍ରଦୀପ ଖମାରୀ, ନରେନ୍ଦ୍ର ମେହେର, ଅଜିତ କିଶୋର ଚଳାନ, ସଞ୍ଜୟ ତିୱାରୀ, ପୁଷ୍ପ ମଞ୍ଜରୀ ଥପା, ତ୍ରିଲୋଚନ ବିଶି, ତାରକ ମହାନ୍ତି, ସତ୍ୟ ଦାଶ, ଯଶୋବନ ପଣ୍ଡା, ବିକ୍ରମ ଅଗ୍ରୱାଲ, ଭାନୁ ଚନ୍ଦ୍ର ସୁନାନୀ, ଧର୍ମେଷ ମେହେର, ବିକାଶ ବଂଶଳ ପ୍ରମୁଖ ସହଯୋଗ କରିଥିଲେ।

## ମଦ ଜବତ: ୨ ଗିରଫ



କୋକସରା, ୨୩।୨(ସମିସ): କୋକସରା ଅବକାରୀ ଥାନା ପକ୍ଷରୁ ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଅରୁଣ କୁମାର ଯୋଷୀଙ୍କ ନେତୃତ୍ୱରେ କୋକସରା ବ୍ଲକ କାଉଡୋଳା ଗ୍ରାମର ଚଢ଼ାଉ କରାଯାଇଛି। ଗ୍ରାମର ଅଶୋକ କୁମାର ସାହୁଙ୍କ ଠାରୁ ୯. ୭୫ ଲିଟର ବିଦେଶୀ ମଦ (ବିଅର) ଓ ଦୀନବନ୍ଧୁ ମାଝୀଙ୍କ ଠାରୁ ୯.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଉଭୟଙ୍କୁ କୋକସରା ଅବକାରୀ ଥାନା ପକ୍ଷରୁ ଗିରଫ କରିବା ସହିତ କୋର୍ଟ ଚାଲଣ କରାଯାଇଥିଲା। ତେବେ ୨ ଜଣଙ୍କୁ କୋର୍ଟରେ ବେଲ୍ ମିଳିଥିବା ଅବକାରୀ ବିଭାଗରୁ ସୂଚନା ମିଳିଛି। ଚଢ଼ାଉରେ ଅବକାରୀ ଓଆସି ଗୁପ୍ତେଶ୍ୱର ପଟେଲ, କନେଷ୍ଟବଳ ଖୁସିଦେବ କଟା, ଯଶୋବନ୍ତି ଭୋଇ, କୀର୍ତ୍ତନ ବାଗ, ଭୁଜବଳ ପଟେଲ ପ୍ରମୁଖ ସାମିଲ ଥିଲେ।

### ● ମାଁ ସୁବର୍ଣ୍ଣରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ
## ମାନଝରିକୁ ହରାଇ କାନ୍ଦୁଲଝେର ବିଜୟୀ

ଗୋଲାମୁଣ୍ଡା, ୨୩।୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଟିଙ୍ଗିପଦରଗ୍ରାମସ୍ଥିତ ସୁରେନ୍ ବାହେଲି ଖେଳ ପଡ଼ିଆରେ ମାଁ ସୁବର୍ଣ୍ଣରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ମାନଝରି ଓ କାନ୍ଦୁଲଝେର ମଧ୍ୟରେ ମ୍ୟାଚ୍ ହୋଇଥିଲା। ସମ୍ମାନିତ ଅତିଥି ଭାବେ କପୂର୍ଚନ ସେଠିଆ, ଜଗନ୍ନାଥ ମଲିକ, ଦେବରାଜ ଭାଟି, ବୈକୁଣ୍ଠ ବିହାରୀ, ମନୋହର ବିହାରୀ, ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମାନଝରି ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ କାନ୍ଦୁଲଝେର ଦଳ ୧୧ ଓଭର ଖେଳି ବିଜୟ ହାସଲ କରିଥିଲା। ଦିଲୀପ ବିହାରୀ ଏବଂ ସତ୍ୟବାନ ପ୍ରଧାନି ଅମ୍ପିଆର ଦାୟିତ୍ୱ ନିର୍ବାହ କରିଥିବା ବେଳେ ବାସୁଦେବ ମଲ୍ଲିକ ଖେଳ ଧାରାବିବରଣୀ ପ୍ରଦାନ କରିଥିଲେ। କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ୧୧ ଦାଦନ ଶ୍ରମିକ ଉଦ୍ଧାର: ସର୍ଦ୍ଦାର ଗିରଫ

ଧର୍ମଗଡ଼, ୨୩।୨(ସମିସ): ଧର୍ମଗଡ଼ ପୁଲିସ ଦାଦନ ଚାଲାଣ କରୁଥିବା ଦଲାଲ ସର୍ଦ୍ଦାରକୁ ଗିରଫ କରିବା ସହ ୧୧ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଦାଦନ ଶ୍ରମିକମାନେ ନୂଆପଡ଼ା ଜିଲ୍ଲା ରାଜଖଡ଼ିଆଲ ଥାନା ରାନୀମୁଣ୍ଡା ଓ ଦେଭୋଗ ଥାନା ସିନାପାଲି ଗ୍ରାମର ହୋଇଥିବା ଜଣାପଡ଼ିଛି। ଗତ ୫ଦିନ ତଳେ ଧର୍ମଗଡ଼ ଥାନା ଟିପିଗୁଡା ଗ୍ରାମର ଖୁବା ବଂଜରା ନାମକ ଜଣେ ବ୍ୟକ୍ତି ବିଭିନ୍ନ ପ୍ରଲୋଭନ ଦେଖାଇ ୧୧ଜଣ ଦାଦନ ଶ୍ରମିକଙ୍କୁ ନିଜ ଘରେ ରଖିଥିଲେ। କୁହାଯାଏ ଦଲାଲ ଖୁବା ଶ୍ରମିକମାନଙ୍କୁ



ଧର୍ମଗଡ଼ ସହରର ଏକ କମ୍ପାନୀରେ କାମ କରିବାକୁ ମିଛ କହି ହାଇଦ୍ରାବାଦ ଖତୁଗୁଡା ର ଏକ ଘରୋଇ ଠିକଦାର ଠାରେ ଛାଡ଼ିଦେବାକୁ ଯୋଜନା କରିଥିଲେ। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଦିଆଯିବାକୁ ପ୍ରଲୋଭନ ଦେଖାଇ ୧୫ହଜାର ଟଙ୍କା ଲେଖାଏଁ ଅଗ୍ରୀମ ମଧ୍ୟ ଦେଇଥିଲେ। ଦାଦନ ଶ୍ରମିକମାନେ ଦଲାଲଙ୍କ କଥାରେ ପ୍ରଲୋଭିତ ହୋଇ ଆସିଥିବା ବେଳେ ଦଲାଲ ଘରେ ରହିଥିଲେ। ହେଲେ ୫ଦିନ ଧରି ତାଙ୍କ ଘରେ ରହିବା ପରେ ଦାଦନଙ୍କ ଭିତରେ ଆଶଙ୍କା ଦେଖା ଦେଇଥିଲା। ଦଲାଲଙ୍କ ହାବଭାବକୁ ସନ୍ଦେହ କରି ସ୍ଥାନୀୟ ପୁଲିସକୁ ଜଣାଇ ଥିଲେ। ଧର୍ମଗଡ଼ ପୁଲିସ ତତ୍ପରତା ଦେଖାଇ ଟିପିଗୁଡାରେ ଚଢ଼ାଉ କରି, ୧୧ଜଣ ଶ୍ରମିକ କୁ ଉଦ୍ଧାର କରି ଦାଦନ ସର୍ଦ୍ଦାର କୁ ଗିରଫ କରିଛି। ଉଦ୍ଧାର ଶ୍ରମିକ ଙ୍କ ମଧ୍ୟରେ ୬ଜଣ ମହିଳା ଓ ୫ଜଣ ପୁରୁଷ ରହିଥିବା ଜଣାପଡ଼ିଛି। ସମସ୍ତେ ରାନିମୁଣ୍ଡା ଗ୍ରାମର ହୋଇଥିବା ବେଳେ ସୁରେଶ ବଂଜରା ଛତିଶଗଡ଼-ଦେଭୋଗ -ସିନାପାଲି ଗ୍ରାମର ହୋଇଥିବା ଜଣାପଡ଼ିଛି। ଧର୍ମଗଡ଼ ଥାନା କେଶ ନଂ ୮୯/୨୬ରେ ମାମଲା ରୁଜୁ କରି ପୁଲିସ ଦଲାଲ ଦାଦନ ସର୍ଦ୍ଦାରକୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ଦାଦନ ଶ୍ରମିକ ମଧ୍ୟରୁ ଦମୟନ୍ତି ମାଝୀ, କ୍ଷୀରସିନ୍ଧୁ ମାଝୀ, ଚୈତନ୍ୟ ମାଝୀ, ଖମେ ମାଝୀ, ଲଳିତା ମାଝୀ, କୁନି ମାଝୀ, ଯମୁନା ମାଝୀ, ମନ୍ଦାର ମାଝୀ, ଆକାଶ ମାଝୀ, ମୋହନ ମାଝୀ ଓ ଦେଭୋଗ ଅଞ୍ଚଳର ସିନାପାଲି ଗ୍ରାମର ସୁରେଶ ମାଝୀ ରହିଛନ୍ତି। ପୁଲିସ ପକ୍ଷରୁ ଦାଦନ ଶ୍ରମିକମାନଙ୍କୁ ନିଜ ନିଜ ଘରକୁ ସୁରକ୍ଷିତ ଭାବେ ଫେରାଇ ଥିବା ଜଣାପଡ଼ିଛି।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



କୋକସରା, ୨୩।୨(ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ଏବଂ ସରକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଧର୍ମଗଡ଼ ପକ୍ଷରୁ କୋକସରା ବ୍ଲକ ବଙ୍ଗୋମୁଣ୍ଡାସ୍ଥିତ ଉଦ୍ୟାନ ବିଭାଗର ନର୍ସରି ଠାରେ କୋକସରା ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ଧର୍ମଗଡ଼ ଏଡ଼ିଏଚ୍‌ଓ ମଳୟ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଟେମେରା ପଞ୍ଚାୟତ ସରପଞ୍ଚ କ୍ଷତିରାମ ପାତ୍ର, କୋକସରା ଏଏଓ ଦିବ୍ୟଜ୍ୟୋତି ପଣ୍ଡା, ଏଭିଏସ୍ ଡ଼ ଆଶିଷ ମହାପାତ୍ର, ଛତୁଚାଷ ବିଶେଷଜ୍ଞ ରିକିରାମ ପଟେଲ, ଓଏଲଏମ୍‌ରୁ ସୁରେଶ ରାଉତ, ସଞ୍ଜୀବ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ବ୍ଲକର ୩ଟି ପଞ୍ଚାୟତ ଆମପାଣି, ଟେମରା ଓ ମୋଟେର ପଞ୍ଚାୟତର ପ୍ରାୟ ୧୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗ ଦେଇଥିଲେ। ଏହିକ୍ରମରେ ଉଦ୍ୟାନ କୃଷି ବିଭାଗର ଅଧିକାରୀ ମାନେ ଧାନ ଚାଷ ପରବର୍ତ୍ତୀ ସମୟରେ କି' କି ପ୍ରକାରର ଚାଷ କରି ଅଧିକ ଲାଭବାନ ହୋଇପାରିବେ ଆଲୋଚନା କରିଥିଲେ। ଉଦ୍ୟୋଗିମାନଙ୍କୁ ଛତୁ ଚାଷ, ଫୁଲ ଚାଷ, ଛୋଲି ଚାଷ, ଗୋପାଳନ ଓ ବିଭିନ୍ନ ପନିପରିବା ଚାଷ ବିଷୟରେ ଚାଷି କିପରି ସ୍ୱାବଲମ୍ବି ହୋଇ ପାରିବ ପରାମର୍ଶ ଦେଇଥିଲେ। ଉଦ୍ୟାନ କୃଷି ବିଭାଗ ଅଧିନରେ ସରକାରୀସ୍ତରରେ ଚାଷୀଙ୍କ କି' କି ସୁବିଧା ରହିଛି ଓ ବିଭିନ୍ନ ସବସିଡି ଆଦିର ଲାଭ ଉଠାଇ ପାରିବେ ଆଲୋକପାତ କରିଥିଲେ। କର୍ମଶାଳାକୁ କୋକସରା ଏଏଚ୍‌ଓ ସୌରଭ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ଉଦ୍ୟାନ କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ● ବୋଡ଼େନ ବ୍ଲକ୍‌ରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି
## ୧୧ ବନବାସୀଙ୍କୁ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ

ନୂଆପଡ଼ା, ୨୩।୨(ସମିସ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଅଧ୍ୟକ୍ଷତା କରିଥିବାବେଳେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) କେ.



ମାଧବୀଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଧନେଶ୍ୱର ସେଠୀ, ବୋଡ଼େନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୬ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠିଗତ ଏହିଭଳି ମୋଟ ୩୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ରଇତ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୧୧ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଶିରୋନାମା ବଣ୍ଟନ କରାଯାଇଥିଲା। ହିତାଧୀକାରୀମାନେ ସାଲେପଡ଼ା ଗ୍ରାମର ଅଶୋକ ଦଳ, ଭୁବନେଶ୍ୱର ଦଳ, ଦୁର୍ଯ୍ୟୋଧନ ଦଳ, ଜୟସିଂ ଦଳ, ଦୁରାଦେଇ ମାଝୀ, ଦେବସିଂ ମାଝୀ ଓ ସୁକ୍ଲୀଭଟା ଗ୍ରାମର ଅଗସ୍ତିରାମ ଚିନ୍ଦା, ଚରଣ ଚିନ୍ଦା, କ୍ଷତ୍ର ଚିନ୍ଦା, ନିରାନ ଚିନ୍ଦା ଓ ତିକେରାମ ଚିନ୍ଦା। ବୋଡ଼େନ ବ୍ଲକ ପାଇଁ ୧୭ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଶିରୋନାମା ମଞ୍ଜୁର ହେଇଥିଲା ବେଳେ ୧୧ ଜଣଙ୍କୁ ବଣ୍ଟନ କରାଗଲା। ବୋଡ଼େନ ବିଡ଼ିଓ ସୁଶାନ୍ତ କୁମାର ରଣା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିର ଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା। ବାବେବିର ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛ ଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନ ଟିଏ, ପ୍ରାଣୀ ପାଇଁ ଦିନ ଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୃହପାଳିତ ପଶୁ ପକ୍ଷୀଙ୍କ ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ପାଇଁ ଦିନଟିଏ ନାମରେ ଗୋଟିଏ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା।

### ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମାନ

# 'ଓଡ଼ିଶାର ଅଣସାମ୍ବିଧାନିକ ଭାଷା ଓ ଓଡ଼ିଆ ଅସ୍ମିତା'

ଭବାନୀପାଟଣା, ୨୩।୨(ସମିସ)

ଓଡିଆ ଭାଷା ପ୍ରତିଷ୍ଠାନ ଓଡ଼ିଶା ସରକାରଙ୍କ ଆର୍ଥିକ ସହାୟତାରେ ଭବାନୀପାଟଣା ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ଓଡ଼ିଶାର ଅଣସାମ୍ବିଧାନିକ ଭାଷା ଓଡିଆ ଅସ୍ମିତାକୁ ନେଇ ରାଜ୍ୟସ୍ତରୀୟ ଓଡିଆ ଭାଷା ସମ୍ମାନ ଅନୁଷ୍ଠିତ ହୋଇଯାଇଅଛି। କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସ୍ତରୀୟ ସମ୍ମାନ ଉଦ୍‌ଘାଟନ କରି ସମସ୍ତ ପ୍ରତିଭାଗୀଙ୍କୁ ଭାଷାର ଆବଶ୍ୟକତା ଓ ମାଧୁର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଭବାନୀପାଟଣା ଡକ୍ଟର ଅଜୟକୁମାର ମିଶ୍ର, ଓଡିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ତଥା କୁଇ ଭାଷା



ବିଶେଷଜ୍ଞ ଡକ୍ଟର କ୍ଷେତ୍ରବାସୀ ମାନସେଠ୍, ଗବେଷକ ଡକ୍ଟର ରାଜେନ୍ଦ୍ର କୁମାର ପାଢ଼ୀ, ସମେତ ଓଡିଆ ଭାଷା ପ୍ରତିଷ୍ଠାନ ଓଡ଼ିଶା ସରକାରଙ୍କ ପ୍ରତିନିଧି ଅଜୟ ମଲ୍ଲିକ ଯୋଗଦେଇଥିଲେ। ସମୁଦାୟ ୮ଟି ପ୍ରସଙ୍ଗ ଆଲୋଚନା ହୋଇଥିବା ବେଳେ ତନ୍ମଧ୍ୟରୁ ଡକ୍ଟର କ୍ଷେତ୍ରବାସୀ ମାନସେଠ୍-କୁଇ ଭାଷା, ସାଇମନ୍ ବିଡିକା- ଭତରୀ ଭାଷା, ଡକ୍ଟର ରାଜେନ୍ଦ୍ର କୁମାର ପାଢ଼ୀ- ଦେଶିଆ ଭାଷା, ବ୍ରଜମୋହନ ମେହେର-କୋଶଲୀ ଭାଷା, ଡୋଳାମଣି ଧରୁଆ- ଗୋଣ୍ଡୀ ଭାଷା, ସବ୍ୟସାଚୀ ବିଶୋୟୀ- ଭତରୀ ଭାଷା, ଅଜିତ କୁମାର ଭୋଇ କନ୍ଧାନ ଭାଷା ଓ ଓଡିଆ ଅସ୍ମିତା ଉପରେ ନିଜସ୍ୱ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ ଓଡିଆ ଅସ୍ମିତା ଉପରେ ଏକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଅନ୍ୟାନ୍ୟ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନକରିଥିଲେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଅତିଥି ପରିଚୟ ପ୍ରଦାନ ସହ ସମ୍ମାନର ଉଦ୍ଦେଶ୍ୟ ଆଲୋଚନା କରିଥିବା ବେଳେ ଅଧ୍ୟାପକ ପୁରିତ ରଣା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଋତୁରାଜ ମାଝୀ, ରୂପଧର ଭୋଇ, ଗାଳ୍ପିକ ବିଜୟ ପ୍ରଧାନ, ଡିଲେଶ୍ୱର ରଣା, ଚନ୍ଦ୍ର ଦାଶ ପ୍ରମୁଖ ଅନେକ ଆଲୋଚକ ଅଂଶଗ୍ରହଣ କରିଥିଲେ। ସମ୍ମାନ କାର୍ଯ୍ୟକ୍ରମ ଭିତ୍ତିରେ ବକ୍ତୃତା, ପ୍ରବନ୍ଧ ଓ ଶୁଦ୍ଧ ଓଡିଆ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଓଡିଆ ଭାଷା ପ୍ରତିଷ୍ଠାନ ତରଫରୁ ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ଦାଶ, ଫାଲଗୁନୀ ପ୍ରଧାନୀ, ଅଧ୍ୟାପିକା ମିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୁଲ ସାହାଣି ଏହାର ସଫଳତା ପାଇଁ କାର୍ଯ୍ୟ କରିଥିଲେ। ସମୁଦାୟ ୨୩୦ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ।

## ୨୬ରୁ ରାଉରକେଲାରେ 'ସରସ ସ୍ୱଦେଶୀ ମେଳା'

# ସ୍ୱଦେଶୀ ଉତ୍ପାଦନ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ

ରାଉରକେଲା, ୨୩।୨(ସମିସ)




ସୁନ୍ଦରଗଡ଼ ଜିଲ୍ଲାର ବହୁ ପ୍ରତୀକ୍ଷିତ ସରସ ସ୍ୱଦେଶୀ ମେଳା ଆସନ୍ତା ୨୬ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ପ୍ରଶାସନର ସହଯୋଗରେ ଓର୍‌ମାସ ଦ୍ୱାରା ରାଉରକେଲାର ସେକ୍ଟର-୧୩ ମେଲଣା ପଡ଼ିଆରେ ଏହି ମେଳା ଆୟୋଜନ କରାଯାଉଛି ବୋଲି ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଡ. ମହାପାତ୍ର କହିଛନ୍ତି ଯେ ସ୍ୱଦେଶୀ ଉତ୍ପାଦନ ଏବଂ ସାମଗ୍ରୀକୁ ଲୋକଙ୍କ ପାଖରେ ପହଞ୍ଚାଇବା, ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ତଥା ସ୍ୱୟଂ ସହାୟକ ଗୋଷ୍ଠୀକୁ ବଜାର ଏବଂ ଗ୍ରାହକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ହିଁ ଏହି ସରସ ମେଳା ଆୟୋଜନର ମୁଖ୍ୟ ଲକ୍ଷ୍ୟ। ଏହି ମେଳାରେ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟରୁ ଅନେକ ବ୍ୟବସାୟ ପ୍ରତିଷ୍ଠାନ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ କାରିଗର ଅଂଶଗ୍ରହଣ କରି ସେମାନଙ୍କର ସ୍ୱଦେଶୀ ଉତ୍ପାଦକୁ ବିକ୍ରୀ କରିବେ। ଏହି ମେଳାରେ ହସ୍ତଶିଳ୍ପ, ହସ୍ତତନ୍ତ, ପାରମ୍ପରିକ ଖାଦ୍ୟ ସାମଗ୍ରୀ, ଜୈବିକ ଉତ୍ପାଦ ଏବଂ ଗ୍ରାମୀଣ ନବସୃଜନ ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ କରାଯିବ। ଆରଏମ୍‌ସି ସମ୍ମିଳନୀ ହଲରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦିନାଃ ଦସ୍ତଗିର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ ଓ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ଏହି ୧୨ ଦିନିଆ ସରସ ମେଳା କିପରି ସୁପରିଚାଳିତ ହୋଇ ପାରିବ ସେଥିପାଇଁ କରାଯାଉଥିବା ପ୍ରଶାସନିକ ବ୍ୟବସ୍ଥା ଉପରେ ଆଲୋକପାତ କରି ସେମାନେ କହିଥିଲେ ଯେ ଏହି ମେଳା କେବଳ ଗ୍ରାମୀଣ ଉତ୍ପାଦର ବିପଣନ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ନାହିଁ ବରଂ ସନ୍ଧ୍ୟା ସମୟରେ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ପ୍ରଦାନ କରିବ ଯାହା ପରିଦର୍ଶକଙ୍କୁ ଆକର୍ଷିତ କରିବ ଏବଂ ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବ। ଜନସାଧାରଣଙ୍କ ପାଇଁ ଏକ ନିରାପଦ ଏବଂ ଉପଭୋଗ୍ୟ ଅଭିଜ୍ଞତାକୁ ସୁଗମ କରିବା ପାଇଁ ସୁରକ୍ଷା, ପାର୍କିଂ, ପରିମଳ ଏବଂ ଭିଡ଼ ପରିଚାଳନା ସମ୍ବନ୍ଧୀୟ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଉଛି। ସରସ ସ୍ୱଦେଶୀ ମେଳା ରାଉରକେଲା ଏବଂ ସଂଲଗ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭିଡ଼ ଆକର୍ଷିତ କରିବ, ଯାହା 'ସ୍ଥାନୀୟ ପାଇଁ ସ୍ୱର' ଏବଂ ଗ୍ରାମୀଣ ସଶକ୍ତିକରଣ ପଦକ୍ଷେପର ମନୋଭାବକୁ ସୁଦୃଢ଼ କରିବା ସହିତ ସ୍ଥାନୀୟ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ମେଳାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସ୍ୱଦେଶୀ ଉତ୍ପାଦ କ୍ରୟ କରି ସ୍ଥାନୀୟ କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ସମର୍ଥନ କରିବାକୁ ବାସିନ୍ଦାମାନଙ୍କୁ ନିମନ୍ତ୍ରଣ କରାଯାଇଛି।

## ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର



**କୋଇଡ଼ା, ୨୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଥାନା ଅଧୀନସ୍ଥ ବନ୍ଦଲ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କେନ୍ଦୁଡ଼ିହି ଗ୍ରାମର ବିଦେଶୀ ନାଏକ। ସୂଚନା ଅନୁସାରେ, ବିଦେଶୀ ନାଏକ ଗତ ୧୫ ନଭେମ୍ବରରେ ତାଙ୍କ ଭଉଣୀଙ୍କ ଘର ବନ୍ଦଲକୁ ଯାଇଥିଲେ। ସେହିଦିନ ଘରୁ ବାହାରିବା ପରେ ସେ ଆଉ ଫେରି ନଥିଲେ। ପରିବାରଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ପରେ କୋଇଡ଼ା ଥାନାରେ ନିଖୋଜ ଅଭିଯୋଗ ଦାଖଲ କରିଥିଲେ। ଖାଜାଖୋଜି ଜାରି ଥିବାବେଳେ ସୋମବାର ସକାଳେ କିଛି ଗ୍ରାମବାସୀ ଜାଳକାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ସମୟରେ ଗଳିତ ମୃତଦେହ ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଚିହ୍ନଟ କରି କୋଇଡ଼ା ପୁଲିସକୁ ଖବର ଦେଇଥିଲେ। ଖବରପାଇ କୋଇଡ଼ା ପୁଲିସ ଓ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରୀକ୍ଷଣ ସମୟରେ ଉପଡ଼ା ଗଛ ଓ ହାତୀର ପାଦଚିହ୍ନ ମିଳିଥିବାରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଭୂଗର୍ଭ ଜଳ ତଥ୍ୟ ପ୍ରଚାର ପାଇଁ ଜିଲ୍ଲାସ୍ତରୀୟ ବୈଠକ



**ରାଉରକେଲା, ୨୩।୨(ସମିସ):** ସ୍ଥାନୀୟ ବିକାଶ ଭବନଠାରେ ଭାରତୀୟ ଜଳଶକ୍ତି ମନ୍ତ୍ରଣାଳୟ ସିଜିଡବ୍ଲ୍ୟୁବିର ଭୁବନେଶ୍ୱର ସ୍ଥିତ ଦକ୍ଷିଣପୂର୍ବ ଅଞ୍ଚଳ କାର୍ଯ୍ୟାଳୟ ଦ୍ୱାରା ସୁନ୍ଦରଗଡ଼ରେ ଭୂଗର୍ଭ ଜଳ ତଥ୍ୟର ପ୍ରଚାର ଓ ଏନ୍‌ଏକ୍ୟୁଆଇଏମ୍ (ରାଷ୍ଟ୍ରୀୟ ଜଳଭୃତ ମାନଚିତ୍ରଣ ଏବଂ ପରିଚାଳନା କାର୍ଯ୍ୟକ୍ରମ)ର ରିପୋର୍ଟ ଅଦାନପ୍ରଦାନ ପାଇଁ ଏକ ଜିଲ୍ଲାସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ପ୍ରମାଣଭିତ୍ତିକ ପୁସ୍ତକକୁ ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କ ଅନୁମୋଦନକ୍ରମେ ଉନ୍ମୋଚନ କରାଯାଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଧୀରେନ୍ଦ୍ର ସେଠୀ ଏବଂ ସିଜିଡବ୍ଲ୍ୟୁବିର ଭୁବନେଶ୍ୱର ସ୍ଥିତ ଦକ୍ଷିଣପୂର୍ବ ଅଞ୍ଚଳ କାର୍ଯ୍ୟାଳୟର ବୈଜ୍ଞାନିକ ସତ୍ୟମ୍ ଶୁକ୍ଳା ଏବଂ ଆଶୁତୋଷ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏନ୍‌ଏକ୍ୟୁଆଇଏମ୍ ଅଧ୍ୟୟନର ବିସ୍ତୃତ ରିପୋର୍ଟ ଜିଲ୍ଲା ପ୍ରଶାସନଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ରିପୋର୍ଟରେ ଭୂଗର୍ଭ ଜଳ ଉପଲବ୍ଧତା, ଜଳର ଗୁଣଗତ ଅବସ୍ଥା, ପୁନର୍ଭରଣ କ୍ଷମତା, ପରିଚାଳନା କୌଶଳ ଓ ସୁପାରିଶ ଆଦି ରହିଥିଲା। ଏହି ଅବସରରେ ବୈଜ୍ଞାନିକ ଶ୍ରୀ ଶୁକ୍ଳା ଓ ଶ୍ରୀ ଚୌଧୁରୀ ସୁନ୍ଦରଗଡ଼ ଜିଲ୍ଲାର ଭୂଗର୍ଭ ଜଳ ପରିସ୍ଥିତି, ଜଳଭୃତ ମାନଚିତ୍ରଣର ମୁଖ୍ୟ ନିଷ୍କର୍ଷ, ସମ୍ଭାବ୍ୟ ଚ୍ୟାଲେଞ୍ଜ, କାର୍ଯ୍ୟକାରୀ ପରିଚାଳନା ପାଇଁ ପ୍ରସ୍ତାବ ଆଦି ଉପରେ ଆଲୋକପାତ କରିଥିଲେ। ସେହିଭଳି ବିଭିନ୍ନ ବିଭାଗ ସହ ସମନ୍ୱୟ ସ୍ଥାପନ କରି ଜଳ ସଂରକ୍ଷଣ ଓ କୃତ୍ରିମ ପୁନର୍ଭରଣ ଉପାୟ ଅବଲମ୍ବନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ସମସ୍ତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଜାତୀୟ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ପ୍ରତିଯୋଗିତା

**ରାଉରକେଲା, ୨୩।୨(ସମିସ):** ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ପାଳନ ଉପଲକ୍ଷେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଫେବୃଆରୀ ୨୦ ତାରିଖରେ ସୁରକ୍ଷା ଟ୍ରେନିଂ ହଲ୍‌ରେ ଏକ ଟୁଲ୍ କିଟ୍ ସେଫ୍ଟି ଟକ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ଏବଂ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ନିରାପଦ କାର୍ଯ୍ୟ ଅଭ୍ୟାସର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପ୍ରତିଯୋଗିତାର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୬୦ରୁ ଅଧିକ କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁମାନେ ପ୍ରତିଯୋଗିତାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ବିଭିନ୍ନ କର୍ମକ୍ଷେତ୍ର ବିପଦ, ପ୍ରତିରୋଧକ ପଦକ୍ଷେପ ଏବଂ ସର୍ବୋତ୍ତମ ସୁରକ୍ଷା ଅଭ୍ୟାସ ଉପରେ ସୁଦୃଢ଼ ସୁରକ୍ଷା ଆଲୋଚନା କରିଥିଲେ। ଅଂଶଗ୍ରହଣକାରୀମାନେ ଏକ ନିରାପଦ ଏବଂ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ପ୍ରଶଂସନୀୟ ଜ୍ଞାନ, ସ୍ପଷ୍ଟତା ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ହିରାଲାଲ ମହାପାତ୍ରଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏସ୍‌ଏମ୍‌ଏସ୍-୨ ବିଭାଗର ଜିଏମ ଏସ୍.କେ. ନାୟକ ପ୍ରତିଯୋଗିତାର ନିର୍ଣ୍ଣାୟକ ଥିଲେ ଏବଂ ବିଷୟବସ୍ତୁ, ଉପସ୍ଥାପନା, ବ୍ୟବହାରିକ ପ୍ରାସଙ୍ଗିକତା ଏବଂ ଯୋଗାଯୋଗ ଦକ୍ଷତା ଆଧାରରେ ଅଂଶଗ୍ରହଣକାରୀଙ୍କର ମୂଲ୍ୟାଙ୍କନ କରିଥିଲେ। ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ ବି.କେ. ପାଢ଼ୀ ସଂଯୋଜନା କରିଥିଲେ।



## ସୁନ୍ଦରଗଡ଼ରେ ମାଟ୍ରିକ ପରୀକ୍ଷା

# ତୃତୀୟ ଭାଷାରେ ୩୧୭ ପରୀକ୍ଷାର୍ଥୀ ଅନୁପସ୍ଥିତ




**ରାଉରକେଲା, ୨୩।୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା ଗୁରୁବାରରୁ ଆରମ୍ଭ ହୋଇଛି। ତୃତୀୟ ଭାଷା (ସଂସ୍କୃତ ଓ ହିନ୍ଦୀ) ବିଷୟରେ ସୁନ୍ଦରଗଡ଼ ଜିଲ୍ଲାରେ ୩୧୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାରେ ଥିବା ମୋଟ୍ ୨୪୦୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଫଳରେ ଆଜି ୩୧୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ସେହିପରି ମଧ୍ୟମା ପରୀକ୍ଷାରେ ମୋଟ ୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ ପ୍ରତିଶତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସଓଏସ୍‌ସି ପରୀକ୍ଷାରେ ମୋଟ୍ ୩୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୧ ଜଣ ଅନୁପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାର ମୋଟ୍ ୧୧୭ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ୪୦୬ଟି ସ୍କୁଲର ମୋଟ୍ ୨୪, ୦୦୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଯେଉଁଥିରେ ସେମାନଙ୍କ ମଧ୍ୟରେ ୨୩, ୮୩୯ ଜଣ ରେଗୁଲାର ଏବଂ ୬୭ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏତଦବ୍ୟତୀତ ମଧ୍ୟମା ପରୀକ୍ଷା ପାଇଁ ଜିଲ୍ଲାରେ ଗୋଟିଏ ଏବଂ ଏସଓଏସ୍‌ସି ପରୀକ୍ଷାର୍ଥୀ ପାଇଁ ୪ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଆଜି ଫ୍ଲାଇଂ ସ୍କ୍ୱାର୍ଡ ଦଳ ୧୭ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ଡିଇଓ ସ୍କ୍ୱାର୍ଡ ୪ଟି ପରୀକ୍ଷା କେନ୍ଦ୍ର ବୁଲି ଅଚାନକ ପରିଦର୍ଶନ କରିଥିଲେ। ଏଡିଇଓ ସ୍କ୍ୱାର୍ଡ ୭ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## ଏନ୍‌ଆଇଟିରେ କ୍ରିଷ୍ଟାଲୋଗ୍ରାଫି ସମ୍ପର୍କରେ କର୍ମଶାଳା



**ରାଉରକେଲା, ୨୩।୨(ସମିସ):** କ୍ରିଷ୍ଟାଲୋଗ୍ରାଫି ଏବଂ ରିଟ୍‌ଭେଲ୍ଡ ରିଫାଇନମେଣ୍ଟ ବିଶ୍ଳେଷଣ ଉପରେ ଏକ ୬ ଦିନିଆ ଅନ୍ତର୍ଜାତୀୟ ସ୍କୁଲ ଏବଂ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ ଏବଂ ୟୁରୋପର ପ୍ରମୁଖ ବୈଜ୍ଞାନିକ ଏବଂ ଦେଶ ସାରା ପ୍ରତିଷ୍ଠିତ ପ୍ରତିଷ୍ଠାନର ପ୍ରାୟ ୮୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। କର୍ମଶାଳାରେ ବକ୍ତବ୍ୟ ରଖି ସଂଯୋଜକ ପ୍ରଫେସର ଦିଲ୍ଲୀପ କେ. ପ୍ରଧାନ କହିଛନ୍ତି, ଏହି କର୍ମଶାଳା ଆଧୁନିକ କ୍ରିଷ୍ଟାଲୋଗ୍ରାଫିକ୍ କୌଶଳରେ ବିଶେଷଜ୍ଞତା ନିର୍ମାଣ କରିବା ଲକ୍ଷ୍ୟ ରଖିଛି। ବିଶ୍ୱସ୍ତରୀୟ ବିଶେଷଜ୍ଞ ଏବଂ ପ୍ରାରମ୍ଭିକ କ୍ୟାରିଅର ଗବେଷକମାନଙ୍କୁ ଏକ ସାଧାରଣ ଶିକ୍ଷାଗତ ପ୍ଲାଟଫର୍ମରେ ଏକତ୍ର କରି, ଏହି ପ୍ରୟାସ ନବସୃଜନ ଉପରେ ଧ୍ୟାନ ଦିଏ ଏବଂ ଭାରତରେ ଉଚ୍ଚ-ଗୁଣବତ୍ତା କ୍ରିଷ୍ଟାଲୋଗ୍ରାଫିକ୍ ବିଶ୍ଳେଷଣକୁ ପ୍ରୋତ୍ସାହିତ କରେ ବୋଲି କହିଥିଲେ। ଫ୍ରାନ୍ସର ତିନିଜଣ ବିଶିଷ୍ଟ ବୈଜ୍ଞାନିକ, ପ୍ରଫେସର ମାସିମୋ ନେସ୍ପୋଲୋ, ପ୍ରଫେସର ଜୁଆନ୍ ରୋଡ୍ରିଗେୱେଜ୍-କାରଭାଜଲ୍ ଏବଂ ଡକ୍ଟର କ୍ଲେୟାର ଭି. କଲିନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାବ୍ୟତୀତ ଜର୍ମାନୀ ଏବଂ ସ୍ପେନର ଅନ୍ୟାନ୍ୟ ପ୍ରଖ୍ୟାତ ବିଦେଶୀ ଶିକ୍ଷାବିତମାନେ ଉଦ୍‌ଘାଟନୀ ଅଧିବେଶନରେ ଅନଲାଇନରେ ଯୋଗ ଦେଇଥିଲେ। ସେମାନେ ଛଅ ଦିନିଆ କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ତାଲିମ ମଧ୍ୟ ପ୍ରଦାନ କରିବେ। ଭାରତର ପ୍ରତିଷ୍ଠିତ ପ୍ରତିଷ୍ଠାନର ଅନ୍ୟ ବକ୍ତାମାନେ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ୨୩ ରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଡିନ୍ ଏକାଡେମିକ୍ ପ୍ରଫେସର ଅଶୋକ କୁମାର ତୁରୁକ, ପ୍ରଫେସର ଏସ୍. କେ. ପ୍ରତିହାର, ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜେ.ପି. କର, ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧୀମାନ, ପ୍ରଫେସର ପିତାମ୍ବର ମହାନନ୍ଦିଆଙ୍କ ସମେତ ବରିଷ୍ଠ ପ୍ରତିଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କୁଆଁରମୁଣ୍ଡାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




**ରାଉରକେଲା, ୨୩।୨(ସମିସ):** କୁଆଁରମୁଣ୍ଡା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୪ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୪ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୭ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣେ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଗଲା। ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନ୍‌ସନ୍, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ପାନୀୟଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ, ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ, ଆଇଏଏସ୍ ଶିକ୍ଷାନବୀସ ସୁଶ୍ରୀ ଫାବି ରସିଦ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ଧମୁଣ୍ଡା ଥାନା ପୁଲିସର ଅପରାଧ ମୁକ୍ତ ପଦକ୍ଷେପ

**ରାଉରକେଲା, ୨୩।୨(ସମିସ):** ଦିନକୁ ଦିନ ସହରରେ ବିଭିନ୍ନ ଅପରାଧ ତଥା ଅପରାଧୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପ୍ରତ୍ୟେକ ଦିନ ଛୋଟରୁ ବଡ ଅପରାଧ ଘଟି ଚାଲିଛି। ତେବେ ଏହାକୁ ରୋକିବାକୁ ପ୍ରୟାସ କରିଛି ବନ୍ଧମୁଣ୍ଡା ଥାନା ପୁଲିସ। ଏନେଇ ଇନ୍ସପେକ୍ଟର ରଞ୍ଜନ ନାୟକ ଥାନାଞ୍ଚଳରେ ମାଇକ ପ୍ରଚାର କରି ଏ ନେଇ ସଚେତନ କରିଛନ୍ତି। ମାଇକ ପ୍ରଚାର ମୁତାବକ, ଯେ କୌଣସି ଘର ମାଲିକ ଯଦି ଘର ଭଡାରେ ଲଗାଇଛନ୍ତି ତେବେ ସେମାନେ ଭଡାଟିଆଙ୍କ ଆଧାର ଏବଂ ସବିଶେଷ ତଥ୍ୟ ପୁଲିସ୍ ନିକଟରେ ଜମା କରିବେ। ସେହିପରି କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ଯଦି କର୍ମଚାରୀ ନିଯୁକ୍ତ କରିଛନ୍ତି। ତେବେ ସେମାନେ କର୍ମଚାରୀଙ୍କ ସବିଶେଷ ତଥ୍ୟ ଥାନାରେ ଜମା କରିବେ। ଏହାସହ ଯଦି କୌଣସି ବ୍ୟକ୍ତି ଘରେ ତାଲା ପକାଇ ସହର କୌଣସି ବାହାରକୁ ଯାଉଛନ୍ତି ତେବେ ଦୁଇଦିନ ପୂର୍ବରୁ ପୁଲିସ୍‌କୁ ସୂଚନା ପ୍ରଦାନ କରିବେ। ଘରେ କେହି ବୃଦ୍ଧବୃଦ୍ଧା ଏକା ରହୁଛନ୍ତି ତେବେ ଥାନାରେ ଜଣାଇବାକୁ କୁହାଯାଇଛି। ପୁଲିସ ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବ। ତଥ୍ୟ ଦେବାକୁ ହେଲେ ସମସ୍ତ ଫର୍ମ ଥାନାରେ ଉପଲବ୍ଧ ରହିଛି। ୭ ଦିନ ମଧ୍ୟରେ ତଥ୍ୟ ଦେବାକୁ ଅପିଲ କରାଯାଇଛି। ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇନ୍ସପେକ୍ଟର ଶ୍ରୀ ନାୟକ କହିଛନ୍ତି। ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।



## ସହକାରୀ ଶିକ୍ଷାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଉରକେଲା, ୨୩।୨(ସମିସ):** ନୂଆଗାଁ ବ୍ଲକର ସହକାରୀ ଶିକ୍ଷାଅଧିକାରୀ ବନମାଳି ମଲ୍ଲିକଙ୍କ ଇତି ମଧ୍ୟରେ ବାଲେଶ୍ୱର ଜିଲ୍ଲାକୁ ବଦଳି ହୋଇଯାଇଛି। ଏହି ଅବସରରେ ତାଙ୍କୁ ଶନିବାର ନୂଆଗାଁ ବ୍ଲକ ଗୋଷ୍ଠୀଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ ଉତ୍ସବରେ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ମଲ୍ଲିକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମୁନି ଟୁଡୁ, ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ବାନେ କେଛୁଆଙ୍କ ସମେତ ଶିକ୍ଷକନେତା ଦିଲୀପ ସାହୁ, ଅଶୋକ ସିଂ, ବାସୁଦେବ ତ୍ରିପାଠୀ, ମଙ୍ଗଲ କେର୍କେଟା, ସଞ୍ଜୟ ରଥ, ପର୍ଶୁରାମ ବେହେରା, ପ୍ରଶାନ୍ତ କେର୍କେଟା, ମଙ୍ଗଲ ଦାସ ଖାଲଖୋ, ରଞ୍ଜିତ ଏକ୍କା, ଶଙ୍କର୍ଷଣ ବେହେରା, ମଧୁସୂଦନ କୋରିଆଲି, ଅନଦା ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏବିଇଓ ଶ୍ରୀ ମଲ୍ଲିକ ଗତ ୨୦୧୮ ମସିହାରୁ ନୂଆଗାଁ ବ୍ଲକରେ ସହକାରୀ ଶିକ୍ଷା ଅଧିକାରୀ ଭାବରେ ଯୋଗଦାନ କରିଥିଲେ। ନୂଆଗାଁ ବ୍ଲକରେ ଦୀର୍ଘ ୮ ବର୍ଷର ଚାକିରିକାଳ ଭିତରେ ସେ ଦେଇଥିବା ପରାମର୍ଶ ନିଶ୍ଚିତ ରୂପେ ସ୍ମରଣୀୟ ହୋଇ ରହିବ ବୋଲି ଶିକ୍ଷକମାନେ ମତବ୍ୟକ୍ତ କରିଥିଲେ।

# ଗଞ୍ଜେଇ ଓ ଅଫିମ ଚାଷର ପେଣ୍ଠସ୍ଥଳୀ ବଣାଇଁ ଉପଖଣ୍ଡ

ବଣାଇଁ, ୨୩।୨(ସମିସ)



ବଣାଇଁର ଉପାନ୍ତ ଅଞ୍ଚଳ କୁହାଯାଉଥିବା ଜଡ଼ା, କେଲୋ କୁଞ୍ଜର, ପଙ୍କଡିହି, ବନ୍ଧା ଭୂଇଁ, ଚନ୍ଦ୍ରପୁର ଓ କୋଇଡ଼ାରେ ବିପୁଳ ପରିମାଣର ଗଞ୍ଜେଇ ଓ ଅଫିମ ଚାଷ ହୋଇ ଥିବା ନଜରକୁ ଆସିବା ପରେ ବଣାଇଁ ଉପଖଣ୍ଡ ଯେ ବେଆଇନ ଚାଷର ହବ୍ ପାଲଟିଛି ଏହା ନିଃସନ୍ଦେହ। ଗତ ୩ ମାସ ମଧ୍ୟରେ ୨୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ ହୋଇଥିବା ଜଣାପଡ଼ିବା ପରେ ପୁଲିସ, ବନବିଭାଗ ଓ ଅବକାରୀ ବିଭାଗ ମିଳିତ ଭାବେ ଏସବୁ ବେଆଇନ୍ ଚାଷକୁ ନଷ୍ଟ କରିଛି। ଗଞ୍ଜେଇ ହେଉ କି ଅଫିମ ବଣାଇଁ ଉପଖଣ୍ଡର ଜଙ୍ଗଲ ଅଞ୍ଚଳକୁ ସୁରକ୍ଷିତ କ୍ଷେତ୍ର ଭାବେ ବାଛି ନେଇଛନ୍ତି ଅପରାଧୀ। ୨୦୨୫ ସେପ୍ଟେମ୍ବର ୧୪ ତାରିଖ ଦିନ ଟିକାୟତ ପାଲି ଥାନା ଅଧୀନ ଭାଲୁପାଣି ପଞ୍ଚାୟତ ବରଘାଟ, ଉଲସୁରା ରାଣ୍ଡୋସାହି ଅଞ୍ଚଳରେ ଦେଢ଼ ଏକରରୁ ଊର୍ଦ୍ଧ୍ୱ ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇ ଥିବାବେଳେ ୨୦୨୫ ନଭେମ୍ବର ୨୬ ତାରିଖ ଦିନ କେଲୋ କୁଞ୍ଜର ଅଞ୍ଚଳରେ ୩ ଏକରରୁ ଊର୍ଦ୍ଧ୍ୱ ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରା ଯାଇଥିଲା। ୨୦୨୬ ଜାନୁଆରୀ ୧୩ ତାରିଖ ଦିନ ଗୁରୁଣ୍ଡିଆ ଥାନା ଅଧୀନ କୁଣ୍ଡେଇଡିହା ଗ୍ରାମରେ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ। ସେହିପରି ଗତ ୭ ତାରିଖ ଦିନ କୋଇଡ଼ା ଥାନା ଅଧୀନ କାଲଟା ପଞ୍ଚାୟତ ପୁଣ୍ଡୁପୋଖରୀ ଗାଁ ନିକଟରେ ୫ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ କରାଯାଇଥିବା ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଅଫିମ ଗଛକୁ ଠାବକରି ନଷ୍ଟ କରାଯାଇଥିବାବେଳେ ଗତ ୧୮ରେ ଗୁରୁଣ୍ଡିଆ ଥାନା ଅଧୀନ ଜଡ଼ା, ପଙ୍କଡିହି ଗାଁ ନିକଟରେ ୩ ଏକର ଜାଗାରେ ୪୨ ହଜାରହଜାର ପାଖାପାଖି ଅଫିମ ଗଛକୁ ପୁଲିସ, ଅବକାରୀ, ଏବଂ ଜଙ୍ଗଲ ବିଭାଗର ଟିମ୍ ଚଢଉ କରି ନଷ୍ଟ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୪୨ ଲକ୍ଷ ପାଖାପାଖି। କୋଟିକୋଟି ଟଙ୍କାର ନିଶାଦ୍ରବ୍ୟ ଗଛ ନଷ୍ଟ କରାଯାଇଥିଲେ ମଧ୍ୟ ବେପାରୀଙ୍କ ନିକଟରେ ଅବକାରୀ ବିଭାଗ ପହଞ୍ଚି ନ ପାରିବା ଦୁର୍ଭାଗ୍ୟର ବିଷୟ ହୋଇଛି। କେଉଁ ବେପାରୀମାନେ ଗାଁ ଗହଳିର ଲୋକଙ୍କୁ ପ୍ରଲୋଭିତ କରି ଏସବୁ ଚାଷ କରିବାକୁ ବାଧ କରୁଛନ୍ତି ତାହା ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କଲେ ହୁଏତ ଆଗାମୀ ଦିନରେ ଉପଖଣ୍ଡରେ ଏସବୁ ଚାଷ କରିବାକୁ ଲୋକେ କୁଣ୍ଠାବୋଧ କରନ୍ତେ।

## ୨୫ରେ ଆର୍‌ଏସ୍‌ପି ପକ୍ଷରୁ ନାଟକ ସନ୍ଧ୍ୟା

**ରାଉରକେଲା, ୨୩।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଲୋକସମ୍ପର୍କ ରାଜଭାଷା ବିଭାଗ ଫେବୃଆରୀ ୨୫ ତାରିଖରେ ରାଉରକେଲା ସ୍ଥିତ ସିଭିକ୍ ସେଣ୍ଟର ଠାରେ ବାର୍ଷିକ ନାଟକ ସମାରୋହ, 'ନାଟକ ସନ୍ଧ୍ୟା' ଆୟୋଜନ କରିବାକୁ ଯାଉଛି। ଏହି ବହୁ ପ୍ରତୀକ୍ଷିତ 'ନାଟକ ସନ୍ଧ୍ୟା' କାର୍ଯ୍ୟକ୍ରମକୁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି। ଏହି ସନ୍ଧ୍ୟାରେ ଦୁଇଟି ନାଟକ ବ୍ୟାସକବି ଫକିରମୋହନଙ୍କ ରଚନାରୁ ତଥା ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟ ରଚନାରୁ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଗୀତିନାଟ୍ୟ 'ପେଟେଣ୍ଟ ମେଡିସିନ' ଏବଂ ଅରୁଣ ଅଲାବେଲାଙ୍କ ରଚନାରୁ ପରେଶ ରଞ୍ଜନ ମାହାତୋଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଦେଢ଼ ଟାଙ୍ଗ କି ମୁର୍ଗୀ' ପ୍ରଦର୍ଶିତ ହେବ।

## ରାମକୃଷ୍ଣ ମିଶନରେ ଠାକୁରଙ୍କ ଜନ୍ମଦିନ ପାଳିତ

**ରାଉରକେଲା, ୨୩।୨(ସମିସ):** ସ୍ଥାନୀୟ ରାମକୃଷ୍ଣ ମିଶନରେ ରାମକୃଷ୍ଣ ଦେବଙ୍କର ୧୩୧ତମ ଜନ୍ମ ଦିନ ଅଧ୍ୟକ୍ଷ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ପବିତ୍ର ଦିନରେ ମଙ୍ଗଳ ଆଳତି, ବେଦ ଆବୃତ୍ତି, ହୋମ, ଭଜନ, ପ୍ରବଚନ, କଥାମୃତ ପାଠ, ପୁଷ୍ପାଞ୍ଜଳି, ଭୋଗ ଓ ପ୍ରସାଦ ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାରାଜ ପ୍ରାୟ ଚାରି ଶହରୁ ଊହରୁ ଅଭାବୀ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବିଶାଳ ଜନସଂଖ୍ୟା ବିଶିଷ୍ଟ ଆମ ଦେଶର ସବୁଲୋକଙ୍କ ଅତିନିକଟରେ ନ୍ୟାୟିକ ବ୍ୟବସ୍ଥା ପହଞ୍ଚାଇବା ଲାଗି ସରକାରୀ ପ୍ରୟାସ ଯଥେଷ୍ଟ ନୁହେଁ; ଏଥିପାଇଁ ଜନସାଧାରଣ ନିଜ ନିଜ ସ୍ତରରେ ବିଧିବ୍ୟବସ୍ଥାର ଉପଯୁକ୍ତ ବିନିଯୋଗ କରିବାକୁ ପଡ଼ିବ।
-ଜଷ୍ଟିସ୍ ପି ଏନ୍ ଭଗବତୀ

## ସର୍ବୋପରି ସୁପ୍ରିମକୋର୍ଟ

କ୍ଷମତାର ଅହଂକାର ଓ ସାମ୍ବିଧାନିକ ଅଧିକାରକୁ ଏକତ୍ର ବିଚାର କଲେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବୋଚ୍ଚ ସ୍ଥାନ ସଂବିଧାନର। କ୍ଷମତାର ମିଆଦ ୪ ବର୍ଷରେ ଶେଷ ହୋଇଯିବ, ହେଲେ ସାଂବିଧାନିକ ବ୍ୟବସ୍ଥା ସେମିତି ଅତୁଟ ରହିଥିବ। ଏକଥା ସତ ଯେ ରାଷ୍ଟ୍ରର ବାଣିଜ୍ୟ ନିଅଣ୍ଟ ଅବସ୍ଥା ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଥାଏ। ତେଣୁ ଆନୁପାତିକ ଶୁଳ୍କ ପ୍ରତିପକ୍ଷଙ୍କ ବିରୋଧରେ ଲାଗୁ କରିବାର ଅଧିକାର ଯେ କୌଣସି ରାଷ୍ଟ୍ରମୁଖିଆଙ୍କ ରହିଛି। ତେଣୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ରକ୍ଷା ସକାଶେ ଏଭଳି କିଛି କଠୋର ନିଷ୍ପତ୍ତି ନେବା ଯେ ତ୍ରୁଟିପୂର୍ଣ୍ଣ ଏକଥା ନୁହେଁ। କିନ୍ତୁ ସଂବିଧାନିକ ବ୍ୟବସ୍ଥା ଅନୁଯାୟୀ କଂଗ୍ରେସର ବିନା ଅନୁମୋଦନରେ ସମଗ୍ର ବିଶ୍ୱଉପରେ ଏଭଳି ଅତିରିକ୍ତ ଶୁଳ୍କ ରାଷ୍ଟ୍ରପତି ଲାଗୁ କରିପାରିବେ ନାହିଁ। ଆମେରିକାର ସୁପ୍ରିମକୋର୍ଟଙ୍କ ରାୟର ଇଏ ହେଲା ନିର୍ଯାସ। ହେଲେ ବ୍ୟବସ୍ଥା ଅନୁଯାୟୀ ଆମେରିକାର ରାଷ୍ଟ୍ରପତି ଯେ ଅଖଣ୍ଡ କ୍ଷମତାର ଅଧିକାରୀ ଏବଂ ଦେଶର ଶକ୍ତି ଓ ସାମର୍ଥ୍ୟ ବଳରେ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିବାର ଅଭିଳାଷ ଯେତେବେଳେ ସବାର ହୋଇପଡ଼େ ସେତେବେଳେ ସେହି ନେତୃତ୍ୱ ଅହଂକାରୀ ହୋଇପଡ଼ିବା ସ୍ୱାଭାବିକ। ଟ୍ରମ୍ପଙ୍କ କ୍ଷେତ୍ରରେ ତାହା ହିଁ ପରିଲକ୍ଷିତ ହୋଇଛି। ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ନିଜର କରାୟତ କରି ସେ କେବଳ ସ୍ୱେଚ୍ଛାଚାରୀ ହୋଇପଡ଼ିନାହାନ୍ତି, ତାଙ୍କ ଶୁଳ୍କ ନୀତିକୁ ଅବୈଧ ଘୋଷଣା କରିଥିବା ସୁପ୍ରିମକୋର୍ଟ ବିଚାରପତିଙ୍କୁ ମଧ୍ୟ ସାଧାରଣରେ ନିନ୍ଦିତ ଓ ଅପମାନିତ କରିଛନ୍ତି। ସଂବିଧାନ ଉର୍ଦ୍ଧ୍ୱରେ ଯେ ରାଷ୍ଟ୍ରପତି ନୁହନ୍ତି ତାହା ଯଥେଷ୍ଟ ଆଗରୁ ସେ ସଚେତନ ହେବାର ଥିଲା।

ଆନ୍ତର୍ଜାତିକ ସ୍ତରରେ ଆର୍ଥିକ ଜରୁରୀ ପରିସ୍ଥିତି କ୍ଷେତ୍ରରେ ଏହି ଆଇଇଇପିଏ ସ୍ୱତନ୍ତ୍ର କ୍ଷମତା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥାଏ। ୧୯୭୭ ମସିହାରେ ଏହି ଆଇନ ବ୍ୟବସ୍ଥା ଅନୁରୂପ ସ୍ଥିତି ଯେ ଏବେ ଉପୁଜିଛି ଏ କଥା ନୁହେଁ। ତେବେ ବାଣିଜ୍ୟ ନିଅଣ୍ଟ ସୁଧାରିବା ପାଇଁ ଯେଉଁ ଅନୁପାତିକ ଶୁଳ୍କ ପ୍ରସଙ୍ଗ ଟ୍ରମ୍ପ ଉପସ୍ଥାପନ କରିଛନ୍ତି ତାହା କଂଗ୍ରେସର ବିନା ଅନୁମୋଦନରେ ପ୍ରୟୋଗ କରାଯାଇ ପାରିବ ନାହିଁ। ସଂବିଧାନର ଏହି ବ୍ୟବସ୍ଥାକୁ ସେ ବିରୋଧକରିବା ସହ, ଆଇନରେ ଥିବା ବିକଳ୍ପ ଦିଗକୁ ଦର୍ଶାଇ ୧୫ % ଶୁଳ୍କ ଲାଗୁ କରିଛନ୍ତି। ଅଧ୍ୟାଦେଶର ଯେପରି ସୀମିତ ସମୟ ରହିଛି ସେହିଭଳି ସଂବିଧାନର ୧୨୨ ଧାରା ପ୍ରୟୋଗର ସମୟ ସୀମା ୧୫୦ ଦିନରେ ଶେଷ ହେଉଛି। ତାହାକୁ ବଳବତ୍ତର ରଖିବାକୁ ହେଲେ ପୁଣି କଂଗ୍ରେସର ଅନୁମୋଦନ ଆବଶ୍ୟକ। ଏଠାରେ ଉଲ୍ଲେଖ ଯୋଗ୍ୟ କି ସେ କ୍ଷମତାସୀନ ହେବା ପରେ ପରେ ବିଶ୍ୱର ୧୮୦ ଟି ରାଷ୍ଟ୍ର ଏପରିକି ପେଙ୍ଗୁଇନ ଆଇଲାଣ୍ଡ ଉପରେ ମଧ୍ୟ ଟାରିଫ ଲାଗୁ କରିଛନ୍ତି। ଏଥିମଧ୍ୟରେ ଆମେରିକା ସରକାର ୧୭୫ ବିଲିୟନ ଡଲାର ଶୁଳ୍କ ଆକାରରେ ଆଦାୟ କରିଛନ୍ତି। ସୁପ୍ରିମକୋର୍ଟ ଏହି ଶୁଳ୍କ ଫେରସ୍ତ ସଂପର୍କରେ କିଛି ସ୍ପଷ୍ଟ ଉଲ୍ଲେଖ କରିନଥିଲେ ମଧ୍ୟ ଅବୈଧ ଘୋଷଣା ହୋଇଥିବା ଟାରିଫ ଅର୍ଥର ଭବିଷ୍ୟତ କ'ଣ? ବାଣିଜ୍ୟ ଶୁଳ୍କ ଆଦାୟ କରିବା କ୍ଷେତ୍ରରେ କୌଣସି ନୀତି ଓ ନିୟମ ଅନୁସରଣ ହେଉ ନ ଥିବାରୁ ଟ୍ରମ୍ପ ନିଜର ବ୍ୟକ୍ତିଗତ କ୍ରୋଧ ଓ ବିଦ୍ୱେଷକୁ ଅସ୍ତ୍ରରୂପେ ପ୍ରୟୋଗ କରି କଥା କଥାକେ ଶୁଳ୍କ ବୃଦ୍ଧି ଘୋଷଣା କରି ଜଣେ ଅହଂକାରୀ ସମ୍ରାଟର ଭୂମିକା ନିଭାଉଥିଲେ। ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ନିଲ୍ କାତ୍ୟାଲ୍ ବ୍ୟବସ୍ଥା ବିରୋଧରେ ସୁପ୍ରିମକୋର୍ଟରେ ଲଢ଼ି ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ରୂପେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଛନ୍ତି।

ସୁପ୍ରିମକୋର୍ଟ ରାୟ ଓ ଟ୍ରମ୍ପଙ୍କ ୧୫% ଶୁଳ୍କଘୋଷଣା ପ୍ରେକ୍ଷାପଟ୍ଟରେ ଭାରତ ବର୍ଦ୍ଧିତ ଆର୍ଥିକ ଚାପରୁ ରିହାତି ପାଇବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୧୮ ବଦଳରେ ୧୫ ପ୍ରତିଶତକୁ ନେଇ ଯେଉଁମାନେ ଖୁସି ହେଉଛନ୍ତି ସେମାନଙ୍କୁ ପଚାରିବାର ଅଛି ବିନାଶୁଳ୍କରେ ଆମେରିକୀୟ ସାମଗ୍ରୀ ଆମ ବଜାରକୁ ଦଖଲ କରିନେବା ପ୍ରୟାସରେ ଆମେ କ'ଣ ଚୁପ ରହିବା? ଏକଥା ସତ ଯେ ଟାରିଫ ନେଇ ଆମେରିକା ସହ ଯେଉଁ ବୁଝାମଣା ହୋଇଛି ତାହା ଅନ୍ତରୀଣ ବ୍ୟବସ୍ଥା। ଚୂଡ଼ାନ୍ତ ଦ୍ୱିପାକ୍ଷକ ବାଣିଜ୍ୟ ରାଜିନାମାରେ ଏପର୍ଯ୍ୟନ୍ତ ଦୁଇପକ୍ଷ ସ୍ୱାକ୍ଷର କରିନାହାନ୍ତି। ପରିବର୍ତ୍ତିତ ପରିସ୍ଥିତି ଆମ ପାଇଁ କିଛି ସୁଯୋଗ ସୃଷ୍ଟି କରିପାରେ। ଦୁଇଦେଶର ପ୍ରତିନିଧିଙ୍କ ସ୍ତରରେ ଚାଲିଥିବା କଥାବାର୍ତ୍ତା ବେଳେ ଆମେରିକୀୟ କୃଷି ସାମଗ୍ରୀକୁ ନେଇ ଯେଉଁ ଆପତ୍ତି ମୁଣ୍ଡ ଟେକିଛି ତାହାର ଏକ ସକାରାତ୍ମକ ସମାଧାନ ହେବା ଜରୁରୀ।

ଆମେ ଏଠାରେ ଦୁଇଟି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ସଂପର୍କରେ ଉଲ୍ଲେଖ କରିବାର ଉଚିତ ମନେ କରୁଛି। ଉଭୟ କୂଟନୈତିକ ଓ ବାଣିଜ୍ୟିକ ଦୃଷ୍ଟିରୁ ଦୂରଦୃଷ୍ଟି ସଂପନ୍ନ ନିଷ୍ପତ୍ତି ନେବାରେ ଆମର ବିଫଳତା ପାଇଁ ଏହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛୁ। ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ଗସ୍ତକ୍ରମକୁ ଏଡ଼ାଇ ଯିବାର ଥିଲା। ନୀତି ବା ଆଦର୍ଶ ଦୃଷ୍ଟିରୁ ନା ଆମେ ଓ ଡେମୋକ୍ରାଟିକ ପାର୍ଟି କି ରିପବ୍ଲିକାନ ପାର୍ଟିର ସମର୍ଥକ। ଦୁଇ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସହଭାଗିତା ଓ ସହଯୋଗିତା ଆମେ ଆଶାକରୁ। ଭାରତୀୟ ବଂଶୋଦ୍ଭବଙ୍କ ଭୋଟ ଆଶାରେ ଟ୍ରମ୍ପ ଯେଉଁ ସମର୍ଥନ ଆମଠାରୁ ଆଶା କରୁଥିଲେ ତାହା ତାଙ୍କୁ ନମିଳିବାରୁ ସେହି ରାଗ ଏବେ ମଧ୍ୟ ବଳବତ୍ତର ରହିଛି। ବାଣିଜ୍ୟ ଚୁକ୍ତି ଓ ଟାରିଫକୁ ନେଇ ଦ୍ୱିପାକ୍ଷିକ କଥାବାର୍ତ୍ତା ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ତାହା ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରୁନଥିଲା। ଆଶା କରାଯାଉଥିଲା ନଭେମ୍ବର ମାସରେ ହିଁ ହେବ ଶେଷ ନିଷ୍ପତ୍ତି। ତଥାପି ଦିନ ଗଡ଼ିଲା। ଟ୍ରମ୍ପଙ୍କ ଟାରିଫ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଚାଲିଥିବା ସଂପର୍କରେ ଆମେ ଯେ ଅବଗତ ନଥିଲୁ ଏକଥା ନୁହେଁ। ଚୂଡ଼ାନ୍ତ ପର୍ଯ୍ୟାୟରେ ମାମଲା ଥିବା ବେଳେ ରାୟକୁ ଅପେକ୍ଷା କରିବାରେ କୌଣସି ଅସୁବିଧା ନଥିଲା। ଆଉ ମାସ ଗୋଟାଏ ଗଡ଼ିଯାଇଥିଲେ ଗୁଡ଼ କୁ ପିମ୍ପୁଡ଼ି ଖାଇଯିବା ଅବସ୍ଥା ଉପୁଜି ନଥା'ନ୍ତା। ଦୀର୍ଘଦିନର ଅପେକ୍ଷା ପରେ ଆମ ପାଇଁ ସେଭଳି କୌଣସି ବାଧ୍ୟବାଧକତା ଉପୁଜି ନ ଥିଲା ଯେ ଆମେ ଟ୍ରମ୍ପଙ୍କ ସବୁ କଥାରେ ହିଁ ମାରିଦେଲେ। ସୁପ୍ରିମ କୋର୍ଟ ରାୟ ପରର ସ୍ଥିତିରେ ଟ୍ରମ୍ପ ପ୍ରଶାସନ ସହ ମୂଲଚାଲ୍ କରିଥିଲେ ହୁଏତ ଆମେ ଅଧିକ ସୁବିଧା ହାସଲ କରିପାରିଥା'ନ୍ତେ।

ତଥାପି ଆଶା ମଉଳି ଯାଇନି। ଶୁଳ୍କ କ୍ଷେତ୍ରରେ ଆମକୁ ଅପେକ୍ଷାକୃତ ଅଧିକ ସୁବିଧା ଓ ସୁଯୋଗ ମିଳିପାରେ। ଅଶୋଧିତ ତୈଳ ଆମଦାନୀକୁ ନେଇ ଆମେ ଯେଉଁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି ତାହା ଦୂର ହେବା ଉଚିତ। ଟ୍ରମ୍ପ ଚାହିଁଲେ ମଧ୍ୟ ଆଉ ଅତିରିକ୍ତ ଶୁଳ୍କର ଧମକ ଦେଇପାରିବେନି। ତେଣୁ ରୁଷ ରୁ ତୈଳ ସଂଗ୍ରହ ଓ ଚବାହାର ବନ୍ଦର ବିବାଦର ସମାଧାନ ଯେଭଳି ଆମ ସପକ୍ଷରେ ଯିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଘଟଣାକ୍ରମ ଯାହା ହେଉନା କାହିଁକି ଟ୍ରମ୍ପଙ୍କ କ୍ଷମତା ଯେ ସଂକୁଚିତ ହୋଇଗଲା ଏକଥା ନୁହେଁ। ବିଶ୍ୱକ୍ଷମତା କେନ୍ଦ୍ରର ନାୟକ ପଦରୁ ତାଙ୍କୁ କେହି ହଟାଇଦେଇ ପାରିବେ ନାହିଁ। ●

# ଶାରୀରିକ ବାର୍ଦ୍ଧକ୍ୟ ଓ ବୌଦ୍ଧିକ ସୃଜନଶୀଳତା

ପ୍ରଫେସର୍ ଫକୀରମୋହନ ସାହୁ

ପରିଣତ ବୟସର ପ୍ରଭାବ ଏପରି ଏକ କ୍ଷେତ୍ର ଯେଉଁ ସଂପର୍କରେ ପ୍ରଚଳିତ ଜନବିଶ୍ୱାସର ଚାପ ଆମକୁ ବହୁସୌନ୍ଦର୍ଯ୍ୟ ଓ ସର୍ଜନଶୀଳତାରୁ ବଞ୍ଚିତ କରୁଛି। ବୟସାଧିକ୍ୟର ଦ୍ୱାହି ଦେଇ ସୃଷ୍ଟିଶୀଳ ସର୍ଜନଶୀଳ ବ୍ୟକ୍ତିଙ୍କୁ ସାମୂହିକ ଜୀବନ-ବଳୟରୁ ଦୂରେଇ ରଖିବା ଫଳରେ କେତେକ ବୌଦ୍ଧିକ ଓ ସୃଜନ ସମ୍ବଳ ହରାଇବାକୁ ହେଉଛି। ବୟସାଧିକ୍ୟ ସଂପର୍କରେ ମନୋବିଜ୍ଞାନ ଓ ସ୍ନାୟୁବିଜ୍ଞାନ କିପରି ଦିଗ୍‌ଦର୍ଶନ ଦେଉଛନ୍ତି, ସେ ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇପାରେ।

ବର୍ଦ୍ଧିଷ୍ଣୁ ବୟସ ଏକ ଆହ୍ୱାନ ନୁହେଁ, ଆହ୍ୱାନ ହେଉଛି ସୃଜନପ୍ରକ୍ରିୟାକୁ ଅବ୍ୟାହତ ରଖିବାର ମାନସିକତା। ମନସ୍ତାତ୍ତ୍ୱିକ ଓ ସ୍ନାୟୁଭିତ୍ତିକ ଗବେଷଣାରୁ ଦେଖାଯାଏ ଯେ ବୟସର ବୃଦ୍ଧି ସହିତ କେତେକ ସମ୍ବଳର ସଂକୋଚନ ଘଟୁଥିଲେ ମଧ୍ୟ ଅନ୍ୟ କେତେକ ସମ୍ବଳ ପ୍ରସାରିତ ରୂପରେଖ ନିଏ। ଅନେକ ବ୍ୟକ୍ତିଙ୍କର ଧାରଣା ଯେ ବୟସର ବୃଦ୍ଧି ସହିତ ବୌଦ୍ଧିକ ଶକ୍ତିର ହ୍ରାସ ଘଟିଥାଏ। ଏହା ଏକ ଅତି ସରଳୀକୃତ ସିଦ୍ଧାନ୍ତ। ପ୍ରକୃତରେ ଆମେ ଯେଉଁ ସମସ୍ତ ବୌଦ୍ଧିକ ସାମର୍ଥ୍ୟକୁ ମନସ୍ତାତ୍ତ୍ୱିକ ପରିମାପକ ଦ୍ୱାରା ଆକଳନ କରିଥାଉ, ସେସବୁ ଗୋଟିଏ ପ୍ରକାର ବୌଦ୍ଧିକ ଶକ୍ତିର ସୂଚକ ନୁହେଁ। ଗୋଟିଏ ପ୍ରକାର ବୁଦ୍ଧିମତ୍ତାକୁ ଘନୀଭୂତ ବୁଦ୍ଧିମତ୍ତା କୁହାଯାଇପାରେ। ଏସବୁ ଦକ୍ଷତା ଆମେ ସ୍କୁଲ୍ କଲେଜରେ ଶିକ୍ଷାକରୁ। ଆମର ପଠନ, ଲିଖନ ଶୈଳୀ, ଭାଷାଗତ ଦକ୍ଷତା ଓ କଥାବାର୍ତ୍ତାର ପରିପକ୍ୱତା ମାଧ୍ୟମରେ ଏହା ପ୍ରତିଫଳିତ ହୁଏ। ଏହି ଘନୀଭୂତ ବୁଦ୍ଧିମତ୍ତା ଖୁବ୍ ମନ୍ଥରଗତିରେ ହ୍ରାସପାଏ ଏବଂ ଏହା ଆଦୌ ମଧ୍ୟ ହ୍ରାସ ନପାଇପାରେ। ସ୍ଥଳବିଶେଷରେ ବୟସ ବଢ଼ିଲେ ମଧ୍ୟ ଏହା ବୃଦ୍ଧି ପାଇପାରେ। ବୟସ୍କ ବ୍ୟକ୍ତିମାନେ ଅଧିକ ରୂପକଳ୍ପ ଅଧିକ ପରିପକ୍ୱ ଭାଷା ବ୍ୟବହାର କରିବାର ଦୃଷ୍ଟାନ୍ତ ବିରଳ ନୁହେଁ। ଅନ୍ୟପକ୍ଷରେ ଦ୍ୱିତୀୟ ପ୍ରକାର ବୁଦ୍ଧିମତ୍ତା ହେଉଛି ତରଳ (ପରିବର୍ତ୍ତନଶୀଳ) ବୁଦ୍ଧିମତ୍ତା। ଏହି ବୁଦ୍ଧିମତ୍ତା ଶାରୀରିକ ଦକ୍ଷତା ଉପରେ ନିର୍ଭରଶୀଳ। ଅଭିନିବେଶ, ଦୃଷ୍ଟିଗତ ପ୍ରତ୍ୟକ୍ଷଣ, ଶାରୀରିକ ପ୍ରକ୍ରିୟା ଏବଂ କେତେକ ଧରଣର ସ୍ମରଣ ସାମର୍ଥ୍ୟ ଏ ପ୍ରକାର ବୁଦ୍ଧିମତ୍ତାର ଉପାଦାନ। ବୟସର ବୃଦ୍ଧି ସହିତ ଏସବୁ ଦକ୍ଷତା ହ୍ରାସ ପାଇଥାଏ।

ମନେରଖିବାକୁ ହେବ ଯେ ବୁଦ୍ଧିମତ୍ତା ଓ ସର୍ଜନଶୀଳତା ଅଳ୍ପପରିମାଣରେ ସମ୍ବନ୍ଧିତ ହେଲେ ମଧ୍ୟ ସର୍ଜନଶୀଳତା ଉଚ୍ଚସ୍ତରୀୟ ବୁଦ୍ଧିମତ୍ତା ଉପରେ ନିର୍ଭର କରେ ନାହିଁ। ପ୍ରକାରାନ୍ତରେ କୁହାଯାଇପାରେ ଯେ ମଧ୍ୟମମାତ୍ରାର ବୁଦ୍ଧି ନେଇ ବ୍ୟକ୍ତି ଉଚ୍ଚକୋଟୀର ସର୍ଜନଶୀଳତାର ଅଧିକାରୀ ହୋଇପାରେ। ବରଂ ଦେଖାଯାଏ ଯେ ଖୁବ୍ ଉଚ୍ଚସ୍ତରୀୟ ବୁଦ୍ଧିର ଅଧିକାରୀ ହୋଇଥିବା ଲୋକମାନେ ଏତେବେଶୀ ସମାଲୋଚନାପ୍ରବଣ ହୋଇପଡ଼ନ୍ତି ଯେ ସେମାନଙ୍କର ସୃଜନପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ସର୍ଜନଶୀଳତା ପାଇଁ ଆବଶ୍ୟକ ଉପାଦାନ ହେଉଛି କ୍ଷେତ୍ରସଂପର୍କିତ ଜ୍ଞାନ, ଅଭିପ୍ରେରଣା ଓ ସୃଜନଧର୍ମୀ ଚିନ୍ତନ ଶୈଳୀ।

ସର୍ଜନଶୀଳତାର ଅନ୍ତରାଳରେ ବହୁମୁଖୀ ଭାବନା ସକ୍ରିୟ ଥାଏ। ବୁଦ୍ଧିମତ୍ତା ଅପେକ୍ଷା ବହୁମୁଖୀ ଭାବନା ଉପରେ ସର୍ଜନଶୀଳତା ଅଧିକ ନିର୍ଭର କରିଥାଏ। ଯେ କୌଣସି ପ୍ରଶ୍ନ ବା ସମସ୍ୟା ସମାଧାନର ଅନେକଗୁଡ଼ିଏ ସମ୍ଭାବ୍ୟ ଦିଗ ସଂପର୍କରେ ଚିନ୍ତା କରିବାର ସାମର୍ଥ୍ୟ ହେଉଛି ବହୁମୁଖୀ ଚିନ୍ତନ। ଉଦାହରଣସ୍ୱରୂପ ଇଟାସବୁକୁ କି ପ୍ରକାରେ ବ୍ୟବହାର କରାଯାଇପାରେ ବୋଲି ପ୍ରଶ୍ନ ପଚାରିଲେ ପିଲାଟିଏ ହୁଏତ କହିବ ଇଟା ବ୍ୟବହାର କରି ଗୃହ ନିର୍ମାଣ, ସ୍କୁଲ୍ ନିର୍ମାଣ, ଅଫିସ ନିର୍ମାଣ, ଗୋଦାମ ନିର୍ମାଣ ଏବଂ ଗୁହାଳ ନିର୍ମାଣ କରାଯାଇପାରେ। ଏଠାରେ ପିଲାଟି ପାଞ୍ଚୋଟି ଧାରଣା ଉପସ୍ଥାପନ କଲେ ମଧ୍ୟ ସବୁଧାରଣାର କେନ୍ଦ୍ରବିନ୍ଦୁ ଗୋଟିଏ: କିଛି ନିର୍ମାଣ କରିବା। ଏହା ଏକମୁଖୀ ଭାବନାର ସୂଚକ। ଅନ୍ୟପକ୍ଷରେ ଆଉ ଗୋଟିଏ ପିଲା କହିପାରେ ଯେ ଇଟା ବ୍ୟବହାର କରି ମନ୍ଦିର ନିର୍ମାଣ ହୋଇପାରିବ, ଏହାକୁ ବ୍ୟବହାର କରି କାନ୍ଥରେ କିଛି ଲେଖିହେବ, ଏହାକୁ ଉଡ଼ିଯାଉଥିବା କାଗଜ ଉପରେ ଚପଦେଇ ରଖିହେବ, ଏହାଉପରେ ଠିଆହୋଇ ଉଚ୍ଚସ୍ଥାନରୁ କିଛି କାଢ଼ିହେବ ଏବଂ ପବନ ଧକ୍କାରେ ଦ୍ୱାର ବନ୍ଦ ହୋଇଯାଉଥିଲେ ଏହାକୁ ଠେକ ଦେଇ କବାଟ ଖୋଲ ରଖାଯାଇପାରିବ। ଏହି ପାଞ୍ଚୋଟି ଉତ୍ତର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏପରି ଉତ୍ତର ବହୁମୁଖୀ ଭାବନାର ସୂଚକ। ବିଶେଷଜ୍ଞ କୁହନ୍ତି ବୟସ ବଢ଼ିବା ସହିତ ବହୁମୁଖୀ ଚିନ୍ତନ ହ୍ରାସ ପାଇବାର ସମ୍ଭାବନା ଥିଲେ ମଧ୍ୟ ନିରବଚ୍ଛିନ୍ନ ଭାବରେ ସୃଜନଧର୍ମୀ କ୍ରିୟାକଳାପରେ ନିମଗ୍ନ ରହୁଥିବା ବ୍ୟକ୍ତିମାନଙ୍କର ଏପରି ସାମର୍ଥ୍ୟର ବିଲୟ ଘଟି ନ ଥାଏ।

ଗବେଷକ ସିମନ୍‌ଟନ୍‌ଙ୍କ ମତରେ ବ୍ୟକ୍ତିର ଜନ୍ମଗତ ବୟସ ସହିତ ସର୍ଜନଶୀଳତାର ସମ୍ବନ୍ଧ ନାହିଁ। ମାତ୍ର ବ୍ୟକ୍ତିର ପେସାଗତ ବୟସ ସହିତ ଏହା ସମ୍ବନ୍ଧିତ। ବ୍ୟକ୍ତି ନିଜ ଧାରଣାର ଚିତ୍ରକଳ୍ପ, କୌଶଳ ଓ ଅନ୍ୟସବୁ ଜ୍ଞାନଗତ ସମ୍ବନ୍ଧକୁ ଭିତ୍ତି କରି ସର୍ଜନଶୀଳ ସମ୍ଭାବନା ଗଠନ କରେ। ଧୀରେ ଧୀରେ ପେସାଗତ ଜୀବନର ଅଭିବୃଦ୍ଧି ସହିତ ସର୍ଜନଶୀଳତାର ଉତ୍କର୍ଷ ବି ବୃଦ୍ଧିପାଏ। ସଫଳତା ଓ ସର୍ଜନଶୀଳତାର ଅନ୍ୟତମ ମୁଖ୍ୟ ଉପାଦାନ ହେଉଛି ଅଭିପ୍ରେରଣା ବା ମୋଟିଭେସନ୍। ଅର୍ଥନୀତିଜ୍ଞ ଡାଏମୁଣ୍ଡ ମତ ଦିଅନ୍ତି ଯେ ପେସାଗତ ବିକାଶ ସହିତ ଆର୍ଥିକ ଉନ୍ନତି ସମତାଳ ଦେଇ ଗତିକରେ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍ଥିକ ସଫଳତା ଏକ ମୁଖ୍ୟ ଅଭିପ୍ରେରକର ଭୂମିକା ନିର୍ବାହ କରେ। ମାତ୍ର ବିକାଶର ଏକ ଉଚ୍ଚସ୍ତରରେ ପହଞ୍ଚିବା ପରେ ଆର୍ଥିକ ସଫଳତା ଆକର୍ଷଣ ହରାଏ। ଏହାର ତାତ୍ପର୍ଯ୍ୟ ହେଉଛି ଯେ କଳାକାର, ସାହିତ୍ୟିକ ଓ ବୈଜ୍ଞାନିକ ଉପର ସ୍ତରରେ ଆର୍ଥିକ ସଫଳତାର ବିଶେଷ ଚିନ୍ତା ନ କରି ସର୍ଜନଶୀଳତା ଅବ୍ୟାହତ ରଖନ୍ତି।

ବିଶ୍ୱବିଦ୍ୟାଳୟ ପରିପ୍ରେକ୍ଷୀରେ ଗବେଷଣାତ୍ମକ ନିବନ୍ଧର ପ୍ରକାଶନ (ଉତ୍ପାଦନଶୀଳତା) ଏକ ବଡ଼ ଧରଣର ଅଭିପ୍ରେରକ। ଆଗଧାଡ଼ିର ୧୦ପ୍ରତିଶତ ପ୍ରଫେସର୍ ସମୁଦାୟ ପ୍ରକାଶନର ୪୧ ପ୍ରତିଶତ ପ୍ରକାଶନ ପାଇଁ କୃତିତ୍ୱ ଦର୍ଶାନ୍ତି। ଅନ୍ୟପକ୍ଷରେ ପଛରେ ଥିବା ଅର୍ଦ୍ଧେକ ପ୍ରଫେସର୍ ମାତ୍ର ୧୦ ପ୍ରତିଶତ ପ୍ରକାଶନ ପାଇଁ ଦାୟୀ ରୁହନ୍ତି। ଏହି ପରିସଂଖ୍ୟାନକୁ ଭିତ୍ତିକରି ପ୍ରାଇସ୍ ନାମକ ଜଣେ ବିଶେଷଜ୍ଞ "ପ୍ରାଇସ୍ ନିୟମ"ର ସୂଚନା ଦେଇଛନ୍ତି। ଏହି ନିୟମ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟସଂଖ୍ୟକ ବ୍ୟକ୍ତି (ଧରାଯାଉ ୧୦୦ ଜଣ) କେବଳ ଗୋଟିଏ ଗୋଟିଏ ପ୍ରକାଶନର ଅଧିକାରୀ ହୋଇଥିଲେ ତାହାର ବର୍ଗମୂଳ (ଏ କ୍ଷେତ୍ରରେ ୧୦୦ର ବର୍ଗମୂଳ ୧୦ ଜଣ) ସୂଚିତ କରୁଥିବା ସଂଖ୍ୟାର ଲୋକ ଅର୍ଦ୍ଧାଧିକ ପ୍ରକାଶନର ଗୌରବ ଲାଭ କରିବାର ସମ୍ଭାବନା ରହିଛି। ଏ କ୍ଷେତ୍ରରେ ମାତ୍ର ୧୦ ଜଣ ପ୍ରଫେସର ସେ ବିଶ୍ୱବିଦ୍ୟାଳୟର ଅର୍ଦ୍ଧାଧିକ ପ୍ରକାଶନ କୃତିତ୍ୱର ଅଧିକାରୀ ହେବ। ମୋଟଉପରେ ଉଚ୍ଚକୋଟୀର ସଫଳତା ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ସୀମିତ। ପୁଣି ବୟସ ଅପେକ୍ଷା ଅତୀତର ସଫଳତା ହିଁ ବର୍ତ୍ତମାନ ଓ ଭବିଷ୍ୟତର କୃତିତ୍ୱର ନିର୍ଦ୍ଧାରଣ ହେବା ପରି ମନେହୁଏ।

ଆଧୁନିକ ଗବେଷଣା-ଲବ୍ଧ ଏହି ସିଦ୍ଧାନ୍ତକୁ ଭିତ୍ତି କରି ପ୍ରଗତିଶୀଳ ଦେଶମାନଙ୍କରେ ବିଶ୍ୱବିଦ୍ୟାଳୟରେ ବାଧ୍ୟତାମୂଳକ ଅବସର ବ୍ୟବସ୍ଥାର ପୁନର୍ବିଚାର ଆରମ୍ଭ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୯୪ ମସିହାରୁ ବିଶ୍ୱବିଦ୍ୟାଳୟ ସ୍ତରରେ ବାଧ୍ୟତାମୂଳକ ଅବସର ଗ୍ରହଣ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି। ପ୍ରଥମେ ୧୯୬୭ ମସିହାର ଆମେରିକାରେ ନିଯୁକ୍ତି ସଂପର୍କୀୟ ବୟସସୀମା ଅଂଶଟିର ଦ୍ୱିତୀୟ ସଂଶୋଧନ କରାଗଲା। ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କୁ ୬୫ବର୍ଷ ପାର ହେବା ପରେ ମଧ୍ୟ କାର୍ଯ୍ୟ କରିବାର ସ୍ୱାଧୀନତା ଦିଆଗଲା। ମାତ୍ର ଆକସ୍ମିକ ଭାବେ ଏ ପରିବର୍ତ୍ତନ ଯୁବପ୍ରତିଭାର ପ୍ରବେଶକୁ ପ୍ରତିରୋଧ କରିବ ବୋଲି ଯୁକ୍ତି ହେବାରୁ ଉଚ୍ଚତମ ନ୍ୟାୟାଳୟ ଏହି ନିୟମକୁ ୧୯୯୪ ପର୍ଯ୍ୟନ୍ତ ସ୍ଥଗିତ ରଖିଲେ। ବାଧ୍ୟତାମୂଳକ ଅବସର ଗ୍ରହଣର ବ୍ୟବସ୍ଥା ୧୯୯୪ରୁ ଉଠାଇ ନିଆଗଲା। ଆମେରିକାରେ ନୂତନ ନିୟମ ପ୍ରବର୍ତ୍ତିତ ହେବା ପରେ କାନାଡ଼ାର କେତେକ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲା। ଏହି ପରିବର୍ତ୍ତନ ଫଳରେ ଦୃଶ୍ୟପଟ କିପରି ବଦଳିଛି, ତାହାର ଏକ ମୋଟାମୋଟି ଚିତ୍ର ଦିଆଯାଇପାରେ।

ସର୍ବେକ୍ଷଣ ଦର୍ଶାଏ ଯେ କ୍ରମଶଃ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ପ୍ରଫେସର୍‌ଙ୍କ ସଂଖ୍ୟା ବୃଦ୍ଧିପାଇଛି। ୧୯୯୪ ପୂର୍ବରୁ ସତୁରୀ ବର୍ଷ ବୟସର ପ୍ରଫେସର୍‌ମାନଙ୍କ ମଧ୍ୟରୁ ୫୯ଟି ପ୍ରତିଶତ, ଏକସ୍ତରୀ ବୟସର ପ୍ରଫେସରମାନଙ୍କ ମଧ୍ୟରୁ ୬୭ ପ୍ରତିଶତ ଏବଂ ୭୨ ବର୍ଷ ବୟସର ପ୍ରଫେସର୍‌ମାନଙ୍କ ମଧ୍ୟରୁ ଶତପ୍ରତିଶତ ଅବସର ଗ୍ରହଣ କରୁଥିଲେ। ମାତ୍ର ନୂତନ ନିୟମ (ବାଧ୍ୟତାମୂଳକ ଅବସର ପରିବର୍ତ୍ତେ ଇଚ୍ଛାଧୀନ ଅବସର) ପ୍ରବର୍ତ୍ତିତ ହେବା ପରେ ସତୁରୀ ବର୍ଷର ପ୍ରଫେସରମାନଙ୍କ ମଧ୍ୟରୁ ୧୯ ପ୍ରତିଶତ ଏବଂ ୭୨ ବର୍ଷର ପ୍ରଫେସରମାନଙ୍କ ମଧ୍ୟରୁ ୧୭ ପ୍ରତିଶତ ଅବସର ଗ୍ରହଣ କରିଛନ୍ତି।

ପରିବର୍ତ୍ତନ ପରେ (୧୯୯୬ ପରେ) ସତୁରୀ ବା ତା'ଠାରୁ ଅଧିକ ବୟସର କାର୍ଯ୍ୟରତ ପ୍ରଫେସର୍‌ଙ୍କ ସଂଖ୍ୟା ପ୍ରାୟ ୭ ପ୍ରତିଶତ ବୃଦ୍ଧିପାଇଛି ବିଶ୍ୱର ସବୁଠାରୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ହାର୍ଭାର୍ଡରେ। ୧୯୯୨ ମସିହାରେ ସତୁରୀ କିମ୍ବା ତା'ଠାରୁ ଅଧିକ ବୟସର ପ୍ରଫେସର୍ ପ୍ରାୟ ନ ଥିବା ସ୍ଥଳେ ୨୦୦୬ ମସିହାରେ ଏପରି ବର୍ଷୀୟାନ୍ ପ୍ରଫେସର୍‌ଙ୍କ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧିପାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଅବସର ଗ୍ରହଣ କରୁଥିବା ପ୍ରଫେସରମାନଙ୍କ ପାଇଁ ଖୁବ୍ ଆକର୍ଷଣୀୟ ଅବସରକାଳୀନ ବ୍ୟାଙ୍କ୍‌ଯୋଜନା ଥିଲେ ମଧ୍ୟ କିଛିସଂଖ୍ୟକ ପ୍ରଫେସର୍ ସାଧନାକୁ ଅବ୍ୟାହତ ରଖିବାର ମାନସିକତା ଦର୍ଶାଉଛନ୍ତି।

ଆଲୋଚିତ ପ୍ରସଙ୍ଗରୁ ବୁଝାଯିବ ନାହିଁ ଯେ ଜ୍ଞାନପିପାସୁ କଲମଜୀବୀଙ୍କୁ ପୂରାପୂରି ସେବାନିବୃତ୍ତ ନ କରିବା ପାଇଁ ଯୁକ୍ତି କରାଯାଉଛି। ମୂଳକଥା ହେଉଛି ଶରୀରର ବାର୍ଦ୍ଧକ୍ୟ ଏକ ନିଷ୍ଠୁର ବାସ୍ତବତା ହେଲେ ମଧ୍ୟ କଲମ ଓ ସୃଜନର ପ୍ରକ୍ରିୟା ସଦାକ୍ରିୟାଶୀଳ। ବ୍ୟକ୍ତି ଇଚ୍ଛାକଲେ ଦୀର୍ଘଦିନ ଏହାକୁ କ୍ରିୟାଶୀଳ ରଖିପାରିବେ ଏବଂ ସମାଜ ଚାହିଁଲେ ଔପଚାରିକ ବୃତ୍ତିବାହାରେ ମଧ୍ୟ ଏ ପ୍ରତିଭାର ଉପଯୋଗ କରିପାରିବ। ●

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଅସ୍ପୃଶ୍ୟତାର ଅନ୍ତ କେବେ?

ରାନୀ ନାୟକ

ସମାଜ କ୍ରମଶଃ ଅତ୍ୟାଧୁନିକ ହେବାରେ ଲାଗିଛି। କିନ୍ତୁ ଦିନକୁ ଦିନ ଲୋକଙ୍କ ଚିନ୍ତନଶକ୍ତିରେ ଅବନତି ଘଟୁଛି। ବେଶଭୂଷାରେ ଆଧୁନିକତାର ଛାପ ଥିଲେ ସୁଦ୍ଧା ଆଚରଣରେ ଉନ୍ନତି ଘଟିପାରିନାହିଁ। ଜାତିଭେଦ ଭଳି ଏକ ଅମାନୁଷିକ ପ୍ରଥା ଆଜିପର୍ଯ୍ୟନ୍ତ ସଭିଙ୍କ ମନରେ କେଉଁଠି ନା କେଉଁଠି ବସା ବାନ୍ଧି ରହିଛି। ମନ୍ଦିରଠାରୁ ନେଇ ମଶାଣି ଯାଏଁ ସବୁଠି ଏହି ଅସ୍ପୃଶ୍ୟତାର କାୟା ବଢ଼ିଚାଲିଛି। ପୋଖରୀ ତୁଠରେ ଗାଧୋଇବା ହେଉ କି ଭୋଜି ମହୋତ୍ସବରେ ଏକତ୍ର ବସି ଖାଇବାରେ ମଧ୍ୟ ଜାତିପ୍ରଥା ପ୍ରାଧାନ୍ୟ ବିସ୍ତାର କରିଛି। ବିବାହ ଅନୁଷ୍ଠାନରେ ଜାତିପ୍ରଥାର ପ୍ରାଦୁର୍ଭାବ ଅତି ଉତ୍କଟ। ବିଡ଼ମ୍ବନା ହେଉଛି ସହରୀ ଯୁବସମାଜ ମଧ୍ୟ ଏଭଳି ଅମାନୁଷିକ ପ୍ରଥାକୁ ଆଜିର ଅତ୍ୟାଧୁନିକ ଯୁଗରେ ଜାବୁଡ଼ି ଧରି ବସିଛନ୍ତି।

ନିକଟରେ ଆମ ରାଜ୍ୟର ଏଭଳି ଏକ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଗତ ବର୍ଷ ନଭେମ୍ବର ମାସରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ନୂଆଗାଁ ଅଙ୍ଗନୱାଡ଼ି ସହାୟିକା ଭାବେ ଶର୍ମିଷ୍ଠା ସେଠୀଙ୍କୁ ନିଯୁକ୍ତି ମିଳିଥିଲା। ସେ ଦଳିତ ଜାତିର ହୋଇଥିବାରୁ ଗାଁ ଲୋକେ ବସି ନିଷ୍ପତ୍ତି ନେଇଗଲେ ଯେ ସେମାନେ ତାଙ୍କ ପିଲାଙ୍କୁ ଅଙ୍ଗନୱାଡ଼ିକୁ ଛାଡ଼ିବେ ନାହିଁ। କାରଣ ଶର୍ମିଷ୍ଠା ରୋଷେଇ କରିଥିବା ଖାଦ୍ୟ ଖାଇଲେ ସେମାନଙ୍କ ପିଲାମାନଙ୍କର ଜାତି ଚାଲିଯିବ। କଥା ସେତିକିରେ ସରିଲା ନାହିଁ। ସେ ଗାଁର କୌଣସି ଗର୍ଭବତୀ କିମ୍ବା ନବଜାତ ଶିଶୁଙ୍କ ଜନନୀ ଜାତି ଚାଲିଯିବା ଭୟରେ ଅଙ୍ଗନୱାଡ଼ି ଦ୍ୱାର ମାଡ଼ିଲେ ନାହିଁ। ଏହି ଘଟଣା ଓଡ଼ିଶା ସୀମା ସରହଦ ଡେଇଁ ରାଜ୍ୟସଭା ପର୍ଯ୍ୟନ୍ତ ପହଞ୍ଚିଲା। ଏହାପରେ ସରକାର ସମସ୍ୟା ସମାଧାନରେ ତତ୍ପର ହେଲେ ଏବଂ ଶର୍ମିଷ୍ଠା ସମ୍ମାନର ସହ ବଞ୍ଚିବାର ଅଧିକାର ଓ ନ୍ୟାୟ ପାଇଲେ।

ବର୍ତ୍ତମାନ ମଣିଷ ଚନ୍ଦ୍ରରେ ପାଦ ଦେଇ ସୂର୍ଯ୍ୟ ଆଡ଼କୁ ଅଗ୍ରସର ହେଲାଣି। 'ଏଆଇ' ଯୁଗରେ ଆମେ ଏକ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବା ବେଳେ ଏହି କୁତ୍ସିତ ମାନସିକତାକୁ ଦୂର କରିବାରେ ବିଫଳ ହୋଇଛନ୍ତି। ସମ୍ବିଧାନର ଧାରା ୧୭ରେ ଅସ୍ପୃଶ୍ୟତାର ବିଲୋପ ସାଧନା କରାଯାଇ ଏଭଳି ଭେଦଭାବକୁ ଦଣ୍ଡନୀୟ ଅପରାଧ ରୂପେ ଘୋଷଣା କରାଯାଇଛି। ଦଳିତ ବର୍ଗଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି ଓ କରୁଛନ୍ତି। କିନ୍ତୁ ନୂଆଗାଁ ଘଟଣା ଇଙ୍ଗିତ କରୁଛି ଯେ ଲୋକଙ୍କ ଆଚରଣ ଓ ଦୃଷ୍ଟିଭଙ୍ଗୀ ଯଦି ପରିବର୍ତ୍ତନ ନହୁଏ, ଯେତେ ଯୋଜନା କଲେ ମଧ୍ୟ ସୁଫଳ ମିଳିବ ନାହିଁ ଏବଂ ସମାଜିକ ଚାଲିଚଳଣିରେ ପରିବର୍ତ୍ତନ ଆସିବ ନାହିଁ।

ଇତିହାସ ସାକ୍ଷୀ ଯେ ସର୍ବଦା ଦଳିତ ଶେଣ୍ରୀର ଲୋକ ଉଚ୍ଚଜାତିର ଲୋକଙ୍କ ଦ୍ୱାରା ନିର୍ଯାତିତ ହୋଇଆସିଛନ୍ତି। ଭାରତ ସମ୍ବିଧାନର ପ୍ରଣେତା ଡ. ବି ଆର ଆମ୍ବେଦକର ମଧ୍ୟ ଏହି ଛୁଆଁ-ଅଛୁଆଁ ଭେଦଭାବର ଶିକାର ହୋଇଥିଲେ। ସେ ଜାତିରେ ମାହାର ଥିଲେ। ସ୍କୁଲ୍‌ରେ ପଢ଼ିବା ସମୟରେ ତାଙ୍କୁ ଏକ ବସ୍ତା ଉପରେ ବସିବାକୁ ପଡ଼ିଥିଲା ଯାହାକି ତାଙ୍କୁ ତାଙ୍କ ସହିତ ଘରୁ ନେବାକୁ ପଡୁଥିଲା। ବିଦ୍ୟାଳୟରେ ପାଣି ପିଇବାକୁ ହେଲେ ସ୍କୁଲ ପିଅନ ସ୍ୱତନ୍ତ୍ର ଭାବେ ଦେଉଥିଲା। ପିଅନ ଛୁଟିରେ ଥିଲେ ତାଙ୍କୁ ପିଇବାକୁ ପାଣି ମିଳୁ ନଥିଲା। ସେ ସମୟରେ ଆମ୍ବେଦକର ଉଚ୍ଚ ଶିକ୍ଷା ହାସଲ କରିଥିଲେ ସୁଦ୍ଧା ଜାତିଭେଦ ମାନସିକତାର ଶିକାର ହୋଇଥିଲେ। ଆଇନରେ ପାରଙ୍ଗମ ଥିଲେ ମଧ୍ୟ ସେ ଦଳିତ ଜାତିର ହୋଇଥିବାରୁ କେହି ତାଙ୍କ ନିକଟକୁ ମାମଲା ନେଇ ଆସୁ ନ ଥିଲେ। ଆମ୍ବେଦକର କହୁଥିଲେ ଯଦି ଜାତି ରୁହେ ତେବେ ଆଉ ଗୋଟେ ଜାତି ପୁନଃ ଉତ୍ପତ୍ତି ହେବ।

ଆମ ଦେଶରେ ଗୋଟିଏ ଦଳିତ ଶ୍ରେଣୀରେ ପିଲା ଜନ୍ମ ହୋଇ ମରିବା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ସେ କେଉଁଠି ନା କେଉଁଠି ଛୁଆଁ-ଅଛୁଆଁର ଭେଦଭାବ ଭିତରେ ଛନ୍ଦି ହୋଇଯାଏ। ବେଳେବେଳେ ସେ ତା'ର ମାନସିକ ସ୍ଥିତି ହରାଇ ବସେ। ଶର୍ମିଷ୍ଠା ଦୀର୍ଘ ତିନିମାସ ଧରି ଏଭଳି ମାନସିକ ନିର୍ଯାତନାର ଶିକାର ହୋଇଥିଲେ। ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଓଡ଼ିଶାର ଘରେଘରେ ପଢ଼ାଯାଏ। ଜାତିପ୍ରଥା ବିରୋଧରେ ତାହା ଥିଲା ଏକ ସଶକ୍ତ ପଦକ୍ଷେପ। କିନ୍ତୁ ଆମେ ଲକ୍ଷ୍ମୀଙ୍କୁ କେବଳ ମୂର୍ତ୍ତି ଆଉ ପୂଜାରେ ସୀମିତ ରଖୁଛନ୍ତି। କିନ୍ତୁ ସେ ଏହି ଅସ୍ପୃଶ୍ୟତା ବିରୁଦ୍ଧରେ ଯେଉଁ କଷ୍ଟ ସହ୍ୟ କରିଥିଲେ ତାହା ଆମେ ଭୁଲି ଯାଉଛନ୍ତି। କଥାରେ ଅଛି - 'ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ'। ଯଦି ଆମେ ଆଚାର ବ୍ୟବହାର ଠିକ୍ ନରଖିବା ତେବେ ସେ ମଣିଷ ବୋଲି ଗଣତି ନୁହେଁ। ଶିକ୍ଷା, ସଂସ୍କାର, ଆଚାର, ବ୍ୟବହାର, ପରିଷ୍କାର, ପରିଚ୍ଛନ୍ନତା ନେଇ ଆଲୋଚନା କରାଯାଇପାରେ। କିନ୍ତୁ ଜାତିଭେଦରେ କାହାକୁ ନ୍ୟୁନ କରି ଦେଖିବା ସମ୍ବିଧାନ ଓ ଈଶ୍ୱରଙ୍କ ଦୃଷ୍ଟିରେ ଅପରାଧ। ●

ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

# ଧୀରେ ଧୀରେ ଖାଇବା

## ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆଜିକାଲିର କାର୍ଯ୍ୟବ୍ୟସ୍ତ ଜୀବନରେ ଏପରିକି ଧୀରେ ସୁସ୍ଥେ ଖାଇବା ପାଇଁ ଆମ ପାଖରେ ଯଥେଷ୍ଟ ସମୟର ଅଭାବ। ଏଣୁ 'ନାକରେ କାନରେ ପୂରାଇ' କିଛି ଖାଇଦେଇ ଆମେ କାମ ସାରିଦେଉ। ସକାଳ ଭୋଜନ ପାଇଁ ମିଳେ ସୀମିତ ସମୟ। କାର୍ଯ୍ୟସ୍ଥଳରୁ କର୍ମକ୍ଳାନ୍ତ ହୋଇ ଫେରିଲା ପରେ ରାତ୍ରିଭୋଜନ ମଧ୍ୟ ଶୀଘ୍ର ଶୀଘ୍ର ସାରି ଦେଇ ଆମେ ବିଶ୍ରାମ ନେବାକୁ ଚାହୁଁ। ସେତେବେଳେ ବି ଆମେ ଖାଦ୍ୟ ପ୍ରତି ଧ୍ୟାନ ନ ଦେଇ ଟିଭି କିମ୍ବା ମୋବାଇଲ ଦେଖୁ। ଆମ ହଜମ ଠାରୁ ଚୟାପଚୟ ଯାଏଁ ବିବିଧ ଶାରୀରିକ ପ୍ରକ୍ରିୟା ଏହା ଦ୍ୱାରା ପ୍ରଭାବିତ ହୁଅନ୍ତି।

ଶରୀର ବିଜ୍ଞାନୀମାନଙ୍କ ମତରେ ଥରେ ଖାଇବା ପାଇଁ ଆମେ ଅନ୍ତତଃ ୨୦/୨୫ ମିନିଟ୍ ସମୟ ଦେବା ଦରକାର। କାରଣ ଆମେ ଖାଉଥିବା ଖାଦ୍ୟ ଯଥେଷ୍ଟ ହେବାର, ଅର୍ଥାତ୍ ସନ୍ତୁଷ୍ଟିର ସୂଚନା ନେବାକୁ ମସ୍ତିଷ୍କ ଏତିକି ସମୟ ନେଇଥାଏ। ତାହା ନକରି ଶୀଘ୍ର ଖାଇଲେ ଆମେ ଦରକାରଠାରୁ ଅଧିକ ଖାଦ୍ୟ ଖାଇଦେଉ। ଫଳରେ ତାହା ପୃଥୁଳତା, ମଧୁମେହ ଆଦିର ଆଶଙ୍କା ବୃଦ୍ଧି କରେ। ଶୀଘ୍ର ଶୀଘ୍ର ଖାଇବାର ମୁଖ୍ୟ ପରିଣାମଗୁଡ଼ିକ ମଧ୍ୟରୁ ପ୍ରଥମଟି ହେଲା ବାୟୁ ହୋଇ ପେଟ ଫୁଲିବା ଏବଂ ଛାତିରେ ଯନ୍ତ୍ରଣା ହେବା। କାରଣ ଏହାଦ୍ୱାରା ଆମେ ଖାଦ୍ୟକୁ ଭଲ କରି ନଚୋବାଇ ଗିଳିଦେଉ। ଅତଏବ ତାହା ବଡ଼ବଡ଼ ଖଣ୍ଡ ଆକାରରେ ପାକସ୍ଥଳୀ ମଧ୍ୟକୁ ଯାଏ। ପୁନଶ୍ଚ ସେଥିସହିତ ଆମେ ଅଧିକ ମାତ୍ରାରେ ବାୟୁ ମଧ୍ୟ ଗିଳିଥାଉ। ଏସବୁ ମିଳିତ ଭାବେ ତାହାର କାରଣ ହୁଅନ୍ତି।

ଧୀରେ ଧୀରେ ଖାଇଲେ ଯଥା ସମୟରେ ମସ୍ତିଷ୍କ ସନ୍ତୁଷ୍ଟିର ସୂଚନା ଦିଏ। ଏଣୁ ଆମେ ପେଟ ପୂରିବା ଅନୁଭବ କରୁ ଏବଂ ଅଧିକ ଖାଇବାରୁ ନିବୃତ୍ତ ରହୁ। ଫଳରେ କ୍ୟାଲୋରୀ ଗ୍ରହଣ ପ୍ରାୟ ୨୫ ପ୍ରତିଶତ କମ୍ ରହେ। ଆମେ ଖାଦ୍ୟକୁ ଅଧିକ ଉପଭୋଗ କରୁ ଏବଂ ଆମ ମାନସିକ ଚାପ କମ ରହେ। ଅନ୍ୟପକ୍ଷରେ ଶୀଘ୍ର ଶୀଘ୍ର ଖାଇଲେ ଏହାର ଠିକ୍ ବିପରୀତ ଘଟେ। ଏଣୁ ରକ୍ତ ଶର୍କରା ହଠାତ୍ ବଢ଼ିଯାଏ ଏବଂ କାଳକ୍ରମେ ଆମେ ପୃଥୁଳ ହେଉ। ସେଥିପାଇଁ ଭୋଜନ ପ୍ରକ୍ରିୟାକୁ ମନ୍ଥର କରିବା ଉଚିତ୍।

ଏଥିଲାଗି ଅଧିକ ତନ୍ତୁଯୁକ୍ତ ଖାଦ୍ୟ ବାଛିବା ଦରକାର। ପେରିକି ତନ୍ତୁବହୁଳ ଫଳମୂଳ, ପନିପରିବା, ଡାଲିଜାତୀୟ ପଦାର୍ଥ, କୋଳି, ମଞ୍ଜି ଇତ୍ୟାଦି। କାରଣ ଏହାକୁ ଅଧିକ ସମୟ ଧରି ଚୋବାଇବାକୁ ପଡ଼େ। ପୁନଶ୍ଚ ଏଗୁଡ଼ିକର କ୍ୟାଲୋରୀ ମୂଲ୍ୟ ଅପେକ୍ଷାକୃତଭାବେ କମ୍। ଅନ୍ୟପକ୍ଷରେ, ଫାଷ୍ଟଫୁଡ୍‌କୁ ଯଥାସମ୍ଭବ ଏଡ଼ାଇବା ଉଚିତ୍। କାରଣ, ଏହା ଅଧିକ କ୍ୟାଲୋରୀଯୁକ୍ତ ଏବଂ ଆମ ଠାରେ ମେଦବୃଦ୍ଧି ଘଟାଏ। ତତ୍‌ସଙ୍ଗେ ସଙ୍ଗେ ଏହା ଅତ୍ୟଧିକ ପ୍ରକ୍ରିୟାକରଣ ହୋଇଥିବାରୁ ତାହାକୁ ସହଜରେ ଖୁବ୍ ଶୀଘ୍ର ଖାଇହୁଏ।

ଖାଇଲା ବେଳେ ଆମେ ଖାଦ୍ୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ସେତେବେଳେ ଟିଭି କିମ୍ବା ମୋବାଇଲ ଫୋନ ଦେଖିବା ଉଚିତ ନୁହେଁ। କାରଣ ତାହା କଲେ ଆମେ କ'ଣ ଖାଇଲୁ, କେତେ ଖାଇଲୁ ଏବଂ ତା' ସ୍ୱାଦ ପ୍ରତି ନଜର ରହିବ ନାହିଁ। ପରିବାରବର୍ଗ କିମ୍ବା ବନ୍ଧୁମାନଙ୍କ ସହିତ ଆମେ ଏକତ୍ର ଭୋଜନ କଲେ ଆମେ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରିପାରିବା। ତହିଁରେ କିଛିସମୟ ବିତିବ। ମଝିରେ ମଝିରେ ସେଥିରୁ ବିରତ ରହି ପାଟିକୁ ଖାଦ୍ୟ ନେଇ ପାରିବା। ତା'କୁ ଚୋବାଇଲା ବେଳେ ଅନ୍ୟର କଥା ଶୁଣି ପାରିବା। ଅତଏବ ଭୋଜନ ପ୍ରକ୍ରିୟା ବିଳମ୍ବିତ ହେବ। ଖାଇଲା ବେଳେ ମାନସିକ ଚାପରୁ ଦୂରେଇ ରହିବା ଉଚିତ୍। ତାହା ହେଲେ ଆମେ କେଉଁ ଖାଦ୍ୟ କେତେ ଖାଇଲୁ ତାହା ଜାଣି ପାରିବା। ତାହାକୁ ଉପଭୋଗ ମଧ୍ୟ କରିପାରିବା। ଧୀରେ ଧୀରେ ମ ଯୋଗ ସହିତ ଖାଦ୍ୟକୁ ଚୋବାଇ ଖାଇ ପାରିବା।

ପୁନଶ୍ଚ ଧୀରେ ଧୀରେ ଖାଇଲେ ହଜମ ସହଜ ହୁଏ। କାରଣ ଖାଦ୍ୟକୁ ଆମେ ଚୋବାଇ ଚୋବାଇ ଛୋଟ ଛୋଟ ଖଣ୍ଡରେ ପରିଣତ କରିବାର ଅବକାଶ ପାଉ। ଫଳରେ ସେଥିରେ ଲାଳରେ ଥିବା ହଜମକାରୀ ଏଂଜାଇମ ଭଲ ଭାବେ ମିଶେ। ଏହାଛଡ଼ା ଶରୀରର ଓଜନ ଠିକ୍ ରହିବା, ଖାଦ୍ୟରୁ ଅଧିକ ପୁଷ୍ଟି ଶୋଷଣ ହେବା ଆଦି ମଧ୍ୟ ହୁଏ। ଏଣୁ ଚାଲନ୍ତୁ ଆମେ ଆମେ ଧୀରେ ଧୀରେ ଖାଇବା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରକୁ ଝିଅକୁ ନେବା ଆଣିବା ପାଇଁ

## ଆଜୀବନ ବନ୍ଦୀକୁ ହାଇକୋର୍ଟଙ୍କ ଜାମିନ

କଟକ, ୨୩।୨ (ସମିସ): ମାଟ୍ରିକ୍ ପରୀକ୍ଷା ଦେଉଥିବା ଝିଅକୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା କରିବା ପାଇଁ ଜଣେ ଆଜୀବନ ବନ୍ଦୀଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଦୌରା ଅଦାଲତରେ ଆତ୍ମସମର୍ପଣ କରିବେ ଓ ଏ ସଂପର୍କିତ ପ୍ରମାଣପତ୍ର ଦାଖଲ କରିବା ପରେ ଆବେଦନକାରୀଙ୍କୁ ଆସନ୍ତା ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନରେ ଛାଡ଼ିବାକୁ ଜଗତସିଂହପୁର ଦୌରାଜଜ୍ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଅନ୍ତରୀଣ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାମିନ ଅବଧି ଶେଷ ପରେ ଆବେଦନକାରୀ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବେ।

ମାମଲାର ବିବରଣୀରୁ ପ୍ରକାଶ ଯେ ଜଗତସିଂହପୁର ଥାନାରେ ରୁଜୁ ୨୦୧୦ର ଏକ ହତ୍ୟା ମାମଲାରେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଦୌରା ଅଦାଲତ ଆଜୀବନ କରାଦଣ୍ଡ ପ୍ରଦାନ କରିଥିଲେ। ୨୦୨୧ ଜାନୁଆରି ୨୧ରୁ ଆବେଦନକାରୀ ଜେଲରେ ଅଛନ୍ତି। ଆବେଦନକାରୀଙ୍କ ଝିଅ ତାର ୭୬ ବର୍ଷୀୟା ଜେଜେ ବାପା ଓ ୭୦ବର୍ଷିୟା ଜେଜେ ମା'ଙ୍କ ସହ ଜଗତସିଂହପୁର ଥାନା ଅଧୀନରେ ଥିବା ପୈତୃକ ଗ୍ରାମରେ ରହୁଛି। ଝିଅ ମାଟ୍ରିକ୍ ପରୀକ୍ଷା ଦେଉଥିବା ବେଳେ ପରୀକ୍ଷା କେନ୍ଦ୍ର ଘରଠାରୁ ୫ କି.ମି. ଦୂର ହୋଇଥିବାରୁ ସେ ଯା ଆସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛି। ଏଣୁ, ତାକୁ ଘର ନେବା ଆଣିବା ପାଇଁ ଅନ୍ତରୀଣ ଜାମିନ ଲୋଡ଼ିଥିଲେ।

## ନିମାପଡ଼ା ଜେଲ୍‌ରେ ମହିଳା କଏଦୀଙ୍କ ଆତ୍ମହତ୍ୟା

ନିମାପଡ଼ା,୨୩।୨ (ସମିସ): ନିମାପଡ଼ା ଉପକାରାଗାରରେ ଜଣେ ୨୪ବର୍ଷୀୟା ବିଚାରାଧୀନ ମହିଳା କଏଦୀ ବେକରେ ନିଜ ପିନ୍ଧାଲୁଗା ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଡେଲାଙ୍ଗ ଥାନା ଅନ୍ତର୍ଗତ ଷଡ଼ଙ୍ଗେଇ ଅଞ୍ଚଳର ମଧୁସ୍ମିତା ବରାଳ।

ସୂଚନାନୁଯାୟୀ, ମଧୁସ୍ମିତା ୨୦୨୦ ମସିହାରେ ନିଜ ଝିଅକୁ ହତ୍ୟା କରିଥିବା ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ସେବେଠାରୁ ମଧୁସ୍ମିତା ଫେରାର୍ ଥିଲେ। ୨୦୨୫ ଡିସେମ୍ବରରେ ପୁଲିସ ମଧୁସ୍ମିତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଥିଲା। ସେଠାରେ ସେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ମଧୁସ୍ମିତା ଆଜି ମଧ୍ୟାହ୍ନଭୋଜନ ଖାଇ ଅନ୍ୟ ମହିଳା କଏଦୀମାନଙ୍କ ସହ ୱାର୍ଡ ବାରଣ୍ଡାରେ ବସିଥିଲେ। ହଠାତ୍ ଗାଧୁଆ ଘରକୁ ଯାଉଛି ବୋଲି କହି ଆଉ ଫେରି ନ ଥିଲେ। କିଛି ସମୟ ପରେ ଅନ୍ୟ କଏଦୀମାନେ ମଧୁସ୍ମିତାଙ୍କୁ ବେକରେ ନିଜ ପିନ୍ଧା ଲୁଗାକୁ ଗୁଡ଼ାଇ ଝୁଲି ପଡ଼ିଥିବା ଦେଖିଥିଲେ। ଖବର ପାଇ ଜେଲ୍ କର୍ତ୍ତୃପକ୍ଷ ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଧୁସ୍ମିତାଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣାପଡ଼ିନାହିଁ। ଉକ୍ତ ଜେଲ୍‌ର ସୁରକ୍ଷାରେ ଅବହେଳା କାରଣରୁ ମହିଳା କଏଦୀଙ୍କର ମୃତ୍ୟୁ ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ସାଇବର ଠକେଇର ନୂଆ ଜାଲ

## ସନ୍ଦେହ ଘେରରେ କେନ୍ଦ୍ରାପଡ଼ାର ଶତାଧିକ ବ୍ୟାଙ୍କ ଖାତା

କେନ୍ଦ୍ରାପଡ଼ା,୨୩।୨(ସମିସ): ସାଇବର ଠକେଇ ଓ ଅବୈଧ ଟଙ୍କା ନେଣଦେଣ ସନ୍ଦେହରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକାଧିକ ବ୍ୟାଙ୍କଖାତା ଏବେ ତଦନ୍ତଘେରକୁ ଆସିଛି। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜୋରଦାର କରାଯାଇଛି। ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ୧୭ଟି ଥାନାରେ ଏହି ଘଟଣା ସମ୍ପର୍କିତ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ମୁତାବକ, ଶତାଧିକ ବ୍ୟକ୍ତିଙ୍କ ନାମରେ ଖୋଲାଯାଇଥିବା ବ୍ୟାଙ୍କ ଖାତାକୁ ସାଇବର ଅପରାଧୀ ମ୍ୟୁଲ ଆକାଉଣ୍ଟ ଭାବେ ବ୍ୟବହାର କରୁଥିଲେ। ଏହି ଖାତା ମାଧ୍ୟମରେ ସାଇବର ଠକେଇରେ ଅର୍ଜିତ ଟଙ୍କା ପ୍ରଥମେ ଜମା କରାଯାଇ ପରେ ଅନ୍ୟ ଖାତାକୁ ସ୍ଥାନାନ୍ତର କରାଯାଉଥିଲା। ତଦନ୍ତ ସମୟରେ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କର କେନ୍ଦ୍ରାପଡ଼ା ଓ ବନ୍ଧକଟା ଶାଖାରେ ଖୋଲାଯାଇଥିବା ୨ଶହରୁ ଅଧିକ ଖାତାରେ କୋଟିକୋଟି ଟଙ୍କାର ସନ୍ଦେହଜନକ ନେଣଦେଣ ହୋଇଥିବା ଚିହ୍ନଟ ହୋଇଛି। ଏହି ଖାତାଗୁଡ଼ିକ କେନ୍ଦ୍ରାପଡ଼ା ସହିତ କଟକ ଜିଲ୍ଲାର ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଥିବା ଜଣାପଡ଼ିଛି। ୟୁପିଆଇ, ଅନଲାଇନ ଗେମିଂ ଓ ଅନ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଏହି ଖାତାଗୁଡ଼ିକୁ ଟଙ୍କା ଆସୁଥିଲା ଓ ପରେ ଶୀଘ୍ର ଉଠାଯାଉଥିଲା। ଏହା ମାଧ୍ୟମରେ ଠକେଇର ମୂଳ ଅଭିଯୁକ୍ତ ନିଜ ପରିଚୟ ଲୁଚାଇବାରେ ସଫଳ ହେଉଥିଲେ। ଫଳରେ ନିଜ ନାମରେ ଖାତା ଦେଇଥିବା ସାଧାରଣ ଲୋକ ମଧ୍ୟ ଆଇନ ଜାଲରେ ଫସୁଥିବା ଦେଖାଯାଉଛି। ପୁଲିସ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଛି ଯେ କେହି ନିଜ ବ୍ୟାଙ୍କ ଖାତା, ଏଟିଏମ କାର୍ଡ କିମ୍ବା ଓଟିପି ସୂଚନା ଅଜଣା ବ୍ୟକ୍ତିଙ୍କୁ ଦିଅନ୍ତୁ ନାହିଁ।


**AFFIDAVIT**

By virtue of an affidavit sworn before Notary Public, Bhubaneswar, dtd 17.02.2026, I, Shreepreet Sahu, resident of Khan Nagar, Keuta Sahi, Arunodaya Market, Sadar, Cuttack - 753012, hereby declare that my name has been wrongly mentioned as Shreepreet Sahoo in my Passport No. V9491362. My correct name is Shreepreet Sahu as per Aadhaar No. 2029 8394 8702. Both names refer to one and the same person i.e. myself.

**WANTED**

A well-established firm invites applications for the following positions:

1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707


■ ଆଜି ଛତିଶା ନିଯୋଗ ବୈଠକ

## ମେଣ୍ଢାପୋଡ଼ି, ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ ହେବ

ପୁରୀ,୨୩।୨(ସମିସ): ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ଅପରାହ୍ଣ ୫ଟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମେଣ୍ଢାପୋଡ଼ି ଏବଂ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଅନୁମୋଦନ କରାଯିବ। ଏଥିସହ ସଭାପତିଙ୍କ ଅନୁମୋଦନକ୍ରମେ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଆସନ୍ତା ମାର୍ଚ୍ଚ ୨ ତାରିଖରେ ମେଣ୍ଢାପୋଡ଼ି ଏବଂ ୩ରେ ଦୋଳ ପୂର୍ଣ୍ଣିମା ରହିଛି। ଏହାକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ଛତିଶା ନିଯୋଗ ବୈଠକ ଡାକିଛି। ଏଥିରେ ଏହି ଦୁଇ ନୀତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ନିର୍ଘଣ୍ଟ ହେବ।

## କଂଗ୍ରେସରୁ ଇସ୍ତଫା ଦେଲେ ୬୨ ଯୁବ ସଂଗଠକ

### ମୋକିମଙ୍କ ସଂଗଠନରେ ମିଶିବା ଯୋଜନା

ଭୁବନେଶ୍ୱର,୨୩।୨(ସମିସ): ରାଜ୍ୟ କଂଗ୍ରେସରୁ ମୁହଁ ଫେରାଇ ସୋମବାର ପୁଣି କିଛି ଯୁବ ସଂଗଠକମାନେ ଦଳରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ କଂଗ୍ରେସର ସାଂଗଠନିକ ଦୁର୍ବଳତାକୁ ଦାୟୀ କରି ସେମାନେ କଂଗ୍ରେସ ଛାଡ଼ିଛନ୍ତି। ପିସିସି ସୋସିଆଲ ମିଡିଆର ପୂର୍ବତନ ସାଧାରଣ ସମ୍ପାଦକ ସୁଧୀର ରାଉତ ଓ ସୋସିଆଲ ମିଡିଆ ସେଲ୍‌ର ପୂର୍ବତନ ସମ୍ପାଦକ ଇଂ ତନ୍ମୟ ବିଶ୍ୱାଳଙ୍କ ସଂଯୋଜନାରେ ୬୨ଜଣ ଯୁବ ସଂଗଠକ ଓ କଂଗ୍ରେସ ସୋସିଆଲ ମିଡିଆ ସେଲ୍‌ର କର୍ମକର୍ତ୍ତାମାନେ ସାମୂହିକ ଭାବେ ଇସ୍ତଫା ଦେବା ସହ ସ୍ଥାନୀୟ ରୋଟାରି ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନଜ ପୂର୍ବ ଦଳର ନେତୃତ୍ୱଙ୍କ ବିରୋଧରେ ବର୍ଷିଛନ୍ତି।

କଂଗ୍ରେସ ଦଳରେ ଯୁବକମାନଙ୍କ ଭବିଷ୍ୟତ ଅନ୍ଧକାର ବୋଲି ସେମାନେ ଗଣମାଧ୍ୟମକୁ ସୂଚନା ଦେବା ସହ ଆଗକୁ ସେମାନେ ମହମ୍ମଦ ମୋକିମଙ୍କ ସଂଗଠନରେ ସାମିଲ୍ ହେବେ ବୋଲି ଉତ୍ତରରେ ଜଣାଇଛନ୍ତି। ଇସ୍ତଫା ଦେଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଅନେକ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ମିଡିଆ ସେଲ୍‌ର ସମ୍ପାଦକ ସୁଧୀର ମହାରଣା, ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ରଶ୍ମିରଞ୍ଜନ ନାୟକ, ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦିଲ୍ଲିପ କୁମାର ଖୁଣ୍ଟିଆ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଆଲୋକ ଦାସ, ଖଣ୍ଡପଡ଼ା କିଷାନ ସେଲ୍ ସଭାପତି ପ୍ରମୋଦ କୁମାର ନାୟକ, ଯୁବ ସଂଗଠକ ଅସିତ ବାରିକ, ନିରୁପମା ଦାସ, ସନ୍ତୋଷ କୁମାର ରାଉତ, ନୀଳୟ ରଞ୍ଜନ ମହନ୍ତ, ବିଶ୍ୱନାଥ ଗୋଚ୍ଛି, ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ନିଜର ସମର୍ଥକମାନଙ୍କ ସହ ଉପସ୍ଥିତ ରହି କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ସେହିପରି ବିଜେପିର ଯଶିପୁରର ପୂର୍ବତନ କାଉନସିଲର ବିନୋଦ କୁମାର ବିଶୋୟୀ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହିତ ନିଜ ନିଜ ଦଳରୁ ଇସ୍ତଫା ଦେଇ ମୋକିମଙ୍କ ସଂଗଠନରେ ସାମିଲ୍ ହେବେ ବୋଲି ସୂଚନା ଦେଇଛନ୍ତି।


**WANTED**

A well-established firm invites applications for the following position

Tele Sales Executive

Out Bound Uk process

Good English Speaking

Salary: 10k to 20k

depend upon experience

Unlimited earning through commission as well on top of salary

Interested candidates send their CV to

Email: pin24u@gmail.com

9776245778
7752003261

Location: Bhubaneswar


OFFICE OF THE CHIEF CONSTRUCTION ENGINEER
ANANDPUR BARRAGE PROJECT, SALAPADA.
DIST:-KEONJHAR,ODISHA, PIN: 758020
Tel No. (06731) 295003
E-Mail:cceabp@gmail.com

32001/128/2526

**Tender Reference No-CCEABP- 22 of 2025-26**

The Chief Construction Engineer, Anandapur Barrage Project, Salapada, on behalf of the Governer of Odisha, invites Request for Proposal (RfP) through online mode in double cover system from eligible bidders for the work as detailed below: -

**Name of work:- "Concurrent Evaluation Study of Integrated Anandapur Barrage Project under PMKSY- AIBP scheme".**

| | | |
|---|---|---|
| a. | Period of completion | : 02 (Two) Calendar months |
| b. | Period of Availability of Bid Document in the Portal | : From 11.30 AM of 25.02.2026 to 11.03.2026 up to 5.00 PM |
| c. | Last Date / Time for Receipt of Bid | : 11.03.2026 up to 5.00 PM. |
| d. | Date and Time of Opening of Technical Bid | : 12.03.2026 at 11.30 AM. |
| e. | Name & address of the officer inviting Bid | : Chief Construction Engineer, Anandapur Barrage Project, Salapada |
| f. | Further details can be seen from E-Procurment Portal | "https://www.tendersodisha.gov.in" |

Chief Construction Engineer
Anandapur Barrage Project,
Salapada

OIPR-32001/32180/1/25-26/0002


**AFFIDAVIT**

I, Sujata Dash, W/o. Pradipta Kumar Dash, resident of Vill. Sarasatia, P.o. Sarasatia, P.S. Khantapada, Dist. Balasore, Odisha, Pin. 756043 declare by this affidavit No. 480 dtd. 21.02.2026 that now onwards I shall be known as Sujata Parhi for all future purposes.


GOVERNMENT OF ODISHA
OFFICE OF THE SUPERINTENDING ENGINEER,
TELENGIRI CANAL DIVISION,
AMBAGUDA, DIST.- KORAPUT
Email: setcdambaguda@gmail.com

32001/115/2526

**e-Procurement Notice**

**Bid Identification No. SE-TCD-05/2025-26, Dated 21.02.2026**

Bid Documents consisting of work, Estimated Cost, Cost of bid document, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Works
2. No. of Works : 5 Nos.
3. Estimated Cost :4.68 Lakhs-14.99 Lakhs
4. Period of completion :One Calendar Months
5. Date & Time of Bidding : From 11.00 hours of 23.02.2026 Up to 12.00 hours of 02.03.2026
6. Last date & time for receipt of bids in portal : **02.03.2026** up to 12.00 hours.
7. Bids received online shall be opened on : 15.30 hours of **02.03.2026**
8. Name and address of the officer inviting Bid : Superintending Engineer,Telengiri Canal Division,Ambaguda ,

**Further details can be seen from the www.tendersodisha.gov.in.**
**Addendum/Corrigendum/cancellation it any required will be published in Govt. website only.**

Sd/-
**Superintending Engineer,**
**Telengiri Canal Division**
**Ambaguda**

OIPR-32001/32434/1/25-26/0002


**AFFIDAVIT**

By virtue of an affidavit no 86, sworn before the Executive Magistrate, Jhumpura on dtd 21.02.2026, I, Kunja Bihari Munda, S/o- Gamia Munda, resident of Vill/po - Sarasinga, P.s- Baria, Dist- Keonjhar, Pin - 758032, Odisha, declare that I have changed my name from KUNJA MUNDA (OLD NAME ) to KUNJA BIHARI MUNDA (NEW NAME). Henceforth I shall be known as **KUNJA BIHARI MUNDA** for all future purposes

**AFFIDAVIT**

By virtue of an affidavit CF No.05 before the **Executive Magistrate, Bhawanipatna, Kalahandi, dtd 21.02.2026**, I, **Sushil Kumar Mahapatra**, resident of Jodabandh, Gopinathpur, Lanjigarh, Kalahandi, Odisha - 766020, hereby declare that my former name was Shushilla K Mahapatra, which has now been changed to **Sushil Kumar Mahapatra.** That both the names belong to one and the same person i.e. myself.

**AFFIDAVIT**

I, Kanak Lata Sahoo, aged about 71 years, W/o- Late Bhagaban Chandra Sahoo, resident of At- Santia, Po/Ps- Jaleswar, Dist- Balasore, Pin-756032, Odisha do hereby declare by this affidavit No. 376, dtd- 23/02/2026, that now onwards I shall be known as **KANAKA LATA SAHOO** for all future purposes.

**AFFIDAVIT**

By virtue of an affidavit Sworn before the Executive Magistrate, Baripada, Mayurbhanj, No - 106 dt 09.02.2026. I, Rabi narayan Sethi (new name) and Rabindra Sethi ( old name) s/o - Fagu Sethi, w.n - 15, po/ ps- Baripada, Dist- Mayurbhanj, pin - 757001, Aadhar no- 441945015052 declare that I shall at all times hereafter in all records, deed, Aadhar Cad and writings and all proceeding dealing and transaction in all occasions whatsoever use and I shall be known as in the name of Rannarayan Sethi in place of in substitution of my former name Rabindra Sethi for all purpose.

**RABINARAYAN SETHI**


**Enhancing Climate Resilience of India's Coastal Communities (ECRICC)**
**Office of the Divisional Forest Officer (T), DPMU, ECRICC, GANJAM**
Address: At Courtpeta, Kamapali Road, Brahmapur, Ganjam, Odisha, Pin- 760004
Mob No. 8249185507 E-mail: dpmuecricc.ganjam@gmail.com

No. 78 Date 27.02.2026

**TENDER CALL NOTICE**

**FOR SUPPLY OF INSULATED ICE BOXES UNDER ECRICC PROJECT.**

DPMU, ECRICC, GANJAM District invites sealed bids under two-bid system from reputed, registered and experienced manufacturers/ suppliers/ firms for supply of Insulated Ice Boxes to project districts of ECRICC Project in **Ganjam** for the year 2025-26. 2026-27 & 2027-28. Bidders fulfilling the prescribed eligibility criteria of the tender can access and download the complete tender document and other details from https://ganjam.odisha.gov.in & www.ecricc.org).

The bid calendars under the end-to-end process are:

| Sl. | List of Key Events | Critical Dates |
|---|---|---|
| 1. | Date of Issue of Tender Call Notice | 26th February, 2026 |
| 2. | Last Date for Submission of Bid | 12th March 2026, 05:30 PM |
| 3. | Date of Opening of Technical Bid & Financial Bid | 13th March 2026, 11:30 AM |

8001/99/2526

The bid complete in all respects must reach the undersigned in the above-mentioned address by **Speed Post/ Registered Post/ Drop in the Tender Box** only latest by **12th March 2026, 05:30 PM** in a sealed envelope clearly mentioning on the top of it **"Tender for supply of Insulated Ice Boxes under ECRICC Project".**

The proposals received beyond the last date and time as mentioned above will be rejected. The authority reserves the right to reject any/ all proposals without assigning any reason thereof.

Divisional Forest Officer
Brahmapur Division-cum-Nodal Officer,
ECRICC Project, Ganjam District

OIPR-8001/8173/1/25-26/0001

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI
Email: - eemikldbpt@gmail.com

32001/130/2526

**e-PROCUREMENT NOTICE**

**Bid Identification Notice No.: -SE MID BPT- 10/2025-26**
**Lt No : 665 Dt.: -23.02.2026**

The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in **Single/Double Cover** System through e-procurement to be received in online mode only for the works as detailed in the table below. The bid should be submitted online in the web site **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of work | : | Construction of Check Dams under M.I.Division,Kalahandi |
| 2. | Total No. of works | : | 09 (Nine) Nos. Only |
| 3. | Estimated cost | : | Varies from Rs.30.28 Lakhs to Rs.69.18 Lakhs Approximately |
| 4 | Class of Contractor | : | "C" & "B" |
| 5. | Period of completion | : | 06 (Six) Calendar Months |
| 6. | Date and time of availability of Bid | : | **From 11:00 AM on 25.02.2026** and **up to 5:30 PM on 07.03.2026** Document in portal |
| 7. | Last date / time for receipt of Bid | : | **Up to 5:30 PM on 07.03.2026** Document in portal |
| 8. | Date / Time of opening of Technical Bid | : | **From 11:00 AM on 09.03.2026** At O/o M.I. Division, Kalahandi, Bhawanipatna |
| 9. | Date / Time of opening of Financial Bid | : | **From 11:00 AM on 16.03.2026** At O/o M.I. Division, Kalahandi, Bhawanipatna |
| 10.. | Name and Address of Tender Inviting Officer | : | Superintending Engineer, M.I. Division, Kalahandi, Officer inviting the Bid. |
| 11. | Mode of Payment of Bid cost and Bid security. | : | Online |
| 12. | Date of Lottery (If required) | : | To be intimated through e-mail after evaluation of Financial Bid |

OIPR-32001/32531/1/25-26/0001

**Superintending Engineer**
**M.I. Division, Kalahandi**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଢ଼ବର୍ଷରେ ୪୮,୭୯୮...

୩୭,୧୫୦ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ୪,୯୩୬ଟି ମାମଲାରେ ଫାଇନାଲ ଫର୍ମ ଦାଖଲ କରାଯାଇଛି ତଥା ୬,୭୦୩ଟି ମାମଲା ତଦନ୍ତାଧୀନ ଅଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମହିଳା ଏବଂ ଶିଶୁ ମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବା ଉଦେଶ୍ୟରେ ସମସ୍ତ ମାମଲାଗୁଡିକର ତୁରନ୍ତ ପଞ୍ଜୀକରଣ, ଉପଯୁକ୍ତ ତଦନ୍ତ, ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ, ସମୟ ସୀମା ମଧ୍ୟରେ ଅଭିଯୋଗ ଫର୍ଦ୍ଦ ଦାଖଲ, ସ୍ୱତନ୍ତ୍ର ସରକାରୀ ଓକିଲ ଏବଂ ପୀଡିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହିତ ପରାମର୍ଶ, ପୁନର୍ବାସ ଇତ୍ୟାଦି ମାଧ୍ୟମରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି।

ତେବେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରକୁ ନେଇ ବିରୋଧୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କ୍ରମାଗତ ଉଦବେଗ ପରେ ମଧ୍ୟ ସରକାର ମହିଳା ହିଂସାକୁ ରୋକିବା ପାଇଁ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ କିମ୍ବା ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଫଳରେ ଏହି ମାମଲା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ରାଜ୍ୟରେ ମହିଳା ବିରୋଧୀ ହିଂସା କ୍ରମାଗତ ଭାବେ ବଢ଼ି ଚାଲିବା ଯୋଗୁଁ ଓଡ଼ିଶା ଏବେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦୁର୍ନାମ ମୁଣ୍ଡାଉଛି। ଆମେରିକା ନିଜ ଦେଶର ନାଗରିକଙ୍କୁ ନଯିବାକୁ ପରାମର୍ଶ ଦେଉଥିବା ବେଳେ ଓଡ଼ିଶା ଯିବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଉଛି। ଯାହାର କୁପ୍ରଭାବ ପର୍ଯ୍ୟଟନ, ଶିଳ୍ପାୟନ ଉପରେ ସର୍ବାଧିକ ପଡ଼ିବାର ଆଶଙ୍କା ରହିଛି ବୋଲି ବିରୋଧୀ କହିଛନ୍ତି। ଅନ୍ୟପକ୍ଷରେ ବୁଦ୍ଧିଜୀବୀମାନେ ମଧ୍ୟ ଏହି ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାର ଏନେଇ ଯତ୍ନଶୀଳ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ୧୨ ମାସରେ...

କରିଛି। ପୁଲିସ, ପ୍ରଶାସନ ଓ ସରକାରଙ୍କ ମହିଳା ସଶକ୍ତିକରଣ ସଂକ୍ରାନ୍ତ ସବୁ ପଦକ୍ଷେପ, ଘୋଷଣାକୁ ଦୁଷ୍କର୍ମ, ଦୁଷ୍କର୍ମ ଉଦ୍ୟମ, ଯୌନ ନିର୍ଯାତନା ସଂକ୍ରାନ୍ତ ସରକାରୀ ପରିସଂଖ୍ୟାନ ଉପହାସ କରିଛି। ନାରୀ ନିର୍ଯାତନା ରୋକିବାରେ ସରକାରଙ୍କ ଅସଫଳତା ବିଧାନସଭା ତଥ୍ୟରେ ପ୍ରତିଫଳିତ ହୋଇଛି। ଗତବର୍ଷ ଅର୍ଥାତ୍ ୨୦୨୫ ମସିହାରେ ୨୯୯୪ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ହାରାହାରି ହିସାବ କଲେ ଦିନକୁ ରାଜ୍ୟରେ ହାରାହାରି ୮ରୁ ୯ ଜଣ ମହିଳା ପାଶବିକ ଅତ୍ୟାଚାରର ଶିକାର ହୋଇଛନ୍ତି।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ପ୍ରଦାନ କରିଥିବା ଏହି ତଥ୍ୟ ରାଜ୍ୟର ବିକଳ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପ୍ରତିଫଳିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ଦୁଷ୍କର୍ମ ସଂଖ୍ୟା ଭିନ୍ନ କେବଳ ୨୦୨୫ ମସିହାରେ ରାଜ୍ୟରେ ୭ହଜାର ୩୮୨ ମହିଳା ଅସଦାଚରଣର ଶିକାର ହୋଇଛନ୍ତି। ୧୧୫ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଛି, ୭୩୭୮ ଜଣ ମହିଳାଙ୍କୁ ଅପହରଣ ତଥା ବନ୍ଦୀ ଜନିତ ମାମଲା ରୁଜୁ ହୋଇଛି। ସେହିପରି ୧୧୮୩ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି ଓ ରାଜ୍ୟରୁ୧୧୧ଜଣ ମହିଳା ଚାଲାଣ ହୋଇଥିବା ଜଣାପଡ଼ିଛି। ୪୩୬୧ ଜଣ ମହିଳା ଯୌତୁକ ନିର୍ଯାତନାର ଶିକାର ହୋଇଛନ୍ତି ଓ ଯୌତୁକ ପାଇଁ ୧୪୫ଜଣ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ ଯୌତୁକ ନିର୍ଯାତନା ସହି ନ ପାରି ୭୭ ଜଣ ଆତ୍ମହତ୍ୟା କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ବେକରେ ଭୁଜାଲି...

ଜମି ଓ ବାପାଙ୍କ ପେନସନ୍ ଟଙ୍କା ଘରେ ରଖିଥିଲେ। ତାହାକୁ ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି। ଏ ସଂପର୍କରେ ସେ ଅଭିଯୋଗ କରିବା ପରେ ଉମରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ତାଙ୍କ ଘରେ ଛାଡ଼ି ଯାଇଥିବା ଏକ ଭୁଜାଲିକୁ ପୁଲିସ ଜବତ କରିଛି। ତେବେ ଅମୂଲ୍ୟଙ୍କ ଘରେ ଏତେ ଟଙ୍କା ଅଛି ବୋଲି ଦୁର୍ବୃତ୍ତମାନେ କିପରି ଜାଣିଲେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ଅମୂଲ୍ୟଙ୍କ କିଛି ଜଣାଶୁଣା ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ, ଏହି ଘଟଣା ପଦାକୁ ଆସିବା ପରେ ସହରରେ ଚାଞ୍ଚଲ୍ୟ ଖେଳି ଯାଇଛି।

ଅମୂଲ୍ୟଙ୍କ ଅଭିଯୋଗ ଅନୁଯାୟୀ, ଗତ ରାତି ପ୍ରାୟ ସାଢ଼େ ୧ଟାରେ ୪ଜଣ ଦୁର୍ବୃତ୍ତ କବାଟ ଭାଙ୍ଗି ତାଙ୍କ ଘରେ ପଶିଥିଲେ। ତାଙ୍କ ମା' କିଛି ଦିନ ହେବ ଜଗଦଲପୁର ଯାଇଥିବାରୁ ସେତେବେଳେ ସେ ଘରେ ଏକୁଟିଆ ଥିଲେ। ଡକାୟତମାନଙ୍କୁ ଦେଖି ଅମୂଲ୍ୟ ପାଟି କରିବାରୁ ଅନ୍ୟ ୨ ଡକାୟତ ଘର ଭିତରେ ପଶି ଅମୂଲ୍ୟଙ୍କ ପାଟିରେ ଏକ ଟାୱେଲ ପୂରାଇ ଦେବା ସହ ତାଙ୍କ ହାତଗୋଡ଼କୁ ଶାଢ଼ିରେ ବାନ୍ଧି ଦେଇଥିଲେ। ଅମୂଲ୍ୟ କାଳେ ମୋବାଇଲରେ କାହାକୁ ଖବର ଦେବେ, ସେହି ଆଶଙ୍କାରେ ଡକାୟତମାନେ ତାଙ୍କ ମୋବାଇଲକୁ ତଳେ ଛେଚି ଭାଙ୍ଗି ଦେଇଥିଲେ। ପରେ ସେମାନେ ଅମୂଲ୍ୟଙ୍କ ବେକରେ ଭୁଜାଲି ରଖି ଆଲମିରା ଚାବି ମାଗିଥିଲେ। କିନ୍ତୁ, ଚାବି ନ ଦେବାରୁ ସେମାନେ ଆଣିଥିବା ଲୁହା ଛଡ଼ ଓ ଅନ୍ୟ କିଛି ଅସ୍ତ୍ରରେ ୨ଟିଯାକ ଆଲମିରା ଭାଙ୍ଗି ସେଥିରେ ଥିବା ୭୫ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ୧୪ଟି ସୁନା ମୁଦି, ସୁନା କାନଫୁଲ ଓ ୩ଟି ସୁନା ଲକେଟ୍ ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଅଭିଯୁକ୍ତମାନେ ମୁହଁରେ ମାସ୍କ ଲଗାଇଥିଲେ ଏବଂ ସେମାନେ ଓଡ଼ିଆରେ କଥା ହେଉଥିଲେ ବୋଲି କହିଛନ୍ତି ଅମୂଲ୍ୟ। ସେମାନେ ଯିବାର ଅଧଘଣ୍ଟା ପରେ ପଡୋଶୀଙ୍କୁ କହିବୁ, ନ ହେଲେ ଜୀବନରେ ମାରି ଦେବୁ ବୋଲି ଯିବା ଡକାୟତମାନେ ଯିବା ପୂର୍ବରୁ ଧମକ ଦେଇଥିଲେ। ଡକାୟତମାନେ ଯିବା ପରେ ବହୁ କଷ୍ଟରେ ଅମୂଲ୍ୟ ନିଜ ହାତ ଓ ଗୋଡ଼ରେ ବାନ୍ଧିଥିବା ଶାଢ଼ିକୁ ଖୋଲି ଘଟଣା ସମ୍ପର୍କରେ ଆଖପାଖ ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କୁ କହିବା ପରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଉମରକୋଟ ପୁଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର ଓ ପୁଲିସ ସବ୍‌ଇନ୍ସପେକ୍ଟର ଅକ୍ଷୟ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

ଗାଁର କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଡକାୟତମାନେ ଗୋଟିଏ କାରରେ ଆସିଥିଲେ। କାର୍‌କୁ ସେମାନେ ଅଳ୍ପ ଦୂରରେ ଥିବା ଏକ ନିଛାଟିଆ ସ୍ଥାନରେ ରଖି ଡକାୟତି କରିବା ପାଇଁ ଆସିଥିଲେ।

ଅମୂଲ୍ୟ କିଛି ଦିନ ତଳେ ତାଙ୍କର କିଛି ଜମି ବିକ୍ରି ଟଙ୍କା ଓ ବାପାଙ୍କ ପେନସନ ଟଙ୍କାକୁ ଘରେ ଥିବା ୨ଟା ଆଲମିରାରେ ରଖିଥିଲେ। ତାହାକୁ ସେ ଆଜି ବ୍ୟାଙ୍କରେ ଜମା କରିଥା'ନ୍ତେ।

### ଆଜି ରାଜଧାନୀରେ...

ସାମ୍ବାଦିକ ସମ୍ମିଳନୀରେ ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ଚଳିତ ବର୍ଷ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ପ୍ରଥମ ଦିନରୁ ଅବ୍ୟବସ୍ଥା ଲାଗି ରହିଛି। ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟନୀଛଟନୀ ଇତ୍ୟାଦି ରାଜ୍ୟର ଚାଷୀମାନଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଛି। ରାଜ୍ୟର ପ୍ରତିଟି ବ୍ଲକ୍‌ରେ ଓ ଜିଲ୍ଲାରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି। କିନ୍ତୁ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହାନ୍ତି। ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି କହି ସରକାର ନିଜ ପିଠି ନିଜେ ଥାପୁଡ଼େଉଛନ୍ତି। କିନ୍ତୁ, ସରକାରୀ ତଥ୍ୟ ରାଜ୍ୟ ସରକାରଙ୍କ ଦାବିକୁ ଡାହା ମିଛ ବୋଲି ପ୍ରମାଣିତ କରୁଛି।

ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ସରକାରୀ ତଥ୍ୟ ଅନୁଯାୟୀ ଚଳିତବର୍ଷ ରାଜ୍ୟରେ ୧୯,୬୬,୧୮୧ଜଣ ଚାଷୀ ପଞ୍ଜିକରଣ କରିଥିଲେ। ଏମାନଙ୍କ ଭିତରୁ ପ୍ରାୟ ଦେଢ଼ଲକ୍ଷ ଚାଷୀଙ୍କ ପଞ୍ଜୀକରଣକୁ ବିଭିନ୍ନ କାରଣ ଦର୍ଶାଇ ସରକାର ରଦ୍ଦ କରିଦେଇଥିଲେ। ରାଜ୍ୟରେ ଚଳିତବର୍ଷ ସମୁଦାୟ ୧୯୩.୦୬ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଥିବା ବେଳେ ଏବେ ସୁଦ୍ଧା ମାତ୍ର ୬୦.୦୯ ଲକ୍ଷ ମେଟ୍ରିକ ଟନ ଧାନ କିଣା ହୋଇପାରିଛି। ଏହା ସମୁଦାୟ ଧାନର ମାତ୍ର ୩୧ ପ୍ରତିଶତ। ଏଠାରେ ପ୍ରଶ୍ନ ଉଠୁଛି ଯେ ବାକି ଧାନକୁ ନେଇ ଚାଷୀ କ'ଣ କରିବେ? ଏହାଛଡ଼ା ଚଳିତବର୍ଷ ଏମ୍‌ଏସ୍‌ପିରେ ୬୯ ଟଙ୍କା ବୃଦ୍ଧି ପାଇଥିବା ବେଳେ ଏହାକୁ ସରକାର ଦେଉନାହାନ୍ତି। ଧାନ ସଂଗ୍ରହ ପରେ ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରି ମୂଲ୍ୟ ଯିବା କଥା। କିନ୍ତୁ, ପନ୍ଦର କୋଡିଏ ଦିନ ପର୍ଯ୍ୟନ୍ତ ଏହା ଯାଇପାରୁନାହିଁ। ରାଜ୍ୟର ଚାଷୀ ସମୁଦାୟକୁ ବିଭିନ୍ନ ପ୍ରତିଶ୍ରୁତିରେ ପୋତି ପକାଇ ତାଙ୍କ ଭୋଟ ହାତେଇବା ପରେ ଏବେ ଚାଷୀ ମାରଣ ନୀତି ଆପଣେଇଛନ୍ତି। ତେଣୁ, ଏହି ନୀତି ବିରୋଧରେ ବିଜୁ ଜନତା ଦଳ ତରଫରୁ ଆସନ୍ତାକାଲି ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ।

ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଫେବୃଆରୀ ୨ତାରିଖରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀମାନଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଆସୁଛି। ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ। ରାଜ୍ୟରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ବ୍ୟତୀତ ରାଜ୍ୟର ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହିସବୁ ପ୍ରସଙ୍ଗକୁ ନେଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ ବିଜେପି ସଂକଳ୍ପ ପତ୍ରରେ ପ୍ରତିଶ୍ରୁତି ଦେଇଥିଲା ଯେ ଚାଷୀମାନଙ୍କ ସମସ୍ତ ଧାନକୁ କ୍ରୟ କରିବ। କିନ୍ତୁ ଏବେ ସମସ୍ତ ପ୍ରତିଶ୍ରୁତିକୁ ଭାଙ୍ଗି ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନକୁ ଆଉ ୩୧୦୦ ଟଙ୍କାରେ କ୍ରୟ କରୁନାହାନ୍ତି। ରାଜ୍ୟର ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ ଓ କୃଷି ମନ୍ତ୍ରୀ ଧାନ ସଂଗ୍ରହ ପ୍ରସଙ୍ଗରେ ଭିନ୍ନଭିନ୍ନ ମନ୍ତବ୍ୟ ଦେଉଛନ୍ତି ଓ ଚାଷୀକୁଳକୁ ଉପହାସ କରୁଛନ୍ତି। ତେଣୁ, ରାଜ୍ୟର କୃଷକ ମାନଙ୍କୁ ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତି ବିରୋଧରେ ବିଜେଡି ତରଫରୁ ଆସନ୍ତାକାଲି ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ ବୋଲି ସେ କହିଛନ୍ତି।

**ଧାନ କିଣାରେ ଅନିୟମିତତା**

# ଧାନବସ୍ତା ରଖି ରାସ୍ତାରୋକ କଲେ ଚାଷୀ

**ଇବଥର୍ମାଲ, ୨୩।୨(ସମିସ)**

ମାଁ ସମଲେଇ ଆଞ୍ଚଳିକ କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ଚାଷୀଙ୍କ ବକେୟା ଧାନ କିଣିବା ସହ ଟୋକନ ନବୀକରଣ ଦାବି ନେଇ ସୋମବାର ସକାଳୁ ରମ୍ପେଲା ପଞ୍ଚାୟତ ଡୁନଡୁନ ଛକରେ ରାସ୍ତା ଉପରେ ଧାନ ବସ୍ତା ପାହାଡ ଭଳି ଗଦା କରି ଚାଷୀ ରାସ୍ତାରୋକ କରିଛନ୍ତି। ଫଳରେ ବନ୍ଧବାହାଲ-ରେଙ୍ଗାଲି ମୁଖ୍ୟରାସ୍ତାରେ ଗାଡିମଟର ଚଳାଚଳ ଠପ୍ ହୋଇଥିଲା। ଏହିରାସ୍ତା ଦେଇ ଜେଏସଡବ୍ଲ୍ୟୁ ସାହାଜବାହାଲକୁ ଆସୁଥିବା ଶହଶହ କୋଇଲା ବୋଝେଇ ଭାରୀଯାନ ତଥା ଅପରପକ୍ଷରୁ ଓପିଜିସି ଆସପଣ୍ଡ ଓ ଜେଏସଡବ୍ଲ୍ୟୁ ସାହାଜବାହାଲ ଠାରୁ ପରିବହନ କରାଯାଉଥିବା ଶହଶହ ପାଉଁଶ ବୋଝେଇ ଭାରୀଯାନ ଚଳାଚଳ ବନ୍ଦ ରହିଥିଲା। ରାସ୍ତାକଡରେ ଗାଡି ଗୁଡିକର ଲମ୍ବା ଧାଡି ଲାଗିଥିବା ଦେଖାଯାଇଥିଲା। ଜିଲ୍ଲାର ଲଖନପୁର ବ୍ଲକ ଜୋନ୍-୩ ଅନ୍ତର୍ଗତ ତିଲିଆ, ରମ୍ପେଲା, କୁମ୍ଭାର ବନ୍ଧ, ପିପିଲିକାନିର ଚାଷୀଙ୍କୁ ନେଇ ତିଲିଆ ସୋସାଇଟି। ଏହି ସୋସାଇଟିରେ ଧାନ ବିକ୍ରି ସମସ୍ୟା ଦେଖା ଦେଇଛି। ପୂର୍ବ ସୂଚନା ଅନୁଯାୟୀ ଆଜି କୃଷକ ସଙ୍ଗଠନ ପକ୍ଷରୁ ସକାଳ ୧୦ରେ ଡୁନଡୁନ ଛକ ଠାରେ ଶତାଧିକ ଧାନ ବସ୍ତା ରଖି ରାସ୍ତାରୋକ କରାଯାଇଥିଲା। ରାସ୍ତାରୋକ ଆନ୍ଦୋଳନକୁ ଲଖନପୁର ବ୍ଲକ ଚାଷୀ ସଂଗଠନ ସମେତ ଝାରସୁଗୁଡ଼ା ଜିଲ୍ଲା ଚାଷୀ ସଂଗଠନ ସମର୍ଥନ ଜଣାଇଥିବା ସହ ଜିଲ୍ଲା କୃଷକ ସଂଗଠନ ସଭାପତି ଦିଲ୍ଲିପ ବଡ଼େଇ, ସରଣ୍ଡାମାଲ ଟ୍ୟାଙ୍କ ସଭାପତି ବସନ୍ତ ପାତ୍ରୀ, ତିଲିଆ ଟ୍ୟାଙ୍କ ସଭାପତି ଭୋ ନାଥ ବଡ଼େଇ ପ୍ରମୁଖ

## ସମର୍ଥନ ଜଣାଇଲେ ଅଳକା, ଆଲୋଚନା ବିଫଳ

ଆସି ସାମିଲ ହୋଇଥିଲେ। ଆଜି ଆନ୍ଦୋଳନ ସ୍ଥଳୀରେ ପହଞ୍ଚି ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଚାଷୀଙ୍କୁ ସମର୍ଥନ ଜଣାଇଛନ୍ତି।

ସଂଗଠନ ଦାବି ମୁତାବକ ୪ଟି ପଞ୍ଚାୟତର ଚଳିତ ଖରିଫ୍ ଧାନ ବିକ୍ରୟ ସକାଶେ ତିଲିକା ସେବା ସମବାୟ ସମିତରେ ୯୯୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ପଞ୍ଜୀକରଣ ଆଧାରରେ ପାକ୍ସ ପକ୍ଷରୁ ପ୍ରାୟ ୪୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ଲକ୍ଷ୍ୟ ରଖାହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୩୧ ହଜାର ୭୧୦ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଟାର୍ଗେଟ ଦିଆ ଯାଇଛି। ଆହୁରି ୧୪ ହଜାର କ୍ୱିଣ୍ଟାଲ ଟାର୍ଗେଟ ରହିଛି। ଫେବୃଆରୀ ସରିବାକୁ ଥିବା ବେଳେ ଟେକ୍ନିକାଲ ତ୍ରୁଟି ଯୋଗୁଁ



ବର୍ତ୍ତମାନ ସୁଦ୍ଧା ୮ରୁ ୧୦ଜଣ ଚାଷୀଙ୍କ ଟୋକନ ବିଳମ୍ବ ହୋଇଛି। ଏହାର ପ୍ରତିବାଦରେ ଚାଷୀ ଆଜି ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଖନପୁର ଅତିରିକ୍ତ ତହସିଲଦାର ଅଜିତ ମହନ୍ତ, ଯୋଗାଣ ଅଧିକାରୀ ଅଜୟ କେରକେଟ୍ଟା, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ ପ୍ରମୁଖ ଯାଇ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା କୃଷକ ସଙ୍ଗଠନ ସଭାପତି ଦିଲ୍ଲିପ ବଡ଼େଇ, ମାଁ ସମଲେଇ ଆଞ୍ଚଳିକ କୃଷକ ସଙ୍ଗଠନ ବରିଷ୍ଠ ସଦସ୍ୟ ଲିଙ୍ଗରାଜ ବଡ଼େଇ, ତିଲିଆ ସେବା ସମବାୟ ସମିତି ସଭାପତି ଭୋ ନାଥ ବଡ଼େଇ, ସମାଜସେବୀ ହେମନ୍ତ ପ୍ରଧାନ, ପ୍ରମୁଖ ଚାଷୀଙ୍କ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ସମସ୍ତ ଦାବି ଉପସ୍ଥାପନ କରିବା ସହ ସିଏସ୍ଓଙ୍କୁ ବାରମ୍ବାର କହିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉ ନଥିବା ଓ ଜିଲ୍ଲା ପ୍ରଶାସନ ମିଳର ଆଳ ଦେଖାଇ ଟାଳଟୁଳ ନୀତି ଆପଣାଉଥିବା ଚାଷୀ ଅଭିଯୋଗ କରିଥିଲେ। ଏହାଦ୍ୱାରା ଚାଷୀ ତାର ଧାନ ବିକି ପାରିବ କି ନାହିଁ ସେ ନେଇ ଆଶଙ୍କାରେ ରହିଛି। ତେଣୁ ଟୋକନ ସମସ୍ୟାର ସମାଧାନ କରାଯାଇ ୧୪ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ୍ ନ ଆସିବା, ସମସ୍ତ ଧାନ ନ ଉଠିବା ଓ ପୋଟଳ ସମସ୍ୟା ସମ୍ପୂର୍ଣ୍ଣ ଦୂର ନହେବା ପର୍ଯ୍ୟନ୍ତ ରାସ୍ତାରୋକରୁ ଉଠିବୁ ନାହିଁ ବୋଲି ଚାଷୀ ସ୍ପଷ୍ଟ ଦାବି ରଖିଥିଲେ। ଆଗରୁ ଏପରି ସମସ୍ୟା ଦେଖାଦେଇ ନଥିବା ବେଳେ ଏବେ ଏପରି ହେବାର କାରଣ ସମ୍ପର୍କରେ ଚାଷୀ ପ୍ରଶ୍ନ କରିଥିଲେ। ସପ୍ଲାଏ ଇନିପେକ୍ଟର ଶ୍ରୀ କେର୍କେଟା ଘଟଣା ସ୍ଥଳରେ ଜିଲ୍ଲା ପ୍ରଶାସନ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ। ଏହାପରେ ଆଜି ୩୦୦୦ କ୍ୱିଣ୍ଟାଲ ଧାନ ଉଠିବାର ଟାର୍ଗେଟ ଦିଆଯିବ ଓ ପରବର୍ତ୍ତୀ ସମୟରେ ବାକି ଧାନ ଉଠିବାର ପ୍ରକ୍ରିୟା କରାଯିବ ବୋଲି କହିଥିଲେ। ହେଲେ ଚାଷୀ ନିଜ ଜିଦରେ ଅଟଳ ରହିବାରୁ ଆଲୋଚନା ବିଫଳ ହୋଇଥିଲା। ତେଣୁ ରାସ୍ତାରୋକ ଏବେ ମଧ୍ୟ ଜାରି ରହିଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

## ଗାଡ଼ି ଧକ୍କାରେ ଶିଶୁକନ୍ୟା ମୃତ, ଡ୍ରାଇଭର ଅଟକ

**ଝାରସୁଗୁଡ଼ା, ୨୩।୨(ସମିସ):** ଜିଲ୍ଲାର ଲଇକେରା ଥାନା ଅଧୀନ ଅଇତାପାଲି ଗାଁରେ ସ୍କର୍ପିଓ ଗାଡି ଧକ୍କାରେ ଜଣେ ୩ ବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ଅଭିଯୁକ୍ତ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ମୃତ ଶିଶୁକନ୍ୟାର ନାମ ପ୍ରିୟାଂଶି ଓରାମ (୩) ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ମୃତ ଶିଶୁକନ୍ୟାର ପିତା ଧର୍ମେନ୍ଦ୍ର ଓରାମ ସ୍ତ୍ରୀ ଓ ଝିଅ ସହ କୌଣସି କାମରେ ଅଇତାପାଲି ଅଞ୍ଚଳକୁ ଆସିଥିଲେ। ଧର୍ମେନ୍ଦ୍ର ଦୋକାନରୁ ସାମଗ୍ରୀ କିଣୁଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ବାଇକ ପାଖରେ ଛିଡା ହୋଇଥିଲେ। ଏହି ସମୟରେ ଏକ ସ୍କର୍ପିଓ ଗାଡ଼ି ଦ୍ରୁତଗତିରେ ଆସି ପ୍ରିୟାଂଶିକୁ ଧକ୍କା ଦେଇଥିଲା। ଗୁରୁତର ଆହତ ପ୍ରିୟାଂଶିକୁ ପ୍ରଥମେ ମୁଦ୍ରାଯୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରୀତ କରାଯାଇଥିଲା। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁକନ୍ୟାର ମୃତ୍ୟୁ ହୋଇଥିଲା। ଲଇକେରା ପୁଲିସ ଗାଡିଟିକୁ ଜବତ କରିବା ସହ ଅଭିଯୁକ୍ତ ଡ୍ରାଇଭର କୋଲାବିରା ଥାନା ଅଧୀନ ଗହ୍ମାପାଲି ଗାଁର ରାଜ ଖରସେଲକୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୨୩।୨(ସମିସ):** ବାରକୋଟ ବ୍ଲକ ବଲଣ୍ଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୧୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅର୍ଜୁନଝରି ଗାଁରେ ବନ୍ୟହାତୀ ସୁରକ୍ଷା, ଜମିର ପଟ୍ଟା, ପିଇବା ପାଣି ଓ ରାସ୍ତାର ଉନ୍ନତିକରଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଏସ୍ପି ଅନିଲ ମିଶ୍ର, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ଓ ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଯୋଗ ଦେଇ ଲୋକଙ୍କ ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ସମସ୍ୟା ରହିଥିଲା। ଶିବିରରେ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଶିବିରରେ ବାନ୍ଧପାଲି ଗାଁର ଆର୍‌ଏଡି ୨୦୨୪-୨୫ ଯୋଜନାରେ ହିତାଧିକାରୀ ଉଚିତ ପ୍ରାପ୍ୟ ପାଇ ନଥିବା ଏବଂ ୨୦୨୪ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ନ ମିଳିବା ନେଇ ଚାଷୀ ଅଭିଯୋଗ କରିଥିଲେ। ସେହିଭଳି କିର୍ମିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଦାନ ଅର୍ଥର ବିନିଯୋଗରେ ହୋଇଥିବା ଅନିୟମିତତା ଏବଂ ବାଲାଜୀ କମ୍ପାନୀ ଦ୍ୱାରା ଶ୍ରମିକମାନଙ୍କୁ ପ୍ରାପ୍ୟ ପାରିଶ୍ରମିକ ନ ଦେବା ଭଳି ଗମ୍ଭୀର ବିଷୟ ଉପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଧୂବେନବୁଡି ଗାଁରେ ଥିବା ରାଧାକୃଷ୍ଣ ମନ୍ଦିର ପରିସରରେ ଅସ୍ଥାୟୀ ବାଡ ଦେଇ ବେଆଇନ ଘର ନିର୍ମାଣ ଏବଂ କିର୍ମିରା ଶିବ ମନ୍ଦିରରେ ବିଦ୍ୟୁତ ସଂଯୋଗ ଭଳି ବିଭିନ୍ନ ପ୍ରସ୍ତାବ ଉପରେ ପ୍ରଶାସନ ତରଫରୁ ଶୁଣାଣି କରାଯାଇଛି।

## ଧାନ କ୍ରୟ ନାମରେ ଚାଷୀଙ୍କଠୁ ଲକ୍ଷାଧିକ ଟଙ୍କା ଠକେଇ

**ଦେବଗଡ଼, ୨୩।୨(ସମିସ):** ରିଆମାଳ ଥାନାଞ୍ଚଳ କୁଣ୍ଡିଆପାଲି ଗାଁର ସମ୍ବିତ ଭୋଇ ନାମକ ଜଣେ ଯୁବକ ଧାନ କ୍ରୟ ନାମରେ ରିଆମାଳ ଥାନାଞ୍ଚଳର ବିଭିନ୍ନ ଗାଁର ଗରିବ ଚାଷୀଙ୍କ ନିକଟରୁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅଧାରରେ ରିଆମାଳ ଥାନା ପୁଲିସ ଅଭିଯୁକ୍ତ ସମ୍ବିତ ବିରୁଦ୍ଧରେ ଏକ ମାମଲା ରୁଜୁକରି ଘଟଣାତର ତଦନ୍ତ ଚଳାଇଛି। ପୁଲିସ ଅନୁଯାୟୀ ଅଭିଯୁକ୍ତ ସମ୍ବିତ ଚଳିତ ଖରିଫ ଋତୁରେ ରିଆମାଳ ବ୍ଲକ ଅଧୀନ ବଡବାହାଲ, ଆଡସ, ରିଆମାଳ, ବାଘବର ବେଲମୁଣ୍ଡା, ବଡ କଙ୍କରଖୋଳ, କଣ୍ଟାବାହାଲ ଆଦି ଗାଁକୁ ଯାଇଥିଲା। କୁଇଣ୍ଟାଲ ପ୍ରତି ୨୨୦୦ରୁ ୨୫୦୦ ଟଙ୍କା ଦରରେ ଧାନ କିଣିବା ପାଇଁ ଅଭିଯାନ ଚଳାଇଥିଲା। ପରେ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଅଞ୍ଚଳର ପ୍ରାୟ ୨୯ ଜଣ ଚାଷୀଙ୍କ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ଦାନ ସଂଗ୍ରହ କରିଥିଲା। କିଛିଦିନ ପରେ ଧାନ ବିକ୍ରି କରିଥିବା ଚାଷୀ ସମ୍ବିତକୁ ପ୍ରାପ୍ୟ ଟଙ୍କା ମାଗିଥିଲେ। ହେଲେ ଆଜି ଦେବି, କାଲି ଦେବି କହି ସେ ଦିନ ଗଡ଼ାଇ ଚାଲିଥିଲା। ଏପରିକି ବାରମ୍ବାର ଟଙ୍କା ମାଗିବାରୁ ସେମାନଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲା। ଫଳରେ ପ୍ରତାରିତ ଚାଷୀ ଏନେଇ ଗତକାଲି ରାତ୍ରିରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ସମ୍ବିତ ବିରୁଦ୍ଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପ୍ରତାରକ ଯୁବକ ଗିରଫ

**ଦେବଗଡ଼, ୨୩।୨(ସମିସ):** ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ ପରେ ଅନ୍ୟତ୍ର ବିବାହ ପାଇଁ ଯୋଜନା କରୁଥିବା ଜଣେ ଯୁବକକୁ ପୁଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ଜଣକ ରିଆମାଳ ଥାନା ଈଶ୍ୱରପାଲି ଗାଁର ପ୍ରକାଶ ପ୍ରଧାନ (ମଣ୍ଟୁ) ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ୨୦୨୪ରୁ ମଣ୍ଟୁ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରି ଆସୁଥିଲା। ଇତିମଧ୍ୟରେ ସେ ଯୁବତୀଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ ପାଇଁ ଯୋଜନା କରିଥିଲା। ଏପରିକି ବିବାହ ପାଇଁ ଅନ୍ୟ ଜଣେ ଯୁବତୀଙ୍କ ସହିତ ନିର୍ବନ୍ଧ ମଧ୍ୟ ସରିଥିଲା। ପୀଡିତା ଏବିଷୟରେ ଜାଣିବାପରେ ନ୍ୟାୟ ପାଇଁ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡିତାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା ପରେ ପ୍ରକାଶଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଥିଲା।।

## ଇବସେତୁ-ବିଶିଉକ୍ରା ରାସ୍ତା ମରାମତି ଦାବିରେ ରାସ୍ତାରୋକ

**ଇବଥର୍ମାଲ, ୨୩।୨(ସମିସ):** ଜିଲ୍ଲାର ଲଖନପୁର ବ୍ଲକ ରମ୍ପେଲା ପଞ୍ଚାୟତ ଅଧୀନ ଇବ ସେତୁ ଠାରୁ ବିଶିଉକ୍ରା ବସଷ୍ଟାଣ୍ଡ ଯାଏଁ ଭାରୀଯାନ ଚଳାଚଳ ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ବିଜେଡି ନେତ୍ରୀ ତଥା ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ରମ୍ପେଲା ପଞ୍ଚାୟତ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟ ଓ ଶତାଧିକ ମହିଳା ରମ୍ପେଲା ସେତୁ

### ଭାରୀଯାନ ଚଳାଚଳକୁ ବିରୋଧ

ପୁଲିସ ବିଟ୍ ହାଉସ୍ ପାଖରେ ଏକ ସଭା କରି ରାସ୍ତାରୋକ କରିଥିଲେ। ଗତ ୭ ତାରିଖରେ ମହାନ୍ତିଙ୍କ ନେତୃତ୍ୱରେ ରମ୍ପେଲା ପଞ୍ଚାୟତ ସରପଞ୍ଚ ଓ ଜନସାଧାରଣ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ରାସ୍ତାର ପୁନଃ ନିର୍ମାଣ, ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବା ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନହେଲେ ରାସ୍ତାରୋକ କରିବା ପାଇଁ ଚେତାବନୀ ଦେଇଥିଲେ। ସେହି ଆଧାରରେ ଆଜି ରାସ୍ତାରୋକ କରାଯାଇଥିବା କୁହା ଯାଇଛି। ଖବର ପାଇ ଲଖନପୁର ଅତିରିକ୍ତ ତହସିଲଦାର ଅଜିତ ମହନ୍ତ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା



ଅଧିକାରୀ ରଞ୍ଜିତ ନାଏକ ପହଞ୍ଚିଥିଲେ। ପୂର୍ବତନ ବିଧାୟିକା ଅଳକାଙ୍କ ସମେତ ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରିଥିଲେ। ରାସ୍ତା କ୍ଷମତା ଓ ନିୟମଠାରୁ ଅତ୍ୟଧିକ ମାତ୍ରାରେ ଭାରୀଯାନ ଚଳାଚଳ ଫଳରେ ରାସ୍ତା ଏବେ ମରଣ ଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଥିଲେ। ଏ ସଙ୍କ୍ରାନ୍ତରେ ଜିଲ୍ଲାପାଳଙ୍କୁ ଦାବି କରିବା ସହ ଦାବିପତ୍ର ନକଲ ମୁଖ୍ୟମନ୍ତ୍ରୀ, ବରଗଡ଼ ସାଂସଦ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ, ମାନବାଧିକାର କମିଶନ, ଆରଡିସି ସମ୍ବଲପୁର, ଏସ୍ପି ଝାରସୁଗୁଡ଼ା ପ୍ରମୁଖଙ୍କୁ ଜଣାଇଥିବା କହିଥିଲେ। ହେଲେ ଏତେଦିନ ବିତିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ରାସ୍ତା ଯୋଗୁଁ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବା ସହ ଦୁର୍ଘଟଣା ବଢ଼ୁଛି। ଅଭିଯୋଗ ଶୁଣିବା ପରେ ଆସନ୍ତା ୨୭ତାରିଖରେ କୁମ୍ଭାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓପିଜିସି ଓ ଜେଏସଡବ୍ଲୁ କର୍ତ୍ତୃପକ୍ଷ ଥାଇ ତ୍ରିପାକ୍ଷିକ ଆଲୋଚନା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆ ଯାଇଥିବା ଆଇଆଇସି ରଞ୍ଜିତ ନାଏକ କହିଛନ୍ତି। ଆଜିର ଏହିରାସ୍ତାରୋକରେ ଅଳକାଙ୍କ ସମେତ ରମ୍ପେଲା ସରପଞ୍ଚ ବିମଳା କିଶାନ, ବନ୍ଧବାହାଲ ସରପଞ୍ଚ ଆର ବେହେରା, ଟିକେଶ୍ୱର ସେନାପତି, କିଶୋର କିଶାନ ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୁଲିସଙ୍କୁ ଶ୍ରଦ୍ଧାଞ୍ଜଳି




**ବ୍ରଜରାଜ ନଗର, ୨୩।୨ (ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ଥାନା ଅଧୀନରେ ଥିବା ଜାତୀୟ ରାଜପଥ ୪୯ରେ ରବିବାର ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ୫ ପୁଲିସ କର୍ମଚାରୀଙ୍କୁ ବ୍ରଜରାଜନଗର ପୁଲିସ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ନେତୃତ୍ୱରେ ରେଳ ଷ୍ଟେସନ ଦୁର୍ଗା ମନ୍ଦିର ଠାରୁ ଥାନା ପର୍ଯ୍ୟନ୍ତ ମହମବତି ଶୋଭାଯାତ୍ରା କରାଯାଇଥିଲା। ସହରର ଶତାଧିକ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଥାନା ସମ୍ମୁଖରେ ମୃତ ଯବାନ ମାନଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ସହ ପୁଲିସ ବାହିନୀ ସାମିଲ ହୋଇଥିଲେ। ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତ କୋର୍ଟଚାଲାଣ

**ଇବଥର୍ମାଲ, ୨୩।୨(ସମିସ):** ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଧୀନ ଆଇବି କଲୋନୀ ସ୍ଥିତ ମାଛ ବଜାର ନିକଟରେ ଥିବା ବିଲୁଆ ବସ୍ତିରେ ରବିବାର ଖଣ୍ଡାରେ ଆକ୍ରମଣ ହେବା ଫଳରେ ୫ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରା ଯାଇଥିଲା। ସେପଟେ ଆକ୍ରମଣକାରୀ ଅଙ୍କିତ ସିଂହ (୨୮) ଓ ତାର ବାପା ଦିନାନାଥ ସିଂହ (୫୭) ଫେରାର ଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଖୋଜିବା ଆରମ୍ଭ କରିଥିଲା। ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ନେତୃତ୍ୱରେ ବନହରପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଘଟଣାର ତଦନ୍ତ କରିଥିଲା। ତଦନ୍ତରୁ ଅଙ୍କିତର ମା' ଲଳିତା ଦେବୀ (୫୨)ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଜାଣିବା ପରେ ରବିବାର ବିଳମ୍ବିତ ରାତିରେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ସହାୟତାରେ ଅଙ୍କିତ ଘରୁ ବ୍ୟବହୃତ ଖଣ୍ଡା, ବର୍ଚ୍ଛା ଆଦି ମାରଣାସ୍ତ୍ର ଜବତ ହୋଇଛି। ଘଟଣାର କାରଣ ଅସ୍ପଷ୍ଟ ଥିଲେ ହେଁ ସାମାନ୍ୟ ବଚସା ଓ ପୂର୍ବ ଶତ୍ରୁତାକୁ ଆଧାରକରି ଏହି ଘଟଣା ଘଟିଥିବା କୁହାଯାଇଛି। ଆଜି ବିଭିନ୍ନ ଧାରାରେ ବନହରପାଲି ପୁଲିସ ତିନି ଅଭିଯୁକ୍ତ ଅଙ୍କିତ, ଦିନାନାଥ ଓ ଲଳିତାଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରଞ୍ଜିତ ନାଏକ କହିଛନ୍ତି।

## ପୁଲିସ ପକ୍ଷରୁ ରକ୍ତଦାନ ଶିବିର

**ଦେବଗଡ଼, ୨୩।୨(ସମିସ):** ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ଦେବଗଡ଼ ଆଦର୍ଶ ଥାନାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏସ୍ପି ଅନିଲ ମିଶ୍ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ମାହାନା ଉପସ୍ଥିତ ଥିଲେ। ଶିବିରରେ ପୁଲିସ ଓ ସାଧାରଣ ଲୋକ ରକ୍ତଦାନ କରିଥିଲେ ଏବଂ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୁଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ପୁଲିସ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ମଧ୍ୟ ଶିବିରର ଲକ୍ଷ୍ୟ ରହିଥିଲା। ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ଥାନାରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଜିଲ୍ଲା ଏସ୍ପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ଇନ୍ସପେକ୍ଟର ମାନିନୀ ପ୍ରଧାନ, ଏସ୍ଆଇ ବିନୟ ପରିଡ଼ା ଓ ଏସ୍ଆଇ ଅସିତ୍ ସାହୁଙ୍କ ସମେତ ଦେବଗଡ଼ ଆଦର୍ଶ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**୩୦ ୟୁନିଟ୍ ରକ୍ତ ସଂଗ୍ରହ**

**ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ**

## ବାମଣ୍ଡାକୁ ପରାସ୍ତ କଲା ଦିଶା ଏକାଦଶ



**ଦେବଗଡ଼, ୨୩।୨(ସମିସ):** ସ୍ଥାନୀୟ ମହାବୀର କ୍ଲବ୍ ଆନୁକୂଲ୍ୟରେ ମହୁଲଡ଼ିପା ସାହି ନାଳ ପଡ଼ିଆଠାରେ ସୋମବାର ୧୬ ତମ ବଜରଙ୍ଗ କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବୀର କ୍ଲବ୍‌ର ସଭାପତି କାର୍ତ୍ତିକ ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତୁଳସୀ କନଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁନ୍ଦରଗଡ଼ର ଦିଶା ଏକାଦଶ ଓ ଦେବଗଡ଼ର ବାମଣ୍ଡା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାମଣ୍ଡା କ୍ରିକେଟ କ୍ଲବ୍‌କୁ ୩୨ରନରେ ପରାସ୍ତ କରି ସୁନ୍ଦରଗଡ଼ର ଦିଶା ଏକାଦଶ ବିଜୟୀ ହୋଇଥିଲା। ଦିଶା ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ଅପୁଙ୍କ ୫୪ରନ ଓ ଗୌତମଙ୍କ ୪୮ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୧୮୪ ରନ ସଂଗ୍ରହ କରିଥିଲା। ବାମଣ୍ଡା କ୍ରିକେଟ କ୍ଲବ୍ ପକ୍ଷରୁ ପ୍ରକାଶ ସାହୁ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ବାମଣ୍ଡା କ୍ରିକେଟ କ୍ଲବ୍ ବ୍ୟାଟିଂ ଆରମ୍ଭ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୫୨ରନ କରି ୩୨ରନରେ ପରାଜିତ ହୋଇଥିଲା। ଉଦଘାଟନୀ ମ୍ୟାଚ୍‌କୁ ଅମ୍ପାୟାର ଭାବେ ମୁକେଶ ଦଳାଇ ଓ ଗଣେଶ ନଟିଆ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡ଼ନାୟକ ଓ ନୟନ ଦେବ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ସୁନ୍ଦରଗଡ଼ର ଦିଶା ଏକାଦଶର ଖେଳାଳି ଗୌତମଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ଣରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ରମଣି ରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଗୌତମଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ମହାବୀର କ୍ଲବ୍‌ର ସମ୍ପାଦକ ରାଜେନ୍ଦ୍ର ଦବେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ଯୁଗ୍ମ ସମ୍ପାଦକ ଶାଶ୍ୱତ ନନ୍ଦ ଓ କୋଷାଧ୍ୟକ୍ଷ ଆଲୋକ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରୁଥିବା ଜଣାପଡ଼ିଛି।

# ଝାରସୁଗୁଡ଼ାରେ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ, ବଢ଼ୁଛି ଦୁର୍ଘଟଣା

**ପୂର୍ବତନ ବିଧାୟିକା ଦୀପାଳିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଦାବିପତ୍ର**

**ଝାରସୁଗୁଡ଼ା, ୨୩।୨(ସମିସ)**

ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୯ ରକ୍ତମୁଖା ହୋଇଛି। ଏହି ରାଜପଥରେ ପ୍ରତ୍ୟେକ ଦିନ ଦୁର୍ଘଟଣାରେ ନିରୀହ ଜନସାଧାରଣଙ୍କ ଜୀବନ ଯାଉଛି। ରବିବାର ଏହି ରାସ୍ତା ରାଜ୍ୟର ୫ ଜଣ ପୁଲିସ କର୍ମଚାରୀଙ୍କ ପ୍ରାଣ ନେଇଛି। ଝାରସୁଗୁଡ଼ା ଜିଲ୍ଲା ବିଜେଡି ପକ୍ଷରୁ ପୂର୍ବରୁ ଅନେକ ଥର କେନ୍ଦ୍ର ସରକାରଙ୍କ ନିକଟରେ ଏହାର ସମାଧାନ ପାଇଁ ଦାବି କରାଯାଇଛି। ତେବେ ପୁନର୍ବାର ସୋମବାର ଝାରସୁଗୁଡ଼ା ବିଜେଡି ପକ୍ଷରୁ ଜିଲ୍ଲାର ପୂର୍ବତନ ବିଧାୟିକା ଦିପାଳୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ଦଳ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ସଡକ ସୁରକ୍ଷା ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ସହିତ ଦୁର୍ଘଟଣା ଜନୀତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଜିଲ୍ଲାର ରାଜପଥ ଏବଂ ଆଭ୍ୟନ୍ତରୀଣ ରାସ୍ତାଗୁଡିକ ଅସୁରକ୍ଷିତ ହୋଇପଡ଼ିଛି। ବିଶେଷଭାବେ ଅନେକ ଭାରୀ ଶିଳ୍ପ ଯାନବାହାନ ଯୋଗୁଁ



ହେଉଥିବା ଦୁର୍ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଛି। ରବିବାର ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ପରେ ଏହି ପ୍ରସଙ୍ଗ ଆହୁରି ତୀବ୍ର ହୋଇଛି। ଏହି ଦୁର୍ଘଟଣା ରାସ୍ତାରେ ରହିଥିବା ଅବ୍ୟବସ୍ଥାର ନଗ୍ନ ଚିତ୍ର ଦର୍ଶାଉଥିବା ସାରା ରାଜ୍ୟରେ ଚର୍ଚ୍ଚା ହେଉଛି। ଏହିରାସ୍ତାକୁ ୪ ଲେନ କରାଯିବା ନେଇ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଘୋଷଣା କେବଳ ଘୋଷଣାରେ ହିଁ ସିମିତ ରହିଥିବା ପରିଲକ୍ଷିତ ହୋଇଛି। ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ହୋଇଥିବାରୁ ଏଠାରେ କୋଇଲା ଖଣି ଓ ଶତାଧିକ ଶିଳ୍ପ କାରଖାନା ଗଢ଼ି ଉଠିଛି। ଫଳରେ ସରକାରଙ୍କୁ ବାର୍ଷିକ ହଜାର ହଜାର କୋଟି ଟଙ୍କା ରାଜସ୍ୱ ମିଳୁଛି। ଝାରସୁଗୁଡ଼ାର ଏପରି ଆର୍ଥିକ ଅବଦାନ ସତ୍ତ୍ୱେ ଜିଲ୍ଲାର ଜନସାଧାରଣ ଏବଂ ଯାତ୍ରୀଙ୍କୁ ପ୍ରତିଦିନ ରାସ୍ତାରେ ମୃତ୍ୟୁ ସହ ସଂଗ୍ରାମ କରିବାକୁ ହେଉଛି। ଏହାର ନିରାକରଣ ନିମନ୍ତେ ଝାରସୁଗୁଡ଼ା ବିଜେଡି ପକ୍ଷରୁ ନିରାପଦ ଓ ସୁଗମ ପରିବହନ ପାଇଁ ପର୍ଯ୍ୟାପ୍ତ ସଡକ ଭିତ୍ତିଭୂମିର ଅଭାବ ଉପରେ ଗୁରୁତ୍ୱାରୋପ କରାଯାଇଛି। କୋଇଲା ଖଣି, ଶିଳ୍ପ ଗୃହ ଏବଂ ସହଯୋଗୀ ଶିଳ୍ପ ଦ୍ୱାରା ବ୍ୟବହୃତ ଭାରୀ ଯାନବାହାନ ଚଳାଚଳ ପାଇଁ ଏକ ପୃଥକ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ସରକାରଙ୍କୁ ଏକ ପ୍ରସ୍ତାବ ଦାଖଲ କରିବାକୁ ମଧ୍ୟ ଦାବି କରାଯାଇଛି। ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦିପାଳୀ ଦାସଙ୍କ ନେତୃତ୍ୱରେ ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ବିଜେଡି ଜିଲ୍ଲା ସଭାପତି ହରିଶ ଗଣତ୍ରା, ସମସ୍ତ କାଉନସିଲର, ବରିଷ୍ଠ ବିଜେଡି ନେତା ସନ୍ଦିପ ଅବସ୍ଥି, ପ୍ରତାପ ନନ୍ଦ, ମଦନ ହାତୀ, ରବିନ ପାଣ୍ଡେ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବରିଷ୍ଠ ରାଜସ୍ୱ ସହାୟକଙ୍କ ମୃତ୍ୟୁ

**ନୂଆପଡ଼ା, ୨୩।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ବୁଧୁରାମ ନାଏକ (୫୪)ଙ୍କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି। ଗତ ୧୭ ତାରିଖ ଦିନ ସ୍ୱର୍ଗତ ନାଏକ ନିଜ ନୂଆପଡ଼ା ସ୍ଥିତ ବାସଗୃହରୁ ବାହାରିବା ବେଳେ ନୂଆପଡ଼ାରୁ ହଂସପୁରୀ ଯିବା ରାସ୍ତାରେ ଏକ ବାଇକ ତାଙ୍କୁ ଜୋର ଧକ୍କା ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯିବା ପରେ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲେ ସୁଦ୍ଧା ତାଙ୍କ ଚେତା ଫେରି ନଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହେବା ନେଇ ଆଜି ଜଣା ପଡ଼ିବାପରେ ଜିଲ୍ଲାର କର୍ମଚାରୀ ଓ ଅଧିକାରୀ ମହଲରେ ଶୋକର ଛାୟା ଖେଳିଯାଇଛି। ଆଜି ତାଙ୍କର ମର ଶରୀର ନିଜସ୍ୱ ପୈତୃକ ଗ୍ରାମ ନୂଆପଡ଼ା ବ୍ଲକ ଅନ୍ତର୍ଗତ ଧନୋରାରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଯାଇଛି। କୋମନା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପବିତ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ତାଙ୍କ ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା କରା ଯାଇଥିଲା। ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ (ଜାନ)ତରଫରୁ ସମସ୍ତ କାର୍ଯ୍ୟକର୍ତ୍ତା ଶୋକ ବ୍ୟକ୍ତ କରିଛନ୍ତି।



# କୋକସରା-ଚିଲିଗୁଡା ରାସ୍ତାରେ ଟ୍ରକ୍ ଦୁର୍ଘଟଣା; ୨ ଗୁରୁତର

**କୋକସରା, ୨୩।୨ (ସମିସ) :** ସୋମବାର ସନ୍ଧ୍ୟାରେ ୨୬ ନମ୍ବର ଜାତୀୟ ରାଜପଥରେ କୋକସରା-ଚିଲିଗୁଡା ରାସ୍ତାରେ ଦୁର୍ଘଟଣା ଘଟିଛି। ପାଇପ୍ ବୋଝେଇ ଟ୍ରକ ଧକ୍କା ଦେବା ଫଳରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତରମାନେ ଛିଲିପାମଲା ଗ୍ରାମର ଚିନୁ ନାଗ(୧୯) ଓ ଚିଲିଗୁଡା ଗ୍ରାମର ଉପେନ୍ଦ୍ର ହଂସ ବୋଲି ଜଣାପଡ଼ିଛି।ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଚିନୁ ଓ ଉପେନ୍ଦ୍ର ଚିଲିଗୁଡାରୁ ବାଇକ୍ ଯୋଗେ କୌଣସି କାମ ପାଇଁ କୋକସରା ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପାଇପ୍ ବୋଝେଇ ଟ୍ରକ୍ ନଂ-ଟିଏନ୍ ୫୨ଏଇ-୯୫୧୪ସେମାନଙ୍କ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଫଳରେ ଚିନୁ ନାଗ ପାଇପ୍ ଭିତରେ ଫସିଯାଇଥିବା ବେଳେ ଉପେନ୍ଦ୍ର ରାସ୍ତାରେ ଛିଟିକି ପଡ଼ିଥିଲେ। ଖବର ପାଇ କୋକସରା ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସାହାଯ୍ୟରେ ଉଦ୍ଧାର କରିଥିଲେ। ଉଦ୍ଧାର କରି ଉଭୟ ଗୁରୁତରଙ୍କୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଥିଲା। କୋକସରା ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଥିବା ଜଣାପଡ଼ିଛି।



## ବସ୍‌ଷ୍ଟାଣ୍ଡରେ ମଦ ବିକ୍ରି ଅଭିଯୋଗ

# ଅବକାରୀ ବିଭାଗ ଓ ପୁଲିସ ନିରବଦ୍ରଷ୍ଟା

**କଣ୍ଟାବାଞ୍ଜି, ୨୩।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଏବେ ଖୋମଖୋଲା ଚାଲିଛି ଦେଶୀ ଓ ବିଦେଶୀ ମଦ ବିକ୍ରି। ସବୁ ଜାଣି ଅଜଣା ହେଉଛି କଣ୍ଟାବାଞ୍ଜି ପୁଲିସ। କଣ୍ଟାବାଞ୍ଜି ବସ୍‌ଷ୍ଟାଣ୍ଡ ରେ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର ସରକାରୀ ଷ୍ଟଲ ଭିତରେ ବେଆଇନ ଭାବେ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ତୁରେକେଲା ବ୍ଲକ ଇନ୍‌ଫରମେସ୍ ହ୍ୱାଟ୍ସଆପ୍ ଗ୍ରୁପରେ ଜଣେ ସଚେତନ ନାଗିରିକ ଅଭିଯୋଗ ଆଣିଛନ୍ତି। କଣ୍ଟାବାଞ୍ଜି ବସଷ୍ଟାଣ୍ଡ ଉପରେ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ବେଲପଡ଼ା, ଟିକାପଡ଼ା, ଗୁଡିଘାଟ ଭଳି ଅଞ୍ଚଳର ଛାତ୍ରୀ ମାନେ ପାଠପଢ଼ିବାକୁ କଣ୍ଟାବାଞ୍ଜି ଆସନ୍ତି। ହେଲେ ଏହି ଦୋକାନ ଗୁଡ଼ିକରେ ମଦପିଇ ମଦ୍ୟପ ବ୍ୟକ୍ତିମାନେ ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ମଧ୍ୟ ଅନେକ ଥର ଅଭିଯୋଗ ହୋଇଛି। ଅବକାରୀ ବିଭାଗ ଓ କଣ୍ଟାବାଞ୍ଜି ପୁଲିସ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବଲାଙ୍ଗିର ଜିଲ୍ଲାପାଳ ନଜର ଦେଇ ସର୍ବ ସାଧାରଣ ବସ୍‌ଷ୍ଟାଣ୍ଡ ଏବଂ ସରକାରୀ ଷ୍ଟଲରେ ବେଆଇନ ମଦ ବିକ୍ରି ଉପରେ ନଜର ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ମଧୁମେହ ବିଶେଷଜ୍ଞଙ୍କ ମଧ୍ୟବର୍ତ୍ତୀକାଳୀନ ଶିକ୍ଷା ସମାବେଶ

**ଭବାନୀପାଟଣା, ୨୩।୨(ସମିସ)**

ଭବାନୀପାଟଣା ଠାରେ ରିସର୍ଚ୍ଚ ସୋସାଇଟି ଫର୍ ଷ୍ଟଡିଜ୍ ଅଫ୍ ଡାଏବେଟିସ୍ ଇନ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ଚାପ୍ଟର୍ (ଆର୍‌ଏସ୍‌ଏସ୍‌ଡିଆଇ) ତରଫରୁ ହୋଟେଲ ଶ୍ରୀଜା ସେଣ୍ଟ୍ରାଲରେ ପ୍ରଥମଥର ପାଇଁ ଡାୟମିଟ୍-୨୦୨୬ ଶୀର୍ଷକ ମଧ୍ୟବର୍ତ୍ତୀକାଳୀନ ଶିକ୍ଷା ସମାବେଶ ଆୟୋଜିତ ହୋଇଥିଲା। ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଭିନ୍ନ ବିଭାଗର ଡାକ୍ତରଙ୍କୁ ମଧୁମେହ ସମ୍ପର୍କରେ ଆଲୋଚନା ତଥା ପାଠଚକ୍ର

## ୧୫୦ରୁ ଊର୍ଦ୍ଧ୍ୱ ଡାକ୍ତର ଅଂଶଗ୍ରହଣ

କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ତଥା ସାମ୍ପ୍ରତିକ ଗବେଷଣାମୂଳକ ନୂତନ ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ସଚେତନ କରିବାର ଲକ୍ଷ୍ୟ। ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଦେଶ ଶାଖାର ଅଧ୍ୟକ୍ଷ ପ୍ରଫେସର୍ ଡ.ରମେଶ କୁମାର ଗୋଏଙ୍କା, ପ୍ରଫେସର ଜୟନ୍ତ କୁମାର ପଣ୍ଡା, ଡ.ସଞ୍ଜୟ ଦାସ, ଡ.ସୁରେଶ କୁମାର ବଂଶଲ, କାର୍ଯ୍ୟକ୍ରମର ସାଂଗଠନିକ ସମ୍ପାଦକ ଡ.ଦୀନବନ୍ଧୁ ସାହୁ, ସାଂଗଠନିକ ଅଧ୍ୟକ୍ଷ ଡ.ଜଗୁଲାଲ ଅଗ୍ରୱାଲ, ଶିକ୍ଷାବିତ୍ ଡ.ଉମେଶ ଚନ୍ଦ୍ର ଶତପଥୀ, ଶହୀଦ୍ ରେଣ୍ଡୋମାଝୀ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କ୍ରିଷ୍ଣା କର, ପ୍ରଫେସର ଡ.ଶରତ ଚନ୍ଦ୍ର ସିଂ ପ୍ରମୁଖଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅନେକ ଗୁରୁତ୍ୱପୂର୍ଣ୍ଣ



ପ୍ରସଙ୍ଗରେ ପ୍ରଫେସର ଡ.ଶରତ ଚନ୍ଦ୍ର ସିଂ, ଡାକ୍ତର ରାଜେଶ ମେହେର, ସିଦ୍ଧାର୍ଥ ପାଣିଗ୍ରାହୀ, ଶ୍ରୀକାନ୍ତ ଧର, ଡ.ଜୟନ୍ତ କୁମାର ପଣ୍ଡା, ଡ.ସନ୍ତୋଷ କୁମାର ସ୍ୱାଇଁ, ଡ.ଦୀପକ ରଞ୍ଜନ ଦାସ, ଡ.ଜିଆ ଉଲ୍ ହକ୍, ଡ.ବାସନ୍ତୀ ମେହେର, ପ୍ରଫେସର ଚନ୍ଦନ ଦାସ, ଡ.ସନ୍ଦୀପ ଦେବାଶିଷ ମିଶ୍ର, ଡ.ସତ୍ୟ ନାରାୟଣ କର ପ୍ରମୁଖ ବକ୍ତବ୍ୟ ରଖିଥିଲେ।ବହୁ ଅଭିଜ୍ଞ ଓ ବରିଷ୍ଠ ଭେଷଜ ବିଶେଷଜ୍ଞଙ୍କ ଗହଣରେ ମଧୁମେହ ସମ୍ପର୍କିତ ପ୍ରଶ୍ନୋତ୍ତର ମୂଳକ ଆଲୋଚନା ଉପସ୍ଥିତ ଅଂଶଗ୍ରହଣକାରୀ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଛି। ଜିଲ୍ଲାର ବରିଷ୍ଠ ଭେଷଜ ବିଶେଷଜ୍ଞ ଡ.ହରିଶ ଚନ୍ଦ୍ର ପ୍ରଧାନ ଏବଂ ଡା.କବିରାଜ ଚୌଧୁରୀଙ୍କୁ ମଧୁମେହ ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ମାନପତ୍ର, ଉପଢ଼ୌକନ ତଥା ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆର୍‌ଏସ୍‌ଏସ୍‌ଡ଼ିଆଇ, ଓଡ଼ିଶା ଷ୍ଟେଟ୍ ଚାପ୍ଟର ମୁଖ୍ୟ ଅଧ୍ୟକ୍ଷ ଡ.ଗୋଏଙ୍କା ତଥା ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ଅନୁରୂପ ଭାବେ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ବରିଷ୍ଠ ଡାକ୍ତର, ଆଇଏମ୍‌ଏର ଜିଲ୍ଲା ଶାଖା, ବେସରକାରୀ ଚିକିତ୍ସାଳୟ ତଥା ମଧୁମେହ ଓ ହୃଦ୍‌ରୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ଔଷଧୀୟ କମ୍ପାନୀଙ୍କ ସହାୟତାରେ ଆୟୋଜିତ ବିଶେଷଜ୍ଞ ସମ୍ମିଳନୀ ପ୍ରାରମ୍ଭରେ ଗୁରୁ ମଧୁସୂଦନ ମହାରଣାଙ୍କ ପରିଚାଳିତ 'ବନ୍ଦେ ଉତ୍କଳ ଜନନୀ' ଶୀର୍ଷକ ସଙ୍ଗୀତ ପରିବେଷଣ ତଥା ଜାତୀୟ ସଙ୍ଗୀତ ପରିବେଷଣରେ ଅନ୍ୟ କଣ୍ଠଶିଳ୍ପୀଙ୍କ ସହ ଅମ୍ଳାନ ଅଂଶୁ, ଲିପ୍ସା ବାରିକ ତଥା ବେହେଲା ବାଦନରେ ଡା.ଦୀନବନ୍ଧୁ ସାହୁ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ସାଂଗଠନିକ ସମ୍ପାଦକ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡ.ଦୀନବନ୍ଧୁ ସାହୁ ସମସ୍ତ ଅତିଥି ଅଭ୍ୟାଗତ, ଅଂଶୀଦାର ସମସ୍ତ ଡାକ୍ତର, ସାମ୍ବାଦିକ, ଶୁଭେଚ୍ଛୁମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଥିଲେ ସମସ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଡ.ଆଲିଶା ହୁସେନଙ୍କ ନେତୃତ୍ୱରେ ଅନ୍ତଃଚିକିତ୍ସକ ଡ.ଶ୍ରୀତମ, ଡ.ସଂଗ୍ରାମ, ଡ.ନୀଲମ, ଡ.ସନାତନ ଆଦିଙ୍କ ଦ୍ୱାରା ସଫଳତାର ସହ ସମ୍ପାଦିତ ହୋଇଥିଲ। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଡାକ୍ତର ଅଂଶଗ୍ରହଣ କରିଥିଲେ।

# ୨୭ରୁ ଡଙ୍ଗରିଆଙ୍କ ନିୟମରଜା ପର୍ବ

**ଭବାନୀପାଟଣା, ୨୩।୨(ସମିସ):** ଜଳ, ଜମି ଓ ଜଙ୍ଗଲକୁ ନେଇ ବର୍ଷ ବର୍ଷ ଧରି ଚାଲିଆସୁଥିବା ଆଦିବାସୀ ଡ଼ଙ୍ଗରିଆ ଓ ଝରଣିଆ କନ୍ଧଙ୍କ ନିୟମରାଜା ପରବ ଆସନ୍ତା ଫେବୃଆରୀ ୨୭, ୨୮ ଓ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିୟମଗିରି ପର୍ବତ ଶିଖର ଧଅରା ଭଟା ଠାରେ ଅନୁଷ୍ଠିତ ହେବାକୁ ଥିବା ପର୍ବ ପାଇଁ କଳାହାଣ୍ଡି ଓ ରାୟଗଡ଼ା ସୀମାନ୍ତ ନିୟମଗିରି ପର୍ବତ ଉପରେ ବାସ କରୁଥିବା ଆଦିବାସୀ ଏକତ୍ରିତ ହୋଇ ପର୍ବକୁ ଧୂମଧାମରେ ପାଳନ କରିବା ପାଇଁ ସଜବାଜ ହେଉଛନ୍ତି। ବେଦାନ୍ତ ଭଳି ବହୁରାଷ୍ଟ୍ରୀୟ କମ୍ପାନୀକୁ ଶାଗ ମାଛ ଦରରେ ରାଜ୍ୟ ଓ କେନ୍ଦ୍ର ସରକାର ଟେକିଦେବାପାଇଁ ମସୁଧା ଚଳାଉ ଥିବାବେଳେ ପୂର୍ବରୁ ଗ୍ରାମସଭା ଜରିଆରେ ଜୀବନର ଶେଷ ରକ୍ତ ବିନ୍ଦୁ ଥିବାପର୍ଯ୍ୟନ୍ତ ନିୟମଗିରି ପର୍ବତକୁ ବେଦାନ୍ତକୁ ଟେକିଦିଆଯିବ ନାହିଁ ବୋଲି ଏଠାକାର ଡଙ୍ଗରିଆ ଓ ଝରାଣିଆ ଆଦିବାସୀ ରକ୍ତଚାଉଳ ଧରି ବଜ୍ର ଶପଥ ନେଇଛନ୍ତି। ନିୟମଗିରି ଏଠାକାର ଆଦିବାସୀଙ୍କ ଜୀବନ ଓ ଜୀବିକା ପାଲଟିଛି। ଏଠାରେ ଉତ୍ପାଦନ ହେଉଛି ସପୁରି, କମଳା, କଦଳୀ, ପଣସ ସହ ଅନେକ ପ୍ରକାର ନିତ୍ୟଜୀବନ ଶ୍ୟାଳିର ଫଳ ମୂଳ ଓ ଔଷଧୀୟ ବୃକ୍ଷ। ଏହାକୁ ଆଦିବାସୀ ସ୍ଥାନୀୟ ବଜାରରେ ବିକ୍ରିକରୀ ନିଜର ଜୀବିକା ନିର୍ଭକ୍ଷୟ କରିଥାନ୍ତି। ଆଦିବାସୀଙ୍କ ଆରାଧ୍ୟ ନିୟମରଜାର ପୂଜା କରିଥାନ୍ତି। ଆଦିବାସୀଙ୍କ ମାନ୍ୟତା ଅଛି ଜେ ନିୟମରଜଲଙ୍କୁ ବିଧି ମୁତାବକ ପୂଜା କଲେ ସମସ୍ତ ଦୁଃଖ ଦୁର୍ଦ୍ଦଶା କ୍ଷୟ କରିବା ସହା ଜମି ଓ ଜଙ୍ଗଲରେ ପରିପୂର୍ଣ୍ଣ ଚାଷ ଯଥା ମାଣ୍ଡିଆ, ଗୁରୁଜୀ, କୋଲସା, ସୋରିଷ ଓ ଅନ୍ୟ ଚାଷ ସାମଗ୍ରୀ ବର୍ଷ ବ୍ୟାପୀ ଆଦିବାସୀମାନଙ୍କୁ ଦେଇ ସେମାନଙ୍କ ରୋଗ କଷ୍ଟ ଦୂର କରିଥାନ୍ତି ବୋଲି। ଏଥିପାଇଁ ପ୍ରତିବର୍ଷ ନିୟମଗିରି ପର୍ବତ ଶିଖରରେ ଆଦିବାସୀମାନେ ନିୟମରାଜ ଧରଣୀ ପେନୁର ପୂଜା କରି ବୋଦା, କୁକୁଡ଼ା ମହିଷୀ ଆଦି ବଳି ଦେଇ ନିୟମରଜା କୁସନ୍ତୁଷ୍ଟ କରିଥାନ୍ତି। ଚଳିତ ବର୍ଷ ଆସନ୍ତା ୨୭, ୨୮, ଓ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ପର୍ବ ଚାଲିବ। ଏଥିପାଇଁ ସମସ୍ତ ଜନ ଆନ୍ଦୋଳନ କାରୀ, ପରିବେଶବିତ, ଓ ସାମ୍ବାଦିକ ମାନଙ୍କୁ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଆମନ୍ତ୍ରଣ କରାଯାଇଛି ବୋଲି ସଭାପତି ଲୋଦ ଶିକକା କହିଛନ୍ତି।



# ମୁରିବାହାଲ୍ ବିଦ୍ୟୁତ୍ ବିଭାଗର ତତ୍ପରତା

**ମୁରିବାହାଲ, ୨୩।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ୍ ବ୍ଲକ ହଳଦୀ ପଞ୍ଚାୟତ ଡଙ୍ଗରପଡ଼ା ଗ୍ରାମରେ ବିଦ୍ୟୁତ୍ ଉପଭୋକ୍ତା ବିଲ୍ ପୈଠ କରି ନ ଥିବାରୁ ମୁରିବାହାଲ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଉକ୍ତ ଗ୍ରାମକୁ ଯାଇ ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ଅନୁରୋଧ କରିଥିଲେ। ଗ୍ରାମରେ ଦୀର୍ଘ ସମୟ ଧରି ଅପେକ୍ଷା କଲାପରେ ମଧ୍ୟ ଗ୍ରାମବାସୀଙ୍କ ତରଫରୁ କୌଣସି ପ୍ରତିକ୍ରିୟା ଆସିଲା ନାହିଁ। ତାପରେ ବିଦ୍ୟୁତ୍ ବିଭାଗ ବାଧ୍ୟ ହୋଇ ଡଙ୍ଗରପଡ଼ା ଗ୍ରାମକୁ ସମ୍ପୂର୍ଣ୍ଣ ଭାବରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ପରେ ନିଜନିଜ ଭିତରେ ଆପୋଷ ବୁଝାମଣା ହୋଇ କିଛି ମାତ୍ରାରେ ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ଗ୍ରାମବାସୀ ମନସ୍ଥ କରିଥିଲେ। ଖବର ପାଇ ବିଦ୍ୟୁତ୍ ବିଭାଗ ତତକ୍ଷଣାତ୍ ଉକ୍ତ ଗ୍ରାମରେ ପହଞ୍ଚି ପୁନଃ ବିଦ୍ୟୁତ୍ ସଂଯୋଗ କରି କରିଥିଲେ।

## ବରକୋଳି ଚାଷକରି ଲକ୍ଷପତି ଚାଷୀ

# ଦୂରହେବ ଦାଦନ ସମସ୍ୟା

**ବେଲପଡ଼ା, ୨୩।୨(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଧୂମାଭଟା ପଞ୍ଚାୟତର ହଟକଟ ଗାଁରେ ବରକୋଳି (ବୁରୋ ) ଚାଷକରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି ଚାଷୀ। ଗାଁର ଲୋକନାଥ ଭୋଇ ନିଜ ଏକ ଏକର ଜମିରେ ରେଟ୍ କାଶ୍ମୀର ବରକୋଳି ଚାଷ କରିଥିଲେ, ଯେଉଁଠି ରେ ୪ ଲକ୍ଷ ଟଙ୍କା ରୋଜଗାର କରିଥିବା କହିଛନ୍ତି। ସେହପରି ଗାଁର ଅକ୍ଷୟ ଭୋଇ ମଧ୍ୟ ନିଜ ଅଧା ଏକର ଜମିରେ ବରକୋଳି ଚାଷ କରିଛନ୍ତି। ସେ ମଧ୍ୟ ୧.୫ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ବରକୋଳିର ବେଶ ଚାହିଦା ରହିଥିବା ବେଳେ କେଜି ପ୍ରତି ୮୦ ଟଙ୍କା ରେ ବିକ୍ରୟ କରୁଥିବା ଚାଷୀ କହିଛନ୍ତି। ତେବେ ଆବଶ୍ୟକ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀ ମାନେ ସ୍ଥାନୀୟ ପାଟଣାଗଡ଼ ବେଲପଡ଼ା, କଣ୍ଟାବାଞ୍ଜି, ମଣ୍ଡଳ ଧୂମାଭଟା ଆଦି ବଜାରକୁ ନେଇ ନିଜେ ବିକ୍ରୟ କରିଥିବା କହିଛନ୍ତି। ଅନ୍ୟପଟେ କମ୍ ପରିଶ୍ରମକୁ ଅଧିକ ଲାଭ ପାଉଥିବାରୁ ଚାଷୀମାନେ ବେଶ ଖୁସି ଅନୁଭବ କରୁଛନ୍ତି। ଆଗାମୀ ଦିନରେ ଏହି ଅଞ୍ଚଳରେ ବରକୋଳି ଚାଷ ବଢ଼ିଲେ ଦାଦନ ସମସ୍ୟା ଦୁରହେବ ବୋଲି ବୁଦ୍ଧିଯିବି ମହଲରେ ଚର୍ଚ୍ଚା ହେଉଛି।



# କେଏନ୍ କିଡ୍ସ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ନୂଆପଡ଼ା, ୨୩।୨(ସମିସ):** ସ୍ଥାନୀୟ ନୂଆପଡ଼ା ସହରସ୍ଥିତ କେଏନ କିଡ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ନିର୍ଦ୍ଦେଶକ କ୍ଷୀରୋଦ ନିବାସ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସରକାରୀ ଓକିଲ ମୁରଲୀଧର ପଣ୍ଡା ମୁଖ୍ୟ ଅତିଥି, ସିଆରପିଏଫ ସେକେଣ୍ଡେ ଇନ୍ କମାଣ୍ଡାଣ୍ଟ ରାଧେଶ୍ୟାମ ମୁଖ୍ୟ ବକ୍ତା, ପୂର୍ବତନ ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଗଣ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ମଞ୍ଚରେ ପ୍ରମୋଦିନୀ ପଣ୍ଡା, ରମେଶ କୁମାର ଖମାରୀ, ପ୍ରତିମା ରାଜ ପ୍ରମୁଖ ଉପସ୍ଥିତ ଥିଲେ।ନିବେଦିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କର ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।




## ମରୁଆଁ-ତାଲପଦର ରାସ୍ତା କାମ ନିମ୍ନମାନର

# କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ରିପୋର୍ଟ ତଲବ କଲେ ପିଡି

**ପାଟଣାଗଡ଼, ୨୩।୨ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ମରୁଆଁ ପଞ୍ଚାୟତ ତାଲପଦର ଗାଁରେ କିଛିଦିନ ତଳେ ହୋଇଥିବା କଂକ୍ରିଟ ରାସ୍ତା କାମ ଓ ମରୁଆଁଠାରୁ ତାଲପଦର ଯିବା ରାସ୍ତାରେ ହୋଇଥିବା କଂକ୍ରିଟ ରାସ୍ତା କାମ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଗତ ୨୦ ତାରିଖରେ ଦୈନିକ 'ସକାଳ' ଶୀର୍ଷକରେ ମରୁଆଁ ତାଲପଦର ରାସ୍ତା କାମ ନିମ୍ନମାନର ଖବର ପ୍ରକାଶ ପାଇଥିଲା। ଖବର ପରେ ଏହି ଘଟଣାରେ ପିଡି ତରଣୀ ସୁନା ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ପାଟଣାଗଡ଼ ବିଡିଓଙ୍କୁ ରିପୋର୍ଟ ମାଗିଥିବା ସୂଚନା ଦେଇଛନ୍ତି। ଏ ଘଟଣାରେ ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଫୋନ ଉଠାଉନଥିଲେ। ଅନ୍ୟପଟେ ଗତବର୍ଷ ମରୁଆଁ ପୋଖରୀ ଆଡିରେ ହୋଇଥିବା କଂକ୍ରିଟ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ରାସ୍ତା ଫାଟି ଆଁ କଲାଣି। କାମର ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜଣକ କିଭଳି ବିଲ ପାସ୍ କରିଛନ୍ତି ଏହାର ମଧ୍ୟ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି। ତେବେ କାମ କରିଥିବା ଠିକାଦାର ଜଣକ ଶାସକ ଦଳର ହୋଇଥିବାରୁ ଏଭଳି ନିମ୍ନମାନର କାମ କରି ବିଲ ପାସ୍ ପାଇଁ ଚାପ ପକାଉଥିବା ଭଳି ଗୁରୁତର ଅଭିଯୋଗ ଉଠିଛି।

ସକାଳ THE SAKALA ପ୍ରଭାବ

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ବାପା ମୃତ, ପୁଅ ଗୁରୁତର

**ଖଡ଼ିଆଳ, ୨୩।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ କିରକିଟା ଗାଁ ନିକଟରେ ଲୁନା ଏବଂ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଲୁନା ଆରୋହୀ ଡୁଆଝର ଗ୍ରାମର ବିଶ୍ୱମ୍ବର ମେହେରଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ଜିତ ମେହେର ଗୁରୁତର ହୋଇଥିଲେ। ଅନ୍ୟ ଏକ ବାଇକ୍ ଆରୋହୀ ମଧ୍ୟ ଆହତ ହୋଇ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଥିବା ଜଣାପଡ଼ିଛି। ବିଶ୍ୱମ୍ବର ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି।

# ସର୍ବମଙ୍ଗଳା ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଗୋଲାମୁଣ୍ଡା, ୨୩।୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମାଁ ସର୍ବମଙ୍ଗଳା ମନ୍ଦିରରେ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଚପୁରିଆ ସରପଞ୍ଚ ବିଷ୍ଣୁ ପ୍ରିୟା ବାଗ, ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ ସମେତ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପୂଜାପାଠ ଓ ହୋମ ଯଜ୍ଞ ସହିତ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। କର୍ତ୍ତା ଭାବରେ ଡଃ ଅସିତ କୁମାର ସାହୁ, ପ୍ରିୟଙ୍କା ନାୟକ, ସୁଶାନ୍ତ କୁମାର ସାହୁ, କନକ ମଞ୍ଜରୀ ସାହୁ, ଜଜ୍ଞସେନ ବାଗ, ମେନକା ବାଗ ଦାୟିତ୍ୱ ତୁଲାଇ ଥିବା ବେଳେ ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ କାର୍ଯ୍ୟ ସମ୍ପାଦନା କରିଥିଲେ। ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମନ୍ଦିର ପାଇଁ ଏକ ନୂତନ ଅଧ୍ୟାୟର ଆରମ୍ଭ ବୋଲି ବିବେଚନା କରାଯାଉଛି। ଆସନ୍ତାକାଲି ସୂର୍ଯ୍ୟ ପୂଜା, ଗୋ ପୂଜା, ଚଣ୍ଡୀ ପାଠ, ଷୋଡଶ ଉପଚାର ପୂଜା, ହବନ, ମନ୍ଦିର ପ୍ରତିଷ୍ଠା ଓ ଧ୍ୱଜାରୋହଣ କାର୍ଯ୍ୟକ୍ରମ ସାଙ୍ଗକୁ ବୁଧବାର ଦିନ ମାଁଙ୍କ ସିଂହାସନ ବିଜୟ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ.ଅରବିନ୍ଦ ଦାସ, ଡ. ବିଜୟ କୁମାର ପଣ୍ଡା, ଡାକ୍ତର ସଞ୍ଜୟ କୁମାର ଶିଖା ପ୍ରମୁଖ ସହଯୋଗ କରିଥିଲେ।



## ଆନ୍ଧ୍ରରେ ଦାଦନ ଶ୍ରମିକ ବନ୍ଧକ

# ଫେରାଇ ଆଣିବାକୁ ପରିବାର ପ୍ରଶାସନର ଦ୍ୱାରସ୍ଥ

**ଧର୍ମଗଡ଼, ୨୩।୨(ସମିସ)**

କଳାହାଣ୍ଡି ଜିଲ୍ଲାରେ ଦାଦନ ସମସ୍ୟା ଦିନକୁ ଦିନ ଗମ୍ଭିର ହେବାରେ ଲାଗିଛି।ବର୍ତ୍ତମାନ ଦୁଇ ଦାଦନ ଶ୍ରମିକ ବନ୍ଧକ ଥିବା ଖବର ସାମ୍ନାକୁ ଆସିଛି। ଏପରିକି ପରିବାର ପକ୍ଷରୁ ଦୁଇ ଦାଦନଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ ଓ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି। ଦାଦନ ଶ୍ରମିକ ମଧ୍ୟରେ ଜୁନାଗଡ଼ ବ୍ଲକ କଲେର ଗାଁର ନରେନ୍ଦ୍ର ନାଏକ(୨୪) ଓ ଗୋଲାମୁଣ୍ଡା ବ୍ଲକ ସିନାପାଲି ଗ୍ରାମର ପ୍ରେମରାଜ ନାଏକ(୪୫) ହୋଇଥିବା ଜଣାପଡ଼ିଛି। ସୂଚନାମତେ ଦୁହେଁ ଗତ ମେ ମାସ ୨୦୨୫ରେ ପେଟ ପାଟଣା ପାଇଁ ସୁଦୁର ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଯାଇଥିଲେ। ହେଲେ ଯିବା ବାଟରେ କିଛି ଆନ୍ଦ୍ରପ୍ରଦେଶର ଗୁପି ଅନ୍ନପା, ଆଞ୍ଚା ଓ ସୁରେଶ ନାମକ ବ୍ୟକ୍ତିମାନେ କାମ ଯୋଗାଇ ଦେବାକୁ କହି ସେଠାରୁ ନେଇ ଯାଇ ଏକ ମହାଜନ ପାଖରେ ଛାଡି ଦେଇଥିଲେ। ସେହି ବ୍ୟକ୍ତି ଜଣକ ବନ୍ଧକ ରଖି ଜବରଦସ୍ତ ମାଛ ମାରିବା କାମରେ ନିୟୋଜିତ ରଖି ଦୁଇଙ୍କ ନୀତି ଦିନ ନିର୍ଯାତନା ଦେଇ ଆସୁଛନ୍ତି। କୌଣସି ଉପାୟ ନ ପାଇ ଦୁହେଁ ମୁଣ୍ଡ ନୁଆଇଁ କେବଳ ଗଣ୍ଡେ ଖାଇ ରହି ଆସୁଛନ୍ତି। ଏହି ଘଟଣା ସମ୍ପର୍କରେ ପରିବାରକୁ ଦୁହେଁ ଜଣାଇ ଥିବା ବେଳେ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି। କୌଣସି ସଠିକ ଠିକଣା କହି ପାରୁ ନ ଥିଲେ ମଧ୍ୟ ବିଜୟବାଡା ଆନ୍ଧ୍ରପ୍ରଦେଶ ରହିଥିବା ଅନୁମାନ କରାଯାଏ। ଯାହା ସାମସେଲା, ଆନ୍ଦ୍ରପ୍ରଦେଶ -ନେଲିରୁ ପାଖ ସମୁଦ୍ର ପାଖରେ ମାଛ ମାରିବା କାମ ରେ ନିୟୋଜିତ ଥିବା ଜଣାପଡେ। ଏନେଇ ପରିବାର ଲୋକ ଜିଲ୍ଲାପାଳ, ଧର୍ମଗଡ଼ ଉପଜିଲ୍ଲାପାଳ, ଜିଲ୍ଲା ଶ୍ରମିକ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପରିବାର କହନ୍ତି। ଏକ ସମ୍ବେଦନଶୀଳ ଘଟଣା ପ୍ରତି ଶ୍ରମ ବିଭାଗ ତତ୍ପରତା ପ୍ରକାଶ କରୁ ନଥିବା ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।ତୁରନ୍ତ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ସାଧାରଣରେ ଦାବି ହୋଉଛି।



# ବିଶ୍ୱନାଥପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଲାଞ୍ଜିଗଡ଼, ୨୩।୨(ସମିସ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ଜନସାଧାରଣଙ୍କଠାରୁ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ। ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ ନାୟକ ମଞ୍ଚାସୀନ ଥିବାବେଳେ ବିଡିଓ ଶଶାଙ୍କ ପାତ୍ରଙ୍କ ସହିତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲାଞ୍ଜିଗଡ଼ରେ ଆଇଟିଆଇ ସ୍ଥାପନ, ଲାଞ୍ଜିଗଡ଼ ବ୍ଲକକୁ ଆଇଟିଡିଏ କାର୍ଯ୍ୟାଳୟ ସ୍ଥାନାନ୍ତର, ସାନ୍ଦୁଲ ନଦୀରେ ବ୍ୟାରେଜ ସ୍ଥାପନର ତ୍ରୁଟିପୂର୍ଣ୍ଣ ସର୍ଭେକୁ ସୁଧାରିବା, ବାଦ ପଡ଼ିଥିବା ଗୁଣ୍ଡରୀ ପଞ୍ଚାୟତର ସାନ ଶୋଷପଦର ଓ କାଚାଙ୍ଗଭଟାକୁ ପିଏମ ଜନମନ ଯୋଜନାରେ ସାମିଲ କରିବା ସହିତ ବିଭିନ୍ନ ଗାଁରେ ରାସ୍ତା, ପୋଲ, କମ୍ୟୁନିଟି ହଲ ନିର୍ମାଣ, ଘରଡିହ, ଭତ୍ତା, ବିଶୁଦ୍ଧ ପାନୀୟ ଜଳ ଆଦି ସମ୍ପର୍କରେ ଲୋକେ ଅଭିଯୋଗ କରିଥିଲେ। ମୋଟ ୮୩ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।



## ବଙ୍ଗ ରାଜନୀତିର 'ଚାଣକ୍ୟ' ମୁକୁଲ ରୟଙ୍କ ପରଲୋକ

କୋଲକାତା, ୨୩।୨(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିର ଚାଣକ୍ୟ କୁହାଯାଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ମୁକୁଲ ରୟ ରବିବାର ରାତିରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି କିଡନୀ ଜନିତ ସମସ୍ୟା ଓ ଅନ୍ୟାନ୍ୟ ଶାରୀରିକ ଅସୁସ୍ଥତା ଦେଇ ଗତି କରୁଥିଲେ। ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅତି ନିକଟତର ଥିଲେ। ଟିଏମସି ଗଠନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର



ସମୟରେ ଭାରତର ରେଳମନ୍ତ୍ରୀ ଓ ଜଳପଥ ପରିବହନ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୧୭ରେ ମମତାଙ୍କ ସହ ମତଭେଦ କାରଣରୁ ସେ ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ୨୦୨୧ ନର୍ବାଚନରେ ବିଜେପି ଟିକଟ୍‌ରେ ନିର୍ବାଚନ ଲଢ଼ି ସେ କ୍ରିଷ୍ଣାନଗର ଉତ୍ତର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ସେ ପୁଣିଥରେ ଟିଏମ୍‌ସିକୁ ଫେରିଥିଲେ। କିନ୍ତୁ ବିଧାୟକ ପଦରୁ ଇସ୍ତଫା ଦେଇ ନ ଥିଲେ। ମୁକୁଲ ଅନେକ ଦିନ ଧରି ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲେ। ତାଙ୍କ ମୃତ୍ୟୁରେ ପଶ୍ଚିମବଙ୍ଗ ରାଜନୀତିରେ ଏକ ଯୁଗର ଅନ୍ତ ଘଟିଛି ବୋଲି କୁହାଯାଉଛି।

## ଆମେରିକାରେ ପୁଣି ଶକ୍ତିଶାଳୀ ତୁଷାର ଝଡ଼

ନ୍ୟୁୟର୍କ, ୨୩।୨(ଏଜେନ୍ସି): ଆମେରିକାର ଉତ୍ତର-ପୂର୍ବ ଭାଗରେ ସୋମବାର ଏକ ଭୟଙ୍କର ଶୀତକାଳୀନ ଝଡ଼ ମାଡ଼ ହୋଇଛି। ଏଥିରେ ୬ କୋଟି ଲୋକଙ୍କ ଜୀବନ ପ୍ରଭାବିତ ହୋଇଛି। ବିଶେଷ କରି ନ୍ୟୁୟର୍କ ସହର ଏହାଦ୍ୱାରା ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ମାସାଚୁସେଟ୍ସ, କନେକ୍ଟିକଟ୍, ଡେଲାୱେର, ନିଉ ଜର୍ସି ଓ ରୋଡ୍ ଆଇଲାଣ୍ଡ ଭଳି ରାଜ୍ୟଗୁଡ଼ିକରେ ଷ୍ଟେଟ୍ ଅଫ୍ ଇମରଜେନ୍ସି ଅର୍ଥାତ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଏହି ତୁଷାର ଝଡ଼ ଦ୍ୱାରା ପ୍ରାୟ ୫, ୦୦୦ ବିମାନ ଉଡ଼ାଣ ବାତିଲ ହୋଇଛି। ନ୍ୟୁୟର୍କ ସିଟିରେ ଯାତ୍ରା ଉପରେ କଟକଣା ଲାଗୁ କରାଯାଇଛି। ଏହି ବରଫ ଝଡ଼ କାରଣରୁ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଛି। ଫଳରେ ୨ ଲକ୍ଷରୁ ଅଧିକ ପରିବାର ବିନା ବିଦ୍ୟୁତରେ ରହିବା ସହ ପ୍ରଭାବିତ ହୋଇଛନ୍ତି। ବିଶେଷଜ୍ଞମାନେ ଏହାକୁ ଗତ ଏକ ଦଶନ୍ଧିର ସବୁଠାରୁ ଶକ୍ତିଶାଳୀ ତୁଷାର ଝଡ଼ ବୋଲି ଉଲ୍ଲେଖ କରିଛି। ନ୍ୟୁୟର୍କ ସହରର ରାସ୍ତାଘାଟ ବରଫର ଏକ ମୋଟା ସ୍ତରରେ ଘୋଡ଼େଇ ହୋଇ ରହିଛି। ଲୋକଙ୍କୁ ଘରୁ ବାହାରକୁ ନ ବାହରିବା ପାଇଁ ସତର୍କ କରାଯାଇଛି।

## ରାଷ୍ଟ୍ରପତି ଭବନରେ ଲୁଟିଅନ୍ସଙ୍କ ବଦଳରେ ଲାଗିଲା ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି): ଉପନିବେଶବାଦ କାଳର ଆଉ ଏକ ସ୍ମୃତିକୁ ହଟାଇ ଦିଆଯାଇଛି। ରାଷ୍ଟ୍ରପତି ଭବନରେ ଥିବା ବ୍ରିଟିଶ ସ୍ଥପତି ଏଡୱିନ ଲୁଟିଅନ୍ସଙ୍କ ପ୍ରତିମୂର୍ତ୍ତି ହଟାଇ ଭାରତର ପ୍ରଥମ ତଥା ଏକମାତ୍ର ଭାରତୀୟ ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ପ୍ରତିମା ଲଗାଯାଇଛି। ସୋମବାର ସକାଳେ ରାଷ୍ଟ୍ରପତି ଭବନର କଲ୍ୟୁଚାରଲ ସେଣ୍ଟରରେ ଆୟୋଜିତ ରାଜାଜୀ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କ ସମେତ ଅନ୍ୟମନ୍ତ୍ରମାନେ ଉପସ୍ଥିତ ଥିଲେ। ପୂର୍ବରୁ ଏହି ସ୍ଥାନରେ ନୂଆଦିଲ୍ଲୀର ମୁଖ୍ୟ ସ୍ଥପତି ଲୁଟିଅନ୍ସଙ୍କ ପ୍ରତିମା ଥିଲା। ସେଥିପାଇଁ ଏହି ଭାଗକୁ ଲୁଟିଅନ୍ସ ଦିଲ୍ଲୀ କୁହାଯାଏ। ରାଜାଜୀ ଭାବେ ପରିଚିତ ରାଜଗୋପାଳଚାରୀ ଜଣେ ମହାନ ରାଜନେତା ଏବଂ ଆଇନବିତ ଥିଲେ। ଭାରତର ସ୍ୱାଧୀନତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ଅନ୍ୟପଟେ ଲୁଟିଅନ୍ସଙ୍କ ପ୍ରତିମୂର୍ତ୍ତି ହଟାଇବାକୁ ତାଙ୍କ ଅଣନାତି ମାଟ ରିଡଲି ବିରୋଧ କରିଛନ୍ତି।

## ଅଜିତ ପାୱାରଙ୍କୁ ରାଜୀବ ଗାନ୍ଧୀଙ୍କ ଭଳି ହତ୍ୟା କରାଯାଇଛି: ଏନ୍‌ସିପି

ମୁମ୍ବଇ, ୨୩।୨ (ଏଜେନ୍ସି): ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁକୁ ନେଇ ଏନସିପି ବିଧାୟକ ଅମୋଲ ମିଟକରି ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଦିବଂଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପରି ଅଜିତଙ୍କୁ ହତ୍ୟା କରାଯାଇଛି କି? କ୍ୟାପ୍‌ଟେନ ସୁମିତ କପୁର ସୁଇସାଇଡ ବମ୍ବର ହୋଇ ଆସିଥିଲେ କି ବୋଲି ଅମୋଲ ପଚାରିଛନ୍ତି। ସୁମିତ ଜୀବିତ ଥିବା ତାଙ୍କ ପତ୍ନୀ ଦାବି କରୁଛନ୍ତି। ଏଭଳି ସ୍ଥିତିରେ ସୁମିତ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି କି ଜୀବିତ ଅଛନ୍ତି? ବିମାନ ଦୁର୍ଘଟଣାକୁ ନେଇ ଅନେକ ସତ ଲୁଚି ରହିଛି? ବିମାନର ପୂର୍ବ କ୍ୟାପଟେନ ସାହିଲ ମଦାନ ଏବଂ ୟସ ଟ୍ରାଫିକରେ ଫସିଥିଲେ ବୋଲି କୁହାଯାଉଛି। ମାତ୍ର ତାହାର ସିସିଟିଭି ଫୁଟେଜ କୁଆଡେ ଗଲା। ବ୍ଲାକ ବକ୍ସ ଜଳି ଯାଇଥିବା ଦାବି କରାଯାଉଛି, ସିସିଟିଭି ଫୁଟେଜ ନାହିଁ ଏସବୁ କ'ଣ ହେଉଛି ବୋଲି ଅମୋଲ ପଚାରିଛନ୍ତି।

## ରବ୍ ଜେଟେନ୍ ନେଦରଲାଣ୍ଡସର ପ୍ରଥମ ସମଲିଙ୍ଗୀ ପ୍ରଧାନମନ୍ତ୍ରୀ

ଆମଷ୍ଟରଡମ, ୨୩।୨(ଏଜେନ୍ସି): ନେଦରଲାଣ୍ଡସ ରାଜନୀତିରେ ଐତିହାସିକ ପରିବର୍ତ୍ତନ ଘଟିଛି। ରବ୍ ଜେଟେନ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ଭାବେ



ଶପଥ ଗ୍ରହଣ କରିଛନ୍ତି। ୩୮ ବର୍ଷୀୟ ଜେଟେନ ସୋମବାର ନେଦରଲାଣ୍ଡସର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେ କେବଳ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ନୁହନ୍ତି; ବରଂ ଦେଶର ପ୍ରଥମ ସମଲିଙ୍ଗୀ ପ୍ରଧାନମନ୍ତ୍ରୀ। ତାଙ୍କ ପୂର୍ବରୁ ୧୯୮୨ରେ ରୁଡ ଲବର୍ସ ୪୩ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ହୋଇ ଏହି ରେକର୍ଡ କରିଥିଲେ। ଜେଟେନ ହେଉଛନ୍ତି, ମଧ୍ୟପନ୍ଥୀ ଓ ୟୁରୋପୀୟ ସମର୍ଥକ ଦଳ ଡେମୋକ୍ରାଟ୍ସ ୬୬ର ନେତା।



## ମୁମ୍ବଇ-ପୁଣେ ଏକ୍ସପ୍ରେସ ହାଇୱେରେ ୩୩ ଘଣ୍ଟାର ଟ୍ରାଫିକ ଜାମ୍

ମୁମ୍ବଇ, ୨୩।୨(ଏଜେନ୍ସି): ମୁମ୍ବଇ-ପୁଣେ ଏକ୍ସପ୍ରେସ ହାଇୱେରେ ଏକ ଗ୍ୟାସ ଟ୍ୟାଙ୍କର ଓଲଟିବା କାରଣରୁ ଭୟଙ୍କର ଟ୍ରାଫିକ ଜାମ୍‌ରେ ଫସିଥିବା ପ୍ରାୟ ଏକ ଲକ୍ଷରୁ ଅଧିକ ଗାଡ଼ି ମାଲିକଙ୍କୁ ଟୋଲ ଟିକସ ଫେରସ୍ତ କରିବାକୁ ମହାରାଷ୍ଟ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଫେବୃଆରୀ ୩ରେ ଖୋପୋଲି ନିକଟରେ ଏକ ଗ୍ୟାସ ଟ୍ୟାଙ୍କର ଓଲଟି ପଡ଼ିବା କାରଣରୁ ଏକ୍ସପ୍ରେସ ହାଇୱେ ୩୩ ଘଣ୍ଟା ଧରି ଜାମ୍ ରହିଥିଲା। ଏଥିପାଇଁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଏହି ଜାମ୍ କାରଣରୁ ହଜାର ହଜାର ଯାତ୍ରୀ ଅନେକ କିମି ପର୍ଯ୍ୟନ୍ତ ରାସ୍ତାରେ ଫସି ରହିଥିଲେ। ଖାଦ୍ୟ ଓ ପାଣି ଭଳି ଅତି ଅତ୍ୟାବଶକୀୟ ଜିନିଷ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିପାଇଁ ପ୍ରାୟ ଏକ ଲକ୍ଷ ଗାଡ଼ି ମାଲିକଙ୍କୁ ସମୁଦାୟ ୫ କୋଟି ୧୬ ଲକ୍ଷ ଟଙ୍କା ଟୋଲ ବାବଦକୁ ଫେରସ୍ତ କରାଯିବ। ଦୁର୍ଘଟଣା ପରେ ସରକାର ଟୋଲ ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଅନେକ ଯାତ୍ରୀଙ୍କ ଫାଷ୍ଟଟ୍ୟାଗ୍ ଆକାଉଣ୍ଟରୁ ସ୍ୱୟଂଚାଳିତ ଭାବେ ଟଙ୍କା କଟିଯାଇଥିଲା। ସରକାରଙ୍କ ଅନୁଯାୟୀ, ଆସନ୍ତା କିଛି ଦିନ ମଧ୍ୟରେ ଏହି ଟଙ୍କା ସିଧାସଳଖ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ଫାସଟ୍ୟାଗ୍ ଆକାଉଣ୍ଟରେ ଜମା ହୋଇଯିବ। ଏବେ କେଉଁ ସମୟରେ ଓ କେଉଁ ଗାଡ଼ିଗୁଡିକ ଜାମରେ ଫସିଥିବା ବେଳେ ଟୋଲ କଟିଛି ତାହାର ଯାଞ୍ଚ କରାଯାଉଛି।


**ଲକ୍ଷେ ଗାଡ଼ି ମାଲିକଙ୍କୁ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟୋଲ୍ ଟିକସ ଫେରସ୍ତ କରାଯିବ**

## ପ୍ରେମ ବିବାହ ପାଇଁ ପିତାମାତାଙ୍କୁ ସୂଚନା ଦେବାକୁ ବାଧ୍ୟ

ଅହମ୍ମଦାବାଦ, ୨୩।୨(ଏଜେନ୍ସି): ଗୁଜରାଟ ସରକାର ବିବାହ ପଞ୍ଜିକରଣ ନିୟମରେ ଏକ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ନୂଆ ନିୟମ ଅନୁଯାୟୀ, ଯେକୌଣସି ପୁରୁଷ ଓ ମହିଳା ଯଦି ନିଜ ଇଚ୍ଛାରେ ଅର୍ଥାତ ପ୍ରେମ ବିବାହ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ନିଜ ପିତାମାତାଙ୍କୁ ଏ ବିଷୟରେ ଜଣାଇବାକୁ ପଡ଼ିବ। ବିବାହ ପଞ୍ଜିକରଣ ସମୟରେ ବର ଓ କନ୍ୟାଙ୍କୁ ଏକ ଶପଥ ପତ୍ର ଦେବାକୁ ପଡ଼ିବ ଯେ ସେମାନେ ନିଜ ବିବାହ ବିଷୟରେ ନିଜ ପିତାମାତାଙ୍କୁ ଜଣାଇଛନ୍ତି କି ନାହିଁ। ବିବାହ ଆବେଦନ କରିବାର ୧୦ ଦିନ ମଧ୍ୟରେ ସରକାରୀ କର୍ତ୍ତୃପକ୍ଷ ଉଭୟ ବର ଓ କନ୍ୟାଙ୍କ ପିତାମାତାଙ୍କୁ ଏ ବିଷୟରେ ବିଧିବଦ୍ଧ ଭାବେ ସୂଚନା ଦେବେ। ଆବେଦନକାରୀଙ୍କୁ ସେମାନଙ୍କ ପିତାମାତଙ୍କ ଠିକଣା, ଆଧାର କାର୍ଡ ଓ ଫୋନ ନମ୍ବର ପ୍ରଦାନ କରିବାକୁ ହେବ। ସମସ୍ତ ପ୍ରକାର ଯାଞ୍ଚ ଶେଷ ହେବା ପରେ ୩୦ ଦିନ ପରେ ବିବାହ ପ୍ରମାଣପତ୍ର ଜାରି କରାଯିବ। ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସାଙ୍ଗଭୀ କହିଛନ୍ତି ଯେ ସରକାର ପ୍ରେମର ବିରୋଧୀ ନୁହନ୍ତି। କିନ୍ତୁ ପ୍ରତାରଣ କରି କରାଯାଉଥିବା ବିବାହ ଓ 'ଲଭ ଜିହାଦ୍' ଭଳି ଘଟଣାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ନିରୀହ ଝିଅମାନଙ୍କୁ ପ୍ରେମ ଜାଲରେ ଫସାଯାଉଥିବାରୁ ଏହାକୁ ରୋକିବା ପାଇଁ ପିତାମାତା ଅବଗତ ହେବା ନିହାତି ଜରୁରୀ। ଏବେ ଗୁଜରାଟ ସରକାରଙ୍କ ଏହି ପ୍ରସ୍ତାବିତ ନିୟମ ଉପରେ ଜନସାଧାରଣଙ୍କ ମତ ପାଇଁ ୩୦ ଦିନର ସମୟ ଦିଆଯାଇଛି। ଲୋକଙ୍କ ମତାମତ ଓ ଆଇନଗତ ପରାମର୍ଶ ପରେ ହିଁ ସରକାର ଏହାକୁ ଚୂଡାନ୍ତ ରୂପ ଦେବେ। ସମାଲୋଚକ ଓ ଆଇନ ବିଶେଷଜ୍ଞମାନେ ଏହି ପ୍ରସ୍ତାବକୁ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବୋଲି କହୁଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ୨୦୧୮ ର ଐତିହାସିକ 'ହାଦିଆ' ମାମଲାର ଉଦାହରଣ ଦିଆଯାଉଛି। ସୁପ୍ରିମକୋର୍ଟ କହିଥିଲେ ଯେ ଜଣେ ବୟସ୍କ ବ୍ୟକ୍ତି ନିଜ ପସନ୍ଦର ଜୀବନସାଥୀ ବାଛିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନ। ଏହା ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ଏକ ମୌଳିକ ଅଧିକାର। ବିବାହ ଏକ ବ୍ୟକ୍ତିଗତ ନିଷ୍ପତ୍ତି ଓ ଏଥିରେ ରାଜ୍ୟ କିମ୍ବା ମାତାପିତାଙ୍କ ହସ୍ତକ୍ଷେପ କରିବାର ଅଧିକାର ନାହିଁ। ପିତାମାତାଙ୍କୁ ସୁରକ୍ଷା ଅଧିକାର ମିଳିପାରେ, କିନ୍ତୁ ସେମାନେ ଜଣେ ବୟସ୍କଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇପାରିବେ ନାହିଁ।

## ତାମିଲନାଡୁ ଏସ୍‌ଆଇଆର୍‌ରେ କଟିଲେ ୭୪ ଲକ୍ଷ

ଚେନ୍ନଇ, ୨୩।୨ (ଏଜେନ୍ସି): ତାମିଲନାଡୁରେ ସୋମବାର ସ୍ୱେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ଏସ୍‌ଆଇଆର୍ ପରେ ଏହି ତାଲିକାରୁ ପ୍ରାୟ ୭୪ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସିଇଓ ଅର୍ଚ୍ଚନା ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଆଜି ସକାଳେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ନିଜ ନିଜ ଜିଲ୍ଲାର ତାଲିକା ଜାରି କରିଥିଲେ। ପରେ ସିଇଓ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସେ କହିଥିଲେ ଯେ ଏବେ ରାଜ୍ୟରେ ୫, ୬୭, ୦୭, ୩୮୦ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରେ ୨, ୭୭, ୩୮, ୯୩୫ ପୁରୁଷ ଏବଂ ୨, ୮୯, ୬୦, ୮୩୫ ମହିଳା ସାମିଲ ଅଛନ୍ତି। ଗତ ବର୍ଷ ଡିସେମ୍ବର ୧୯ରୁ ଜାନୁଆରୀ ୩୦ ପର୍ଯ୍ୟନ୍ତ ଚାଲିଥିବା ଦାବି ଏବଂ ଆପତ୍ତି ଦାଖଲ ଅବଧିରେ ୨୭, ୫୩, ୭୯୬ ଜଣଙ୍କୁ ତାଲିକାରେ ସାମିଲ କରାଯାଇଥିଲା। ଗତ ବର୍ଷ ଡିସେମ୍ବରରେ ଜାରି ଚିଠା ଭୋଟର ତାଲିକାରୁ ୯୭.୩ ଲକ୍ଷ ତଥା ୧୫ ପ୍ରତିଶତ ଭୋଟରଙ୍କୁ ହଟାଇ ଦିଆଯାଇଥିଲା। ଏବେ ସୋଲିଙ୍ଗନାଲୁର ବିଧାନସଭା କ୍ଷେତ୍ରରେ ସର୍ବାଧିକ ୫, ୩୬, ୯୯୧ ଭୋଟର ଏବଂ ହାର୍ବରରେ ସର୍ବନିମ୍ନ ୧, ୧୬, ୮୯୬ ଭୋଟର ଅଛନ୍ତି।



### ସେନା ଗୁଳିରେ ଡ୍ରଗ୍ ମାଫିଆ ନିହତ

## ମେକ୍ସିକୋରେ ବ୍ୟାପକ ହିଂସା

ମେକ୍ସିକୋ ସିଟି, ୨୩।୨(ଏଜେନ୍ସି): ମେକ୍ସିକୋର ସବୁଠାରୁ ବଡ଼ ତଥା ଶକ୍ତିଶାଳୀ ଡ୍ରଗ୍ ମାଫିଆ 'ଏମ୍ ମେଞ୍ଚୋ' ସେନା ଗୁଳିରେ ନିହତ ହୋଇଛି। ତା'ର ପ୍ରକୃତ ନାମ ହେଉଛି ନେମେସିଓ ଓସେଗୁଏରା ସର୍ଭାଣ୍ଟେସ୍। ସେନା ଗୁଳିରେ ସେ ପ୍ରାଣ ହରାଇଥିବା ନେଇ ମେକ୍ସିକୋ ସରକାର ସୂଚନା ଦେଇଛନ୍ତି। ସରକାର ନିଶ୍ଚିତ କରିଛନ୍ତି ଯେ ସେମାନଙ୍କ ସୁରକ୍ଷା ବାହିନୀ ଏହି ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ ମାଫିଆକୁ ନିପାତ କରିଛି। ଏହି ଘଟଣା ପରେ ଦେଶର ଅନେକ ରାଜ୍ୟରେ ଏମ୍ ମେଞ୍ଚୋର ସମର୍ଥକମାନେ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି। ସେମାନେ ରାସ୍ତାରେ ବସ୍ ଓ ଗାଡ଼ିଗୁଡିକୁ ପୋଡ଼ି ଦେଇଛନ୍ତି। ଅନେକ ସହରରେ ସ୍କୁଲ ଓ କଲେଜ ବନ୍ଦ ରଖାଯାଇଛି ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ହିଂସାକାଣ୍ଡ ବେଳେ ପର୍ଯ୍ୟଟକମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ାଦୌଡ଼ି କରୁଥିବାର ଭିଡ଼ିଓ ଭାଇରାଲ ହୋଇଛି। ମେକ୍ସିକୋ ସରକାର ଜନସାଧାରଣଙ୍କୁ ଘରୁ ବାହାରକୁ ନ ବାହରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଲ ମେଞ୍ଚୋ ମେକ୍ସିକୋର ଅନ୍ୟତମ ଶକ୍ତିଶାଳୀ 'ଜାଲିସ୍କୋ ନିଉ ଜେନେରେସନ କାର୍ଟେଲ' (ସିଜେଏନ୍‌ଜି)ର ନେତା ଥିଲା। ଆମେରିକା ତା'ର ମୁଣ୍ଡ ପାଇଁ ୧୫ ମିଲିଅନ ଡଲାର ଅର୍ଥାତ ୧୨୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ସେ ବହୁ ବର୍ଷ ଧରି ଗିରଫଦାରୀରୁ ବର୍ତ୍ତି ଆସୁଥିଲା। ମେକ୍ସିକୋର ତାଲିସ୍କୋ ରାଜ୍ୟର ଟାପାଲ୍‌ପା ଅଞ୍ଚଳରେ ମେକ୍ସିକୋ ସେନା ଏହି ଅପରେସନ କରି ଲକ୍ଷ୍ୟ ପୂରଣ କରିଥିଲା। ଏହି ଅପରେସନ ସମୟରେ ହୋଇଥିବା ଗୁଳି ବିନିମୟରେ



ଏଲ୍ ମେଞ୍ଚୋ ଗୁରୁତର ଭାବେ ଆହତ ହୋଇଥିଲା। ଚିକିତ୍ସା ପାଇଁ ତାକୁ ମେକ୍ସିକୋ ସିଟିକୁ ଏୟାର ଲିଫ୍ଟ କରାଯାଉଥିବା ସମୟରେ ମାର୍ଗରେ ତା'ର ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ ନିଶ୍ଚିତ କରାଯାଇଛି। ଏହି ଅପରେସନରେ ଆମେରିକାର ଗୁଇନ୍ଦା ସଂସ୍ଥା ମଧ୍ୟ ମେକ୍ସିକୋ ସେନାକୁ ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି। ଏହି ଅପରେସନରେ ଏଲ୍ ମେଞ୍ଚୋର ୧୨ ଜଣ କାର୍ଟେଲ ସଦସ୍ୟ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଏଥିରେ ସେନାର ୩ ଜଣ ସଦସ୍ୟ ମଧ୍ୟ ଆହତ ହୋଇଛନ୍ତି। ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ରକେଟ ଲଞ୍ଚର ଜବତ କରାଯାଇଛି। ମେକ୍ସିକୋ ସେନାର ଏହି କାର୍ଯ୍ୟାନୁଷ୍ଠାନକୁ ଆମେରିକା ପ୍ରଶଂସା କରିଛି। ଏହାକୁ ମେକ୍ସିକୋ ଓ ବିଶ୍ୱ ପାଇଁ ଏକ ବଡ଼ ବିଜୟ ବୋଲି ଆମେରିକା ତରଫରୁ କୁହାଯାଇଛି। ମେକ୍ସିକୋରେ ବଢୁଥିବା ହିଂସାକୁ ଦୃଷ୍ଟିରେ ରଖି ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରିଛନ୍ତି।

୫୯ ବର୍ଷୀୟ ଏମ୍ ମେଞ୍ଚୋ ମୂଳତଃ ବିଚୋଆକାନ ଅଞ୍ଚଳର ବାସିନ୍ଦା। ସେ ୯୦ ଦଶକରୁ ଡ୍ରଗ୍ସ କାରବାରରେ ଜଡ଼ିତ ରହି ଆସିଥିଲା। ସେ ଆମେରିକାରେ ହେରୋଇନ ଚାଲାଣ ପାଇଁ ୩ ବର୍ଷ ଜେଲ ଦଣ୍ଡ ଭୋଗିଥିଲା। ଜେଲ୍‌ରୁ ଫେରିବା ପରେ ସେ ୨୦୦୭ରେ 'ଜାଲିସ୍କୋ ନିଉ ଜେନେରେସନ କାର୍ଟେଲ' ଗଠନ କରିଥିଲା। ଏହି କାର୍ଟେଲ ଡ୍ରୋନ ବୋମା, ଲ୍ୟାଣ୍ଡମାଇନ୍ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ପାଇଁ ଜଣାଶୁଣା। ଏହା ଆମେରିକାକୁ ଫେଣ୍ଟାନିଲ ଓ କୋକେନ ଯୋଗାଉଥିବା ପ୍ରମୁଖ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ନେବାଉମ୍ ଜନସାଧାରଣଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି। ସବୁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରାଯାଉଥିବା କହିଛନ୍ତି।

## ଇରାନ ବିଶ୍ୱବିଦ୍ୟାଳୟରେ ପୁଣି ସରକାର-ବିରୋଧୀ ବିକ୍ଷୋଭ

ତେହେରାନ, ୨୩।୨(ଏଜେନ୍ସି): ଇରାନର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବ୍ୟାପକ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଧାନୀ ତେହେରାନ ସମେତ ସାରା ଦେଶରେ ସରକାର ବିରୋଧୀ ଆନ୍ଦୋଳନ ପୁଣି ଥରେ ତେଜିଛି। ସ୍ଥିତି ସମ୍ବେଦନଶୀଳ ହୋଇଥିବାରୁ ଭାରତୀୟ ଦୂତାବାସ ସେଠାରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କୁ 'ତୁରନ୍ତ ଦେଶ ଛାଡ଼ିବା' ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ଇରାନର ସରିଫ ବିଶ୍ୱବିଦ୍ୟାଳୟ, ଅମିରକବୀର ବିଶ୍ୱବିଦ୍ୟାଳୟ ଓ ତେହେରାନ ବିଶ୍ୱବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ସରକାର ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଛନ୍ତି। ସରକାର ବିରୋଧୀ ଛାତ୍ର ଓ ସରକାର ସମର୍ଥକ (ବାସିଜ ମିଲିସିଆ) ଗୋଷ୍ଠୀ ମଧ୍ୟରେ ଅନେକ ସ୍ଥାନରେ ସଂଘର୍ଷ ଘଟିଛି। ସରକାର ସମର୍ଥକମାନେ ଆମେରିକା ଓ ଇସ୍ରାଏଲ ପତାକା ଜଳାଇ ପ୍ରତିବାଦ କରିଛନ୍ତି। ରିପୋର୍ଟ ଅନୁଯାୟୀ, ହଜାର ହଜାର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଜାନୁଆରୀ ମାସରେ ହୋଇଥିବା ବିକ୍ଷୋଭରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଇରାନରେ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଓ ପର୍ଯ୍ୟଟକଙ୍କୁ ଉପଲବ୍ଧ ଯେକୌଣସି ପରିବହନ ମାଧ୍ୟମ (ବିମାନ କିମ୍ବା ସଡ଼କ ପଥ) ବ୍ୟବହାର କରି ତୁରନ୍ତ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଣି ବିକ୍ଷୋଭ ଚାଲିଥିବା ସ୍ଥାନକୁ ନ ଯିବାକୁ ଓ ନିଜର ପରିଚୟପତ୍ର ଓ ପାସପୋର୍ଟ ସବୁବେଳେ ପାଖରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଭାରତୀୟ ଦୂତାବାସରେ ପଞ୍ଜିକରଣ କରିନାହାନ୍ତି, ସେମାନେ ତୁରନ୍ତ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରନ୍ତୁ ବୋଲି କୁହାଯାଇଛି।

## ନେପାଳରେ ନଦୀକୁ ଖସିଲା ବସ୍; ୧୮ ଯାତ୍ରୀ ମୃତ

କାଠମାଣ୍ଡୁ, ୨୩।୨(ଏଜେନ୍ସି): ନେପାଳର ଧାଦିଙ୍ଗ ଜିଲ୍ଲାରେ ରବିବାର ବିଳମ୍ବିତ ରାତିରେ ଏକ ଭୟଙ୍କର ବସ୍ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ ତ୍ରିଶୂଳୀ ନଦୀକୁ ଖସି ପଡ଼ିବା ଫଳରେ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ୨୬ ଜଣ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣାଟି ରାତି ପ୍ରାୟ ୧.୩୦ ସମୟରେ ଧାଦିଙ୍ଗ ଜିଲ୍ଲାର ଗୋରାଙ୍ଗ ଅଞ୍ଚଳରେ ଘଟିଥିଲା। ଏହି ବସ୍ ପୋଖରାରୁ ରାଜଧାନୀ କାଠମାଣ୍ଡୁ ଅଭିମୁଖେ ଯାତ୍ରା କରୁଥିଲା। ଚାଳକ ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ରାସ୍ତାରୁ ତଳକୁ ନଦୀକୁ ଖସି ପଡ଼ିଥିଲା। ମୃତକଙ୍କ ମଧ୍ୟରେ ୧୨ ଜଣ ପୁରୁଷ ଓ ୬ ଜଣ ମହିଳା ଅଛନ୍ତି। ଦୁଇଜଣ ବିଦେଶୀ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ସେମାନଙ୍କର ପରିଚୟ ମିଳିପାରିନାହିଁ। ବସ୍‌ରେ ସମୁଦାୟ ୪୪ଜଣ ଯାତ୍ରୀ ଥିଲେ। ନେପାଳ ସଶସ୍ତ୍ର ପୁଲିସ ବଳ (ଏପିଏଫ୍) ଦ୍ୱାରା ଉଦ୍ଧାର କର୍ଯ୍ୟ ଜାରି ରହିଛି। ଆହତ ହୋଇଥିବା କେତେଜଣ ଯାତ୍ରୀ ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇଛି।

## ତେଜସ୍ ଉଡ଼ାଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଲା ବାୟୁସେନା

ନୂଆଦିଲ୍ଲୀ, ୨୩।୨(ଏଜେନ୍ସି): ଚଳିତ ମାସ ପ୍ରାରମ୍ଭରେ ଏକ ଦୁର୍ଘଟଣା ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ତା'ର ସମସ୍ତ ୩୦ଟି ସିଙ୍ଗଲ- ସିଟର ତେଜସ୍ (ତେଜସ୍ ଏଲ୍‌ସିଏ)



ବିମାନର ଉଡ଼ାଣକୁ ସାମୟିକ ଭାବେ ବନ୍ଦ କରିଦେଇଛି। ଏହି ବିମାନଗୁଡ଼ିକର ଏବେ ପୁଙ୍ଖାନୁପୁଙ୍ଖ ଭାବେ ବୈଷୟିକ ଯାଞ୍ଚ କରାଯିବ। ତେଜସ୍‌ର ଏହି ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବାୟୁସେନା ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏକ ନିୟମିତ ତାଲିମ ଉଡ଼ାଣ ସାରି ଫେରୁଥିବା ତଥା ଅବତରଣ ସମୟରେ ତେଜସ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବିମାନରେ ବହୁତ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପାଇଲଟ ଜଣକ ସୁରକ୍ଷିତ ଭାବେ ବାହାରି ଆସିଛନ୍ତି। ଏହି ଘଟଣା ଫେବୃଆରୀ ୭ରେ ଘଟିଛି ଓ ଏବେ ଏହା ସାମ୍ନାକୁ ଆସିଛି। ଅବତରଣ କରିବା ମାତ୍ରେ ପାଇଲଟ୍ ବ୍ରେକ ଲଗାଇଥିଲେ। କିନ୍ତୁ ବ୍ରେକ କାମ ନ କରିବାରୁ ବିମାନଟି ରନୱେ ବାହାରକୁ ଚାଲିଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ବୈଷୟିକ ତ୍ରୁଟି ବୋଲି ଜଣାପଡ଼ିଛି। ବାୟୁସେନାରେ ସାମିଲ ହେବା ପରଠାରୁ ଏହା ହେଉଛି ତୃତୀୟ ତେଜସ ବିମାନ ଯାହା ଦୁର୍ଘଟଣାର ଶିକାର ହୋଇଛି। ୨୦୨୪ ମାର୍ଚ୍ଚରେ ରାଜସ୍ଥାନର ଜୈସାଲମେରରେ ନିକଟରେ ତେଜସ ବିମାନର ପ୍ରଥମ ଦୁର୍ଘଟଣା ହୋଇଥିଲା। ଏଥିରେ ପାଇଲଟ ସୁରକ୍ଷିତ ଥିଲେ। ଏହାପରେ ୨୦୨୫ ନଭେମ୍ବରରେ ଦୁବାଇ ଏୟାର ଶୋ' ଅବସରରେ ଦ୍ୱିତୀୟ ଦୁର୍ଘଟଣା ଘଟିଥିଲା ଓ ଏଥିରେ ପାଇଲଟଙ୍କର ମୃତ୍ୟୁ ହୋଇଥିଲା। ଶେଷରେ ୨୦୨୬ ଫେବୃଆରୀରେ ସାମ୍ପ୍ରତିକ ଘଟଣା ଘଟିଥିଲା। ଏଥିରେ ଅବଶ୍ୟ ପାଇଲଟ ସୁରକ୍ଷିତ ରହିଛନ୍ତି। ଏହି ଦୁର୍ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ତେଜସ ଏମ୍‌କେ୧ଏର ବିତରଣ ପ୍ରାୟ ଦୁଇବର୍ଷ ବିଳମ୍ବରେ ଚାଲିଛି। ବାୟୁସେନା ଏହି ନୂଆ ବିମାନଗୁଡ଼ିକର ଯାଞ୍ଚ ଏପ୍ରିଲ ମାସରେ କରିବ। ଯଦି ସବୁ ପରୀକ୍ଷଣ ସଫଳ ହୁଏ, ତାପରେ ଯାଇ ଏହାକୁ ସେନାରେ ସାମିଲ କରାଯିବ।

## ଦେଶରେ ପ୍ରଥମ: ଆତଙ୍କବାଦ ଦମନ ପାଇଁ 'ପ୍ରହାର'

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି): ଭାରତର ପ୍ରଥମ ଜାତୀୟ ଆତଙ୍କବାଦ ବିରୋଧୀ ନୀତି ଜାରି ହୋଇଛି। ଏହାର ନାମ 'ପ୍ରହାର' ରଖାଯାଇଛି। ଆଠ ପୃଷ୍ଠାର ଏହି ନୀତିରେ ଆତଙ୍କବାଦୀ ଆକ୍ରମଣ ରୋକିବାକୁ ବିଶେଷ ଧ୍ୟାନ ଦିଆଯାଇଛି। ଏହା ସହିତ ବିପଦକୁ ଦେଖି ଦ୍ରୁତ ଏବଂ ସନ୍ତୁଳନ ରକ୍ଷାକରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଦୀର୍ଘ ସମୟ ହେଲା ପ୍ରଯୋଜିତ ଆତଙ୍କବାଦ ଦ୍ୱାରା ଭାରତ ପ୍ରଭାବିତ ହେଉଥିବାବେଳେ ସରକାର ଏଭଳି ନୀତି ଆଣିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସୋମବାର ଜାରି ଏହି ନୀତିର ପ୍ରଥମ ପୃଷ୍ଠାର ଉପକ୍ରମରେ ପ୍ରହାରର ସମ୍ପୂର୍ଣ୍ଣ ଅର୍ଥ ରହିଛି। ଉପକ୍ରମରେ କୁହାଯାଇଛି ଯେ କିଛି ପଡ଼ୋଶୀ ରାଷ୍ଟ୍ର ଆତଙ୍କବାଦୀକୁ ସରକାରୀ ନୀତିର ଅଂଶ ଭାବେ ଅସ୍ତ୍ର ପରି ବ୍ୟବହାର କରୁଛନ୍ତି। ଏହା ସତ୍ତ୍ୱେ ବି ଆତଙ୍କବାଦକୁ ଭାରତ କୌଣସି ଧର୍ମ, ଜାତି,



ଦେଶ କିମ୍ବା ସଭ୍ୟତା ସହ ଯୋଡ଼ି ଦେଖୁନାହିଁ। ଆତଙ୍କବାଦୀ ପରସ୍ପର ସହ ଯୋଗାଯୋଗ, ନିଯୁକ୍ତି ଏବଂ ପ୍ରଚାରପ୍ରସାର ପାଇଁ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ସରକାର ଏହି ନୀତିରେ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। କୌଣସି ଧର୍ମ, ଜାତି କିମ୍ବା ବିଚାରଗତ ଦୃଷ୍ଟିକୋଣରୁ ଆତଙ୍କବାଦକୁ ଉଚିତ କୁହାଯାଇପାରିବ ନାହିଁ। ପ୍ରହାରରେ ସରକାର କହିଛନ୍ତି ଯେ ଭାରତ ଆତଙ୍କବାଦର ପ୍ରତ୍ୟେକ ରୂପକୁ ନିନ୍ଦା କରୁଛି। ଏଥିରେ ଆତଙ୍କବାଦକୁ ରୋକିବାକୁ ଏବଂ ମୁକାବିଲା ପାଇଁ ଏକ ସୁବ୍ୟବସ୍ଥିତ ଓ ଗୁଇନ୍ଦା ସୂଚନା ଆଧାରିତ ଢାଞ୍ଚା ରହିଛି। ସରକାରୀ ଏଜେନ୍ସି ମଧ୍ୟରେ ଉତ୍ତମ ତାଳମେଳକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ନୀତିରେ ସରକାରଙ୍କ ସହିତ ସମ୍ପୂର୍ଣ୍ଣ ସମାଜ ଆପଣାଇ ପାରୁଥିବା ଉପାୟ ବିଷୟରେ କୁହାଯାଇଛି। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଚରମପନ୍ଥୀଙ୍କୁ ନିପାତ ପାଇଁ ବିଶେଷ ଧ୍ୟାନ ଦେବାର ବ୍ୟବସ୍ଥା ରହିଛି।

ଭାରତୀୟ ନାଗରିକ ଏବଂ ଦେଶ ସ୍ୱାର୍ଥର ରକ୍ଷା ପାଇଁ ଆତଙ୍କବାଦୀ ଆକ୍ରମଣ ରୋକିବା ପ୍ରହାରର ଉଦ୍ଦେଶ୍ୟ। ଏଥିରେ କୁହାଯାଇଛି ଯେ ଆତଙ୍କବାଦ ମୁକାବିଲାରେ ମଲ୍ଟି ଏଜେନ୍ସି ସେଣ୍ଟର (ଏମଏସି)ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଆଇବି ଅଧିନରେ କାମ କରୁଥିବା ଜଏଣ୍ଟ ଟାସ୍କ ଫୋର୍ସ ଅନ ଇଣ୍ଟେଲିଜେନ୍ସ (ଜେଟିଏଫଆଇ) କଥା ମଧ୍ୟ ଉଲ୍ଲେଖ ରହିଛି। ପ୍ରହାରରେ କୁହାଯାଇଛି ଯେ ଜଳ, ସ୍ଥଳ ଏବଂ ଆକାଶରୁ ଭାରତ ପ୍ରତି ଆତଙ୍କବାଦର ବିପଦ ରହିଛି। ନୀତିରେ ଅଲକାଏଦା ଏବଂ ଆଇଏସଏସ ଭଳି ଆତଙ୍କବାଦୀ ସଂଗଠନଠାରୁ ଥିବା ବିପଦର ମଧ୍ୟ ଉଲ୍ଲେଖ ରହିଛି। ଏଥିରେ ଏନକ୍ରିପସନ, ଡାର୍କ ୱେବ ଏବଂ କ୍ରିପ୍ଟୋ ୱାଲେଟ ଭଳି ଜ୍ଞାନକୌଶଳଠାରୁ ଆହ୍ୱାନ ଥିବା ଦର୍ଶାଯାଇଛି। ରାସାୟନିକ, ଜୈବିକ, ରେଡିଓଲୋଜିକାଲ, ପରମାଣୁ, ବିସ୍ଫୋରକ ଏବଂ ଡିଜିଟାଲ (ସିବିଆରଏନଇଡି) ସାମଗ୍ରୀ ଆତଙ୍କବାଦୀଙ୍କ ହାତରେ ନ ଲାଗିବାକୁ ଦେବା ଏବେ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି ବୋଲି କୁହାଯାଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୨୨- ଅହମ୍ମଦାବାଦରେ ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ ହେଲା।
- ୧୯୨୪- ଭଏସ୍ ଅଫ୍ ଆମେରିକାର ପ୍ରସାରଣ ଆରମ୍ଭ ହେଲା।
- ୧୯୬୧- ମାଡ୍ରାସ୍ ସରକାର ରାଜ୍ୟର ନାମ ବଦଳାଇ ତାମିଲନାଡୁ ରଖିଲେ।
- ୧୯୭୯ - ଉତ୍ତର ଓ ଦକ୍ଷିଣ ୟେମେନ ମଧ୍ୟରେ ଯୁଦ୍ଧ ଆରମ୍ଭ।

## ପିଲାଙ୍କୁ ସୁରକ୍ଷା ଦେବ ସ୍ମାର୍ଟ ଜୋତା




ଡିଜିଟାଲ ଯୁଗରେ ଏବେ ଯେଉଁଠି ପ୍ରତ୍ୟେକ ଜିନିଷ ସ୍ମାର୍ଟ ହେଲାଣି ସେଠାରେ ପିଲାଙ୍କ ଜୋତା ବି ଟେକ୍ନୋଲୋଜି ସହିତ ଜଡ଼ିତ ହେଲାଣି। ଏହି କ୍ରମରେ ଜୟପୁରର 'ଷ୍ଟେପ୍‌ହ୍ୱେୟାର' କମ୍ପାନି ୫-୧୫ ବର୍ଷ ବୟସର ପିଲାଙ୍କ ଲାଗି ଏକ ଏଆଇ ଯୁକ୍ତ ସ୍ମାର୍ଟ ଜୋତା ତିଆରି କରିଛି। ଏହି ଜୋତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପିଲାଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା। ଆଜିକାଲି ବାପାମାଆ ଉଭୟ କର୍ମଜୀବୀ ହୋଇଥିବାରୁ ପିଲାମାନେ ସ୍କୁଲ, ଟ୍ୟୁସନ କିମ୍ବା ଖେଳିବା ପାଇଁ ବାହାରକୁ ଗଲାବେଳେ ସେମାନେ କେଉଁଠି ଅଛନ୍ତି ତାହା ଜାଣିବା କଷ୍ଟକର ହୋଇଥାଏ। ଏଥିପାଇଁ ଅଭିଭାବକମାନେ ଚିନ୍ତାରେ ରୁହନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସ୍ମାର୍ଟ ଜୋତାକୁ ଡିଜାଇନ୍ କରାଯାଇଛି। ଏହି ଜୋତା ଲୋକେସନ୍ ଟ୍ରାକିଂର ସୁବିଧା ପ୍ରଦାନ କରେ। ଫଳରେ ବାପାମାଆମାନେ ପିଲାଙ୍କ ଲାଇଭ୍ ଲୋକେସନ୍‌କୁ ପ୍ରତି ସମୟରେ ଫୋନ୍‌ରେ ଦେଖିପାରିବେ। ଫଳରେ ସେମାନଙ୍କ ପିଲା ସୁରକ୍ଷିତ ଅଛି ବୋଲି ଆଶ୍ୱସ୍ତ ହୋଇପାରିବେ। ସେହିପରି ଜୋତା ଭିତରେ ଏକ ଜିପିଏସ୍ ଟ୍ରାକର୍ ଲାଗିଛି। ଯାହାକି ଲଗାତାର ଲୋକେସନ୍‌କୁ ଅପଡେଟ୍ କରିଥାଏ। ସେହିପରି ପିଲାଟି ଯଦି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନରୁ ବାହାରକୁ ଯାଏ, ତେବେ ସେମାନଙ୍କ ବାପାମାଆଙ୍କ ମୋବାଇଲରେ ଆଲର୍ଟ ପହଞ୍ଚି ଥାଏ। ଏହି ଆଲର୍ଟ ନୋଟିଫିକେସନ୍ ଭାବେ ଆସିଥାଏ। ଏହି ଜୋତାକୁ ଏକ ବିଶେଷ ମୋବାଇଲ ଆପ୍‌ରେ ଯୋଡ଼ା ଯାଏ। ଯାହାକି ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ପ୍ଲାଟଫର୍ମରେ ଉପଲବ୍ଧ। ଆପ୍ ମାଧ୍ୟମରେ କେବଳ ଲାଇଭ୍ ଲୋକେସନ ନୁହେଁ, ବରଂ ଲୋକେସନ ହିଷ୍ଟ୍ରି ମଧ୍ୟ ଜାଣି ପାରିବେ। ଏହାଦ୍ୱାରା ପିଲାଟି ଦିନ ତମାମ କେଉଁ ଆଡ଼େ ଯାଇଛି ଅଭିଭାବକ ଜାଣିପାରିବେ। କେବଳ ସୁରକ୍ଷା ନୁହେଁ, ଏହା ପିଲାଙ୍କ ଫିଟ୍‌ନେସ୍ ଉପରେ ବି ଧ୍ୟାନ ଦେବ। ଏଥିରେ ଏକ ଷ୍ଟେପ୍ କାଉଣ୍ଟର ରହିଛି। ପିଲା କେତେ ପାଦ ପ୍ରତିଦିନ ଚାଲୁଛି, ସେକଥା ଏହା ଜଣାଏ। ଏହା ଏକ ଚମଡ଼ା ଜୋତା ହୋଇଥିବା ବେଳେ ଏହାର ଷ୍ଟାଇଲ ବୋଟ୍ ଜୋତା ଭଳି। ଏହା ଜଳ ପ୍ରତିରୋଧୀ ହୋଇଥିବାରୁ ଓଦା ହେଲେ ବି ନଷ୍ଟ ହେବ ନାହିଁ। ଏହା ହାଲୁକା ଓ ମଜଭୁତ। ଏହାର ଓଜନ ୫୦୦ ଗ୍ରାମ୍। ଅନ୍ୟପଟେ ଜୟପୁରରେ ଏହାର ନିର୍ମାଣ ଏବଂ ପ୍ୟାକିଂ କାମ କରାଯାଉଛି।

## 'କକ୍‌ଟେଲ୍ ୨'ର କାହାଣୀ ଲିକ୍

ବଲିଉଡ୍‌ରେ ଏବେ ସିକ୍ୱେଲ ଫିଲ୍ମର ଟ୍ରେଣ୍ଡ ଚାଲିଛି। ଏହି ତାଲିକାରେ 'କକ୍‌ଟେଲ୍ ୨' ମଧ୍ୟ ରହିଛି। ଏଥିରେ ଶାହିଦ୍ କପୁର, ରଶ୍ମିକା ମନ୍ଦାନା ଓ କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ପୂର୍ବରୁ ଏହାର ସୁଟିଂସେଟ୍‌ରୁ ଅନେକ ଭିଡିଓ ଭାଇରାଲ ହୋଇଛି। ଏବେ ପୁଣିଥରେ ଏହି ଫିଲ୍ମ ଚର୍ଚ୍ଚାକୁ ଆସିଛି। ଏବେ 'କକ୍‌ଟେଲ୍ ୨' ଚର୍ଚ୍ଚାକୁ ଆସିବାର କାରଣ ଏହାର କାହାଣୀ ଲିକ୍ ହୋଇଛି।



ଏଥିରେ ରଶ୍ମିକା ଓ କ୍ରିତି କେଉଁ ଭୂମିକାରେ ଦେଖାଯିବେ ତାହା ଜଣା ପଡ଼ିଯାଇଛି। ମୂଳ ଫିଲ୍ମକୁ ଦେଖି ଦର୍ଶକେ ଶାହିଦ୍, ରଶ୍ମିକା କିମ୍ବା କ୍ରିତିଙ୍କ ସହ ପ୍ରେମ ସମ୍ପର୍କରେ ଥିବେ ବୋଲି ଦର୍ଶକେ ଅନୁମାନ କରୁଥିଲେ। ହେଲେ ଏଥର କାହାଣୀରେ ଟ୍ୱିଷ୍ଟ ଅଣାଯାଇଛି। ଏଥିରେ ରଶ୍ମିକା ଓ କ୍ରିତି ସମଲିଙ୍ଗୀ ହୋଇଥିବାର ଦେଖାଯିବେ। ଏମାନଙ୍କର ଏହି ସମ୍ପର୍କ ମଧ୍ୟରେ ଶାହିଦ୍ ଥାର୍ଡ ଆଙ୍ଗେଲ ଭାବେ ଦେଖାଯିବେ। ଆଧୁନିକ ସମ୍ପର୍କ ଉପରେ ଫିଲ୍ମର କାହାଣୀ ପର୍ଯ୍ୟବସିତ ହୋଇଥିବା ଚର୍ଚ୍ଚା ହେଉଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଦିନେଶ ବିଜାନ୍‌ଙ୍କର ମ୍ୟାଡକକ୍ ଫିଲ୍ମସ୍ ରହିଛି। ଲଭ୍ ରଞ୍ଜନ ଏହାର କାହାଣୀ ଲେଖିଛନ୍ତି। ଏଯାବତ୍ ଏହାର ରିଲିଜ୍ ଡେଟ୍ ସାମ୍ନାକୁ ଆସିନାହିଁ। ଏଠାରେ ପ୍ରକାଶ ଥାଉ କି, ୨୦୧୨ ମସିହାରେ 'କକ୍‌ଟେଲ୍' ଫିଲ୍ମ ଆସିଥିଲା। ଏହା ଏକ ରୋମାଣ୍ଟିକ୍ କମେଡି ଫିଲ୍ମ ଥିଲା। ଏଥିରେ ସୈଫ୍ ଅଲ୍ଲୀ ଖାନ୍, ଦୀପିକା ପାଦୁକୋନ୍ ଓ ଡାଏନା ପେଣ୍ଟି ଲିଡ୍ ରୋଲରେ ନଜର ଆସିଥିଲେ।

## ବାଘ ଭୟ
## ପାଠ ପଢ଼ିବା ପାଇଁ ପିଲାଙ୍କୁ ସୁରକ୍ଷା ଦେଉଛନ୍ତି ମହିଳା

ବାଘକୁ ଦେଖିଲେ ଯେକେହି ଛାନିଆ ହୋଇଯିବା ସ୍ୱାଭାବିକ। ବାଘ କବଳରୁ ଖସିଯିବା ନୂଆ ଜୀବନ ପାଇବା ସଙ୍ଗେ ସମାନ। ତେଣୁ ବାଘର ସାମ୍ନାସାମ୍ନି ହେବା ତ ଦୂରର କଥା, ତା' ଆଖପାଖରେ ଯିବାକୁ ବି ଲୋକେ ଭୟ କରନ୍ତି। ମହାରାଷ୍ଟ୍ର, ଚନ୍ଦ୍ରପୁର ଜିଲ୍ଲା ସୀତାରାମ ପେଟ ଗାଁର ଲୋକେ ସବୁବେଳେ ବାଘକୁ ନେଇ ଆତଙ୍କିତ ଥାଆନ୍ତି। କାରଣ ଏହି ଗାଁଟି ତାଡୋବା ବ୍ୟାଘ୍ର ଅଭୟାରଣ୍ୟ ନିକଟରେ ରହିଛି। ଏହି ଅଭୟାରଣ୍ୟରେ ସମୁଦାୟ ୧୨୦ଟି ବାଘ ଅଛନ୍ତି। ଗାଁ ଚାରିପାଖେ ତାର ବାଡ଼ ଲାଗିଛି। ହେଲେବି ଏଠାରେ ମଝିରେ ମଝିରେ ଗ୍ରାମବାସୀମାନଙ୍କ ଉପରେ ବାଘ ଆକ୍ରମଣ ହୋଇଥାଏ।

ଗାଁଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ୪୦୦ ମିଟରର ଏକ କଚ୍ଚା ସଡ଼କ ରହିଛି। ହେଲେ ଏହି ରାସ୍ତାରେ ଗୋଟିଏ ହେଲେ ବି ଷ୍ଟ୍ରିଟ୍ ଲାଇଟ୍ ନାହିଁ। ଗାଁର ପାଖାପାଖି ୧୭ ଜଣ ପିଲା ନିୟମିତ ଏହି ରାସ୍ତା ଦେଇ ପାଠ ପଢ଼ିବାକୁ ସ୍କୁଲ ଯାଇଥାନ୍ତି। ଅନେକ ସମୟରେ ରାସ୍ତାରେ ବାଘ ଦେଖାଯାଉଥିବାରୁ ପିଲାମାନେ ସ୍କୁଲ ନ ଯାଇ ଘରକୁ ଫେରି ଆସନ୍ତି। ଏହାପରେ ଗାଁର ଚାରିଜଣ ମହିଳା ପିଲାମାନଙ୍କୁ ବାଘଙ୍କ କବଳରୁ ସୁରକ୍ଷା ଦେବା ପାଇଁ ନିଷ୍ପତ୍ତି ନେଲେ। କିରଣ, ବେଣୁ ରଣ୍ଡାୟେ, ରୀନା ନଟ ଓ ସୀମା ମଡାବୀ ନିୟମିତ ହାତରେ ବାଡ଼ି ଓ ଟର୍ଚ୍ଚ ଧରି ପିଲାମାନଙ୍କୁ ସକାଳ ସାଢ଼େ ନଅଟାରେ ବସ୍‌ଷ୍ଟାଣ୍ଡରେ ପହଞ୍ଚାନ୍ତି। ରାସ୍ତାରୁ ବସ୍‌ରେ ଚଢ଼ିବା ଯାଏଁ ସେମାନେ ପିଲାଙ୍କ ଉପରେ କଡ଼ା ନଜର ରଖିଥାନ୍ତି। ପୁନଶ୍ଚ ପିଲାମାନେ ବସ୍‌ରେ ସ୍କୁଲରୁ ଫେରିବାବେଳେ ସନ୍ଧ୍ୟା ହୋଇ ଯାଇଥାଏ। ପିଲାମାନେ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପୂର୍ବରୁ ମହିଳାମାନେ ସେଠାରେ ପହଞ୍ଚି ଯାଆନ୍ତି। ସେମାନେ ଜୋରରେ ପାଟି କରି ଟର୍ଚ୍ଚ ପକାଇ ପିଲାମାନଙ୍କୁ ସେମାନଙ୍କ ଘରେ ପହଞ୍ଚାଇ ଥାନ୍ତି। ବନବିଭାଗ ପକ୍ଷରୁ ଏହି ମହିଳାଙ୍କ ଗ୍ରୁପ୍‌କୁ ମାତୃଶକ୍ତି ନାମ ଦିଆଯାଇଛି।



## ବାଇଗଣ ଗଛ ଝାଉଁଳି ଥିଲେ ...



ଅଧିକାଂଶ ସହରାଞ୍ଚଳର ଲୋକମାନେ ପାକଶାଳା ବଗିଚା କରିଥାନ୍ତି। ପାକଶାଳାରେ ବିଭିନ୍ନ ପନିପରିବା ଚାଷ କରାଯାଇଥାଏ। ଏହି ସମୟରେ ଯଦି ବାଇଗଣ ଗଛ ଝାଉଁଳି ପଡୁଛି ଏଥିପ୍ରତି ଧ୍ୟାନ ଦିଅନ୍ତୁ।

ଆଧୁନା ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ପ୍ରକାର କୀଟ ସକ୍ରିୟ ହେଉଛନ୍ତି। ଏହି ଭାବେ ବାଇଗଣ ଗଛର କାଣ୍ଡ ଏବଂ ଫଳରେ କୀଟ ବଂଶ ବିସ୍ତାର କରନ୍ତି। ଏହି ପୋକ କଅଁଳିଆ ଡାଳ ଏବଂ ଫୁଲ ପାଖେ ଅଣ୍ଡା ଦିଅନ୍ତି। ପରେ ଲାର୍ଭା ବାହାରି କାଣ୍ଡ ଏବଂ ଫଳ ଭିତରେ ପ୍ରବେଶ କରି ରସ ଶୋଷି ଦିଅନ୍ତି। ଗଛ ଖୋଳ ହୋଇ ଝାଉଁଳି ପଡ଼େ। ଫଳ ଝଡ଼ିଯାଏ। ଗଛର ବିକାଶ ହୁଏନି। ତେଣୁ ଏହାର ନିରାକରଣ ପାଇଁ ରସୁଣ ଏବଂ ଲେମ୍ବୁ ମିଶାଇ ଗଛ ମୂଳରେ ପ୍ରୟୋଗ କଲେ ଗଛ ସୁସ୍ଥ ରୁହେ। ଲେମ୍ବୁରେ ଥିବା ସାଇଟ୍ରିକ ଅମ୍ଳ କବକ ସଂକ୍ରମଣ ଏବଂ ଛୋଟ କୀଟ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ତେଣୁ ରସୁଣକୁ ବାଟି ସେଥିରେ ପାଣି ମିଶାଇ ଘୋଳ ବନାଇ ଛଅ ଘଣ୍ଟା ରଖାଯାଏ। ସେଥିରେ ଲେମ୍ବୁ ରସ ମିଶାଇ ମିଶ୍ରଣକୁ ଛାଣି ପାରିବେ। ଏହି ଘୋଳକୁ ଦୁଇ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ୭ରୁ ୧୦ ଦିନ ଅନ୍ତରରେ ୨ରୁ୩ଥର ସିଞ୍ଚନ କଲେ ଗଛ କୀଟମୁକ୍ତ ରୁହେ। ପତ୍ର ଓ ଫଳ କୀଟ ଆକ୍ରମଣରୁ ନଷ୍ଟ ହୋଇଥିଲେ ତାହାକୁ କାଟି ଅଲଗା କରିଦେବା ଭଲ।



## ମାଛ ପୋଖରୀର ଯତ୍ନ

ଫେବୃଆରୀ ଦ୍ୱିତୀୟ ସପ୍ତାହ ପରେ ପାଣିପାଗରେ ପରିବର୍ତ୍ତନ ଅନୁଭୂତ ହୁଏ। ରାତିରେ ତାପମାତ୍ରା କମ୍ ଓ ଦିନରେ ଅଧିକ ଜଣାପଡ଼େ। ଏହି ତାରତମ୍ୟ ମାଛଙ୍କ ଉପରେ ପ୍ରଭାବ ପକାଇଥାଏ। ଏହି ସମୟରେ ମାଛ ପୋଖରୀର ଯତ୍ନ ନେବା ଏକାନ୍ତ ଆବଶ୍ୟକ।

ଏହି ପରିବର୍ତ୍ତିତ ପାଣିପାଗ ପରିସ୍ଥିତିରେ ପୋଖରୀ ପାଣିର ତାପମାତ୍ରା ନିୟମିତ ସକାଳେ ଏବଂ ସନ୍ଧ୍ୟାରେ ଯାଞ୍ଚ କରିବାକୁ ପଡ଼ିଥାଏ। ଚାଷ ପୋଖରୀ ପାଣି ଥଣ୍ଡା ଥିବା ସମୟରେ ସେଥିରେ ଉଷୁମ ଥିବା ବୋର୍‌ୱେଲ୍ ପାଣି ମିଶାଇ ପାଣିର ତାପମାତ୍ରା ନିର୍ଦ୍ଦିଷ୍ଟ ଭାବେ ୨୭ ଡିଗ୍ରୀରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରଖିବା ଉଚିତ। ଉତ୍ତାପ ବଢ଼ିଲେ ପାଣିରେ ଦ୍ରବୀଭୂତ ଅମ୍ଳଜାନ କମି ଯାଇଥାଏ। ତେଣୁ ଉପରବେଳା ଦୁଇଘଣ୍ଟା ପାଇଁ ପାଣିରେ ଏରେଟର ଚଳେଇବା ଭଲ। ପାଣିର ଗଭୀରତା ଏହି ସମୟରେ ୫ଫୁଟ୍‌ରୁ କମ୍ ରହିବା କଥା ନୁହେଁ। ପାଣିର ଗୁଣବତ୍ତା ବଜାୟ ରଖିବା ସହ ପୋଖରୀରୁ ଅଳିଆ ସଫା କରିବାକୁ ଜାଲ ବ୍ୟବହାର କରନ୍ତୁ। ପୋଖରୀ ପରିବେଶକୁ ସର୍ବଦା ପରିଷ୍କାର ରଖନ୍ତୁ।

## ସୁବର୍ଣ୍ଣା



## ଚାପ୍ କଟର୍



ଗ୍ରାମୀଣ ଅଞ୍ଚଳର ଲୋକମାନେ ଗାଇ, ମଇଁଷି ପାଳନ କରି ଜୀବିକା ନିର୍ବାହ କରନ୍ତି। ପ୍ରାଣୀଙ୍କୁ ସନ୍ତୁଳିତ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଅଧିକାଂଶ ଘାସ କାଟନ୍ତି। ଏହାକୁ ପୁଣି ଘରେ ସାଇଜ୍‌ରେ କାଟିବାକୁ ହୁଏ। ଏଥିପାଇଁ ସମୟ ଲାଗିଥାଏ। ହେଲେ ଏବେ ଏହି ସମସ୍ୟା ଦୂର କରିବ ଟ୍ରାକ୍ଟର ଚାଳିତ ଚାପ୍ କଟର୍ ମେସିନ୍। ଏହା ଘାସକୁ ସହଜରେ କାଟିପାରେ। ଚାପ୍ କଟରକୁ ଟ୍ରାକ୍ଟର ପଛପଟେ ପିଟିଓ ଶାଫ୍ଟ ସହିତ ସଂଯୋଗ କରାଯାଏ। ଏଥିରେ ଲାଗିଥିବା ବ୍ଲେଡ୍ ସବୁଜ ଚାରାକୁ ଛୋଟ ଟୁକୁଡ଼ାରେ କାଟେ। ମେସିନ୍‌ରେ ଥିବା ଗିୟର ସିଷ୍ଟମ ଘାସର ଲମ୍ବା ଏବଂ ମୋଟେଇକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏଥିରେ ପ୍ରାଣୀଙ୍କ ବୟସ ଏବଂ ସେମାନଙ୍କ ପସନ୍ଦ ହିସାବରେ ଘାସ କଟାଯାଇପାରେ। ଏହି ମେସିନଟି ଜୁଆର, ମକା, ବାଜରା, ଘାସ ଏବଂ ନଡ଼ା କାଟି ପାରେ। ତେବେ ମଡେଲ, ବ୍ଲେଡ୍ ଏବଂ କ୍ଷମତା ଉପରେ ଏହି ମେସିନ୍‌ର ମୂଲ୍ୟ ନିର୍ଭର କରେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥାରେ ଧଳାମାଛି, ଜଉପୋକ ଓ ପତ୍ରଡିଆଁ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ।
- ବର୍ତ୍ତମାନ ମାଟିର ତାପମାତ୍ରା ୫ରୁ ୧୦ ସେମି ଗଭୀରରେ ୩୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରହୁଥିବାରୁ ତାହା ଆଳୁ ଫସଲକୁ ପ୍ରଭାବିତ କରିଥାଏ। ତେଣୁ ମାଟିକୁ ଆବଶ୍ୟକୀୟ ଆଚ୍ଛାଦିକରଣ ଓ ଜଳ ସେଚନ କରନ୍ତୁ।
- ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗର ପରିଚାଳନା ପାଇଁ ଏକରପ୍ରତି ୪୦୦ ମିଲି ଭାଲିଡାମାଇସିନ୍ କିମ୍ବା ୩୦୦ ଗ୍ରାମ କ୍ୟାପଟେନ୍ ଓ ହେକ୍ସାକୋନାଜୋଲ୍‌ର ମିଶ୍ରିତ ଫିମ୍ପିନାଶକ, ୨୦୦ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ।
- ମାଛର ଧବଳ ରୋଗ ହେଲେ ଧଳା ଧଳା ଭାତୁଡ଼ି ଭଳି ଚିହ୍ନ ଦେଖାଯାଏ। ଏହାର ପ୍ରତିକାର ପାଇଁ ୨୦୦ଲିଟର ପାଣିରେ ୫୦୦ ଗ୍ରାମ ଗୋଟା ଲୁଣ ଭଲ ଭାବେ ମିଶାଇ ଆକ୍ରାନ୍ତ ମାଛକୁ ୫ ମିନିଟ୍ ବୁଡାଇ ପୋଖରୀରେ ଛାଡ଼ନ୍ତୁ। ଏହି ପ୍ରକ୍ରିୟା ୭ରୁ ୧୦ଦିନ ପର୍ଯ୍ୟନ୍ତ କରନ୍ତୁ।


## ଗଛ ପାଇଁ ଚାଉଳ ଧୂଆ ପାଣି



ଆଜିକାଲି ଲୋକମାନେ ଘରେ ବିଭିନ୍ନ ଗଛ ଲଗାଉଛନ୍ତି। ଅଧିକାଂଶଙ୍କର ଗଛ ଠିକ୍ ଭାବେ ବଢୁନଥିବାର ଅଭିଯୋଗ ଥାଏ। ଏଥିପାଇଁ ରାସାୟନିକଯୁକ୍ତ ସାର ବଦଳରେ ଚାଉଳ ଧୂଆ ପାଣି ବ୍ୟବହାର କରିପାରିବେ। ଗଛ କମ୍‌ଜୋର, ପତ୍ର ହଳଦିଆ ପଡ଼ିବା କିମ୍ବା ଫୁଲ ଫୁଟୁ ନ ଥିଲେ ଚାଉଳ ଧୂଆ ପାଣି ଭଲ କାମ ଦେଇଥାଏ। ଚାଉଳ ଧୂଆ ପାଣିରେ ଥିବା ପୋଷକ ତତ୍ତ୍ୱ ମାଟିରେ ସୂକ୍ଷ୍ମଜୀବ ବୃଦ୍ଧି କରାଏ। ଏଥିରେ ଥିବା ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସିୟମ ଆଦି ଗଛର ସ୍ୱାସ୍ଥ୍ୟ ପାଇଁ ଜରୁରି। ଏହା ଦ୍ୱାରା ଗଛଚେର ଶକ୍ତ ହୋଇଥାଏ। ଫୁଲ ଓ ଫଳ ଆସିବାରେ ସାହାଯ୍ୟ କରେ। ଚାଉଳ ଧୂଆ ପାଣି ମନିପ୍ଲାଣ୍ଟ, ତୁଳସୀ, ପୁଦିନା, ଟମାଟୋ, ଗୋଲାପ ଆଦି ଗଛରେ ଦେଇପାରିବେ। ୧୦ଦିନରେ ଥରେ ଗଛମୂଳେ ଚାଉଳ ଧୂଆ ପାଣି ଦେବା ଦ୍ୱାରା ମାଟିର ଗୁଣବତ୍ତା ବୃଦ୍ଧିପାଏ। ଚାଉଳଧୂଆ ପାଣି ପ୍ରାକୃତିକ ତରଳ ସାରର କାମ ଦେଇଥାଏ।

# ସୁପର ଏଇଟ୍‌ରେ ଭାରତର ଫ୍ଲପ୍ ଶୋ
# ସେମିରେ ପ୍ରବେଶ କଷ୍ଟକର

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)



ଅହମ୍ମଦାବାଦ୍‌ରେ ରବିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍-୨୦୨୬ର ପ୍ରଥମ ସୁପର ଏଇଟ୍ ମ୍ୟାଚ୍‌ରେ ଭାରତ ୭୬ ରନ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଏହି ପରାଜୟକୁ ନେଇ ଭାରତ ଓ ଏହାର ସମର୍ଥକ ଯେତେ ଚିନ୍ତିତ ନୁହଁନ୍ତି, ତା ଠା'ରୁ ଅଧିକ ଚିନ୍ତା ବଢ଼ାଇଛି ପରାଜୟର ବ୍ୟବଧାନ। ୭୬ ରନ୍‌ରେ ହାରିବା ପରେ ଭାରତର ନେଟ୍ ରନ୍ ରେଟ୍ -୩.୮ରେ ପହଞ୍ଚିଛି। ଏବେ ଦଳରେ ଏକାଧିକ ସମସ୍ୟା ଦେଖାଦେଇଛି। ବରିଷ୍ଠ ତଥା ନିର୍ଭରଯୋଗ୍ୟ ଖେଳାଳି ଦଳରେ ନାହାନ୍ତି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ନେଇସାରିଛନ୍ତି। ଲୋକେଶ ରାହୁଲ, ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର ଓ ଋଷଭ ପନ୍ତଙ୍କ ଭଳି ବ୍ୟାଟର ଦଳରେ ନାହାନ୍ତି। ଏସବ ଯେଉଁମାନେ ଦଳରେ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧା ଖେଳାଳି ଫର୍ମରେ ନାହାନ୍ତି। ଭାରତ ଏଯାଏ ଖେଳିଥିବା ୪ଟି ବିଶ୍ୱକପ୍ ମ୍ୟାଚ୍‌ରେ ସର୍ବାଧିକ ଓପନିଂ ପାର୍ଟନରସିପ୍ ହେଉଛି ୩୨। ତାହା ପୁଣି ନାମିବ୍ୟା ବିରୋଧରେ। ଦଳରେ ବି ଯେଉଁ ଖେଳାଳି ଫର୍ମରେ ଅଛନ୍ତି ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍, ଯେପରିକି ପାକିସ୍ତାନ ବିପକ୍ଷରେ ସଫଳ ହୋଇଥିବା ଉପ ଅଧିନାୟକ ଅକ୍ଷର ପଟେଲଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସୁପର ଏଇଟ୍‌ସ ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିଲା ନାହିଁ। ଭାରତ ଏବେ ଖେଳିବାକୁ ଥିବା ସୁପର ଏଇଟ୍‌ସ ମୁକାବିଲାରେ ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ୍ ସହ ମୁକାବିଲା କରିବ। ଭାରତକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଏହି ଦୁଇଟି ମ୍ୟାଚ୍‌ରେ କେବଳ ବିଜୟ ନୁହେଁ, ବଡ଼ ବ୍ୟବଧାନରେ ବିଜୟୀ ହେବାକୁ ପଡ଼ିବ। କିନ୍ତୁ ଚଳିତ ବିଶ୍ୱକପ୍‌ରେ ଏହି ଦୁଇ ସୁପର ଏଇଟ୍‌ସ ପ୍ରତିଦ୍ୱନ୍ଦ୍ୱୀ ବେଶ ପ୍ରଭାବଶାଳୀ ଖେଳିଛନ୍ତି। ଏମାନଙ୍କୁ ହରାଇବା ଏତେଟା ସହଜ ନୁହେଁ। ଏଣୁ ଭାରତର ସେମିଫାଇନାଲ ଖେଳିବା ଆଶା ଏତେଟା ସହଜ ନୁହେଁ।

**ଅକ୍ଷରଙ୍କୁ ବାଦ୍ ଦେବା ବିତର୍କର ବିଷୟ**

ଦକ୍ଷିଣ ଆଫ୍ରିକା ବିପକ୍ଷ ମୁକାବିଲାରେ ଭାରତୀୟ ଏକାଦଶରେ ଉପଅଧିନାୟକ ତଥା ବାମହାତୀ ସ୍ପିନର ଅକ୍ଷର ପଟେଲଙ୍କୁ ସାମିଲ କରାଯାଇ ନ ଥିଲା। ତାଙ୍କ ସ୍ଥାନରେ ଖେଳିଥିଲେ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର। ସୁନ୍ଦର ୨ ଓଭର ବୋଲିଂ କରି ୧୭ ରନ୍ ଦେଇଥିଲେ। ବ୍ୟାଟିଂରେ ୧୧ ବଲ ଖେଳି ୧୧ ରନ୍ କରିଥିଲେ। ଏକାଧିକ ମ୍ୟାଚ୍ ବିଜେତା ଅକ୍ଷରଙ୍କୁ ବାଦ୍ ଦେବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ଦଳର ଉପଅଧିନାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରୁ ବାଦ୍ ଦେବା କେତେ ଯୁକ୍ତିଯୁକ୍ତ ତାହା ବିତର୍କର ବିଷୟ। ଏହାର ଉତ୍ତର କେବଳ ଚୟନକର୍ତ୍ତା ଦେଇପାରିବେ। କିନ୍ତୁ ଦଳର ଉପଅଧିନାୟକ ଥାଇ ଗୌତମ ଗମ୍ଭୀରଙ୍କ ଦ୍ୱାରା ଦଳରୁ ବାଦ୍ ପଡ଼ିବା ନୂଆ କଥା ନୁହେଁ। ନିକଟରେ ଶୁବମନ ଗିଲ୍‌ଙ୍କ ମଧ୍ୟ ଗମ୍ଭୀର ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦେଇଥିଲେ। ଯଦି ଉପଅଧିନାୟକ ହୋଇ ଏକାଦଶରେ ସ୍ଥାନ ପାଉ ନାହାନ୍ତି, ସେମାନଙ୍କୁ ଏଭଳି ଦାୟିତ୍ୱ ରଖିବା କେତେଦୂର ଯୁକ୍ତିଯୁକ୍ତ ତାହା ବିତର୍କ ସୃଷ୍ଟି କରିଛି। ଅନ୍ୟ ପକ୍ଷରେ ଭାରତର ଟପ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏହି ମ୍ୟାଚ୍‌ରେ ଫେଲ ମାରିବା। ପୂର୍ବରୁ ୮ଟି ମ୍ୟାଚରୁ ୨୨ଟି ୱିକେଟ ନେଇଥିବା ବରୁଣ ଏଠାରେ ଗୋଟିଏ ୱିକେଟ ବଦଳରେ ୪୭ ରନ୍ ଦେବା ଦଳକୁ ସାହାଯ୍ୟ କରିନାହିଁ। ଆଉ ଏକ ବଡ଼ କଥା ହେଲା ୫ମ ବୋଲରଙ୍କ ପ୍ରଭାବହୀନତା। ଶିବମ ଦୁବେ ୨ ଓଭରରେ ୩୨ ରନ୍ ଦେଇଥିଲେ। ଫଳରେ ସୁନ୍ଦର ଓ ଦୁବେ ମିଳିତ ଭାବେ ୪ ଓଭର ବୋଲିଂ କରି ୪୯ ରନ୍ ଖର୍ଚ୍ଚ କରିଥିଲେ।

ଭାରତ ଇନିଂସରେ ଇଶାନ କିଶାନ ଆଉଟ ହେବା ପରେ ଆଉ କେହି ବ୍ୟାଟର ଖେଳୁଥିବା ଜଣାଯାଇ ନ ଥିଲା। କିଂବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ମତରେ ଜଣେ ହେଲେ ବ୍ୟାଟର ପରିସ୍ଥିତି ସହ ଖାପ ଖୁଆଇ ଖେଳିବାକୁ ଚାହିଁ ନ ଥିଲେ। ସମସ୍ତେ ବଡ଼ ସଟ୍ ଖେଳି ଆଉଟ ହୋଇଥିଲେ। ଯାହା ଫଳରେ ଭାରତର ଇନିଂସ ସଜାଡି ହୋଇ ନ ଥିଲା। ଆହତ ସମସ୍ୟାରୁ ଫେରିବା ପରେ ଅଭିଷେକ ଶର୍ମା ଓ ତିଲକ ବର୍ମା ଆଦୌ ଫର୍ମରେ ନାହାନ୍ତି। ଏହି ଦୁଇ ବ୍ୟାଟର ଭିନ୍ନ ଭିନ୍ନ ଶୈଳୀରେ ଇନିଂସ ସଜାଡିଥାନ୍ତି। ଏମାନଙ୍କ ବିଫଳତା ଦଳକୁ ଏକ ଅଡୁଆ ପରିସ୍ଥିତିରେ ପକାଇଛି। ଏଥିରୁ ଦଳ ମୁକୁଳି ନ ପାରିଲେ ଭାରତକୁ ଯେ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ।

## ସୁନ୍ଦର-ମିଲର୍‌ଙ୍କ ଝଗଡ଼ା



ପ୍ରଥମ ସୁପର ଏଇଟ୍ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଇନିଂସରେ ବ୍ୟାଟର ଡେଭିଡ ମିଲର ଓ ଭାରତୀୟ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦରଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଥିଲା। ଘଟଣାରୁ ଜଣାଯାଇଛି ସୁନ୍ଦର ବୋଲିଂ କରିବାକୁ ଯାଉଥିଲାବେଳେ ମିଲର ତାଙ୍କ ନିକଟରେ ଆଗକୁ ଯାଉଥିଲେ। ଯାହା ଫଳରେ ତାଙ୍କ ବୋଲିଂ କରିବାରେ ଅସୁବିଧା ହେଉଥିଲା। ଏ ସମ୍ପର୍କରେ ସେ ବାରମ୍ବାର ଅମ୍ପାୟାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ମିଲର ଏହି ଅଭ୍ୟାସରୁ ହଟି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅମ୍ପାୟାରଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇଥିଲା।

### ହେଟ୍‌ମାୟର-ପାୱେଲଙ୍କ ଅର୍ଦ୍ଧଶତକ
# ୱେଷ୍ଟଇଣ୍ଡିଜର ବିଶାଳ ବିଜୟ



ମୁମ୍ବଇ,୨୩।୨(ଏଜେନ୍ସି): ଦୁଇଥରର ବିଜେତା ୱେଷ୍ଟଇଣ୍ଡିଜ ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର୍-୮ ପର୍ଯ୍ୟାୟରେ ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-୧'ର ଏକ ମ୍ୟାଚରେ ୱେଷ୍ଟଇଣ୍ଡିଜ ୧୦୭ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କାକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଜିମ୍ବାୱେ ଆଜି କିନ୍ତୁ ସମ୍ପୂର୍ଣ୍ଣ ନିରାଶ କରିଥିଲା। ୨୫୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଜିମ୍ବାୱେ ୧୭.୪ ଓଭରରେ ୧୪୭ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୮ ନମ୍ବର ସ୍ଥାନରେ ଆସିଥିବା ବ୍ରାଡ୍ ଇଭାନ୍ସ ସର୍ବାଧିକ ୪୩ (୨୧ ବଲ୍) ରନ କରିଥିଲେ। ଡିୟନ ମେୟର୍ସ ୨୮, ଅଧିନାୟକ ସିକନ୍ଦର ରାଜା ୨୭, ବ୍ରାଏନ ବେନେଟ୍ ୫ ରନ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ପାଇଁ ଗୁଡାକେଶ ମୋତି (୪/୨୮) ଓ ଅକିଲା ହୋସେନ (୩/୨୮) ସଫଳ ବୋଲର ରହିଥିଲେ। ଉଭୟ ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ସିମରନ ହେଟ୍‌ମାୟର ଓ ରୋଭମାନ ପାୱେଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ୨୦ ଓଭରରେ ୬ ୱିକେଟ୍ ହରାଇ ୨୫୪ ରନର ରେକର୍ଡ ସ୍କୋର କରିଥିଲା। ହେଟମାୟର ୭ଟି ଲେଖାଏ ଚୌକା ଓ ଛକା ସହ ୩୪ ବଲରୁ ସର୍ବାଧିକ ୮୫ ରନ କରିଥିଲେ। ସେହିଭଳି ପାୱେଲ ୩୪ ବଲରେ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିର୍ଫାନ ରଦରଫୋର୍ଡ ୩୧, ରୋମାରିଓ ଶେଫର୍ଡ ୨୧, ଅଧିନାୟକ ସାଇ ହୋପ ୧୪, ଜାସନ ହୋଲ୍ଡର ୧୩ ରନ କରିଥିଲେ। ୧୯ ବଲରେ ୫୦ ପୂରଣ କରି ହେଟ୍‌ମାୟର ଟି-୨୦ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ପାଇଁ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଏହିକ୍ରମରେ ସେ କ୍ରିସ ଗେଲ୍ (୨୩ ବଲ ବନାମ ଅଷ୍ଟ୍ରେଲିଆ, ୨୦୦୯)ଙ୍କ ନାମରେ ରହିଥିବା ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ।

**ଆଜିର ସୁପର ଏଇଟ୍‌ସ ମ୍ୟାଚ୍**

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
| --- | --- | --- |
| ପାକିସ୍ତାନ-ଇଂଲଣ୍ଡ | ରାତି ୭ଟା | ପାଲେକେଲେ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# କଟକରେ ଅନ୍ତର୍ଜାତୀୟ ଚେସ୍ ମାର୍ଚ୍ଚ ୨୬ରୁ

ଭୁବନେଶ୍ୱର,୨୩।୨(ସମିସ): କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଏକ ଅନ୍ତର୍ଜାତୀୟ ଓପନ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ମାର୍ଚ୍ଚ ୨ରୁ ୩୦ ତାରିଖଯାଏ ୫ ଦିନ ବ୍ୟାପୀ ହେବାକୁ ଥିବା ଏହି ୨ ଲକ୍ଷ ଟଙ୍କାର ପୁରସ୍କାର ବିଶିଷ୍ଟ ପ୍ରତିଯୋଗିତାକୁ ଆଇଏସ୍ ଚେସ




ସେଣ୍ଟର ଓ ଏଓସିଏ (ଅଲ ଓଡ଼ିଶା ଚେସ୍ ସେଣ୍ଟର)ର ମିଳିତ ସହଯୋଗରେ ଏହା ଆୟୋଜିତ ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ ୫୩ଟି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଟ୍ୱିନ୍ ସିଟିର ଖେଳାଳିଙ୍କ ଲାଗି ରେଟିଂ ବଢ଼ାଇବା ଲାଗି ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ ବୋଲି ଆୟୋଜକ ଆଇଏସ୍ ଚେସ୍ ସେଣ୍ଟରର ସମ୍ପାଦକ ମାନସ ପାଣି ସୂଚନା ଦେଇଛନ୍ତି। ଏଥିଲାଗି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଓସିଏ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ, ବରିଷ୍ଠ ପ୍ରଶାସକ ଅସିତ ମୁଖାର୍ଜୀ, ଧନଞ୍ଜୟ ସାବତ, ମନୋଜ ପତି, ଅମିୟ ରାଉତରାୟ, ଶଙ୍କର ରାଓ, ସୂର୍ଯ୍ୟକାନ୍ତ ବିଶୋଇ, ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ଲାଗି ଫୋନ ନଂ-୯୪୩୭୨-୦୮୮୭୪ ସହ ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ ମାନସ ପାଣି ଅନୁରୋଧ କରିଛନ୍ତି।

# ଆଜିଠୁ ରଣଜୀ ଫାଇନାଲ

ବେଙ୍ଗାଲୁରୁ, ୨୩।୨ (ଏଜେନ୍ସି): ମଙ୍ଗଳବାରଠାରୁ ଆଠଥରର ବିଜେତା କର୍ଣ୍ଣାଟକ ଓ ଜମ୍ମୁ-କାଶ୍ମୀର ମଧ୍ୟରେ ରଣଜୀ ଟ୍ରଫିର ଚଳିତ ୯୧ତମ ଫାଇନାଲ ମ୍ୟାଚ୍ ଆରମ୍ଭ ହେବ। ହୁବଲୀ କ୍ରିକେଟ୍ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ରଣଜୀ ପଦାର୍ପଣର ୬୭ ବର୍ଷ ପରେ ପ୍ରଥମଥର ଫାଇନାଲରେ ପ୍ରବେଶ କରିଥିବା ଜମ୍ମୁ-କାଶ୍ମୀର ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ପାରସ ଡୋଗ୍ରାଙ୍କ ନେତୃତ୍ୱରେ ଖେଳୁଥିବା ଜମ୍ମୁ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛି। ଜମ୍ମୁ କ୍ୱାର୍ଟରରେ ମଧ୍ୟପ୍ରଦେଶକୁ ଏବଂ ସେମିଫାଇନାଲରେ ବେଙ୍ଗଲକୁ ହରାଇଥିଲା। ଏହି ବିଜୟଧାରାକୁ ଜାରି ରଖି ଫାଇନାଲରେ ଶକ୍ତିଶାଳୀ କର୍ଣ୍ଣାଟକକୁ ଚକମା ଦେବା ସହ ପ୍ରଥମଥର ଚାମ୍ପିଅନ ହେବା ଲକ୍ଷ୍ୟରେ ଜମ୍ମୁ-କାଶ୍ମୀର ରହିଛି।

### ଇଣ୍ଡିଆନ୍ ସୁପର ଲିଗ୍ -୧୨
# କଳିଙ୍ଗରୁ ଅଭିଯାନ ଆରମ୍ଭ କରିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୩।୨ (ସମିସ): ବହୁ ବିଳମ୍ବରେ ଆରମ୍ଭ ହୋଇଥିବା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଫୁଟ୍‌ବଲ୍ କ୍ଲବ (ଓଏଫ୍‌ସି) ଏହାର ଦ୍ୱିତୀୟ ମ୍ୟାଚରେ ମଙ୍ଗଳବାର ଇଣ୍ଟର କାଶୀକୁ ଭେଟିବ। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଆରମ୍ଭ ହେବ। ପୂର୍ବରୁ ଫେବୃଆରୀ ୧୬ରେ ପଞ୍ଜାବ ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ଖେଳିବାକୁ ଥିବା ସିଜନର ପ୍ରଥମ ମ୍ୟାଚ୍ ବାତିଲ ହୋଇଯାଇଥିଲା। ତେଣୁ ଆନୁଷ୍ଠାନିକ ଭାବେ କଳିଙ୍ଗରେ ଇଣ୍ଟର କାଶୀ ବିପକ୍ଷରେ ଖେଳି ଘରୋଇ ଓଡ଼ିଶା ଏଫ୍‌ସି ଦଳ ଅଭିଯାନ ଆରମ୍ଭ କରିବ। ଘରୋଇ ଗ୍ରାଉଣ୍ଡ ଓ ଦର୍ଶକଙ୍କ ସାମ୍ନାରେ ଏହି ମ୍ୟାଚ୍ ଜିତି ସମ୍ପୂର୍ଣ୍ଣ ପଏଣ୍ଟ ହାତେଇବା ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି ରହିଛି। ତେବେ ଘରୋଇ ଦଳ ପାଇଁ ଏହି ମ୍ୟାଚ୍ ସେତେଟା ସହଜ ହେବ ନାହିଁ। କାହିଁକି ନା ଅନିଶ୍ଚିତତା ମଧ୍ୟରେ ରହିଥିବା ଓଡ଼ିଶା ଏଫ୍‌ସି ଗତ ୧୦ ମାସ ହେବ କୌଣସି ମ୍ୟାଚ୍ ଖେଳିନାହିଁ। ଏପରିକି ଆଇଏସଏଲ୍‌ର ଏକମାତ୍ର ଦଳ ଭାବେ ଓଡ଼ିଶା ଏଫ୍‌ସି ୨୦୨୫-୨୬ ସୁପର୍ କପ୍‌ରେ ଅଂଶଗ୍ରହଣ କରି ନ ଥିଲା। ଏବେ ମାତ୍ର ୬ ଦିନର ପ୍ରି-ସିଜନ କ୍ୟାମ୍ପ ସହ ଦଳ ଇଣ୍ଟର କାଶୀ ବିପକ୍ଷରେ ଖେଳିବାକୁ ଯାଉଛି। ସେହିଭଳି ଓଏଫ୍‌ସିର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଦଳଠାରୁ ଅଲଗା ହୋଇଯାଇଛନ୍ତି। ତାଙ୍କ ସ୍ଥାନରେ ଏବେ ଟି.ଜି. ପୁରୁଷୋତ୍ତମନ ଦଳର ମୁଖ୍ୟକୋଚ୍ ଭାର ସମ୍ଭାଳିଛନ୍ତି। ସେହିଭଳି ୬ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ୫ଜଣ ରିଟାୟର୍ଡ କିମ୍ବା ଅନ୍ୟ ଦଳକୁ ଚାଲିଯାଇଛନ୍ତି। ଘରୋଇ ତାରକା ଖେଳାଳିଙ୍କ ମଧ୍ୟରେ ଜେରୀ ମାୱିଆ, ଜେରୀ ଲାଲରିଜୁଆଲା, ନରେନ୍ଦର ଗେହଲଟ୍, ଆମି ରନୱାଡେ ଦଳ ଛାଡ଼ି ଅନ୍ୟ କ୍ଲବରେ ଯୋଗଦେଇଛନ୍ତି। ତେଣୁ ପ୍ରମୁଖ ଖେଳାଳିଙ୍କ ବିନା ଦଳର ପ୍ରଦର୍ଶନ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି କୁହାଯାଉଛି।

### ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟ
# ସମ୍ବଲପୁର-ଏ'କୁ ହରାଇଲା ବଲାଙ୍ଗିର

ଭୁବନେଶ୍ୱର,୨୩।୨(ସମିସ): ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟର ଆଜି ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ପ୍ରଥମ ମୁକାବିଲାରେ ସମ୍ବଲପୁର-ଏ'କୁ ୧୦ ୱିକେଟରେ ପରାସ୍ତ କରିଛି ବଲାଙ୍ଗିର। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୨୨୫ ରନ୍‌ର ବୃହତ୍ ବ୍ୟବଧାନରେ ବୌଦ୍ଧ ଜିଲ୍ଲାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଶ୍ରୀରାଜ ପଟ୍ଟନାୟକ ୧୮ ରନ୍‌ରେ ୮ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି।



ଶ୍ରୀରାଜ ପଟ୍ଟନାୟକ



ଅଂଶୁମାନ ମିଶ୍ର

ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଂଶୁମାନ ମିଶ୍ରଙ୍କ ୨୨ ରନ୍‌ରେ ୫ ୱିକେଟ ସଫଳତା ବଳରେ ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ' ୬୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ବଲାଙ୍ଗିର ୭ ଓଭର ଖେଳରେ କୌଣସି ୱିକେଟ ନ ହରାଇ ୬୬ ରନ୍ ସଂଗ୍ରହ କରିନେଇଛି। ଶୈଳେଶ ପଟ୍ଟନାୟକ ଏହା ମଧ୍ୟରୁ ୨୮ ବଲ୍ ଖେଳି ୫୦ ରନ୍ କରିଛନ୍ତି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଂରାଶ କୁମାର ୬୨, କାର୍ତ୍ତିକ ବିଶ୍ୱାଳ ୬୧ ଓ ସୌରଭ ଗୌଡ଼ ୫୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର-ଏ' ୮ ୱିକେଟରେ ୧୭୨ ରନ୍ କରିଥିଲା। ଜବାବରେ ଶ୍ରୀରାଜଙ୍କ ବୋଲିଂକୁ ମୁକାବିଲା କରି ନ ପାରି ବୌଦ୍ଧ ୧୨.୧ ଓଭରରେ ୪୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଶ୍ରୀରାଜ ୧୮ ରନ୍‌ରେ ୮ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି।

# କଟକରେ ଦୁଃସାହସିକ ଜଳକ୍ରୀଡ଼ା ଶିବିର

ଭୁବନେଶ୍ୱର,୨୩।୨(ସମିସ): କଟକର ସୂର୍ଯ୍ୟ ଆଇଲାଣ୍ଡରେ ରବିବାରଠାରୁ ଆରମ୍ଭ ହୋଇଛି ଦୁଃସାହସିକ ଜଳକ୍ରୀଡ଼ା ଶିବିର। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଗତକାଲି ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରକାଶ ସେଠୀ, କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ବିଜୟ ସ୍ୱାଇଁ, କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ ଧୀରଜ ପଟ୍ଟନାୟକ ଓ ଓଲିଉଡ୍ ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ୟାଚିଂ ଆସୋସିଏସନ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସୂର୍ଯ୍ୟ ଆଇଲାଣ୍ଡରେ ୩ ରାତି ଓ ୪ ଦିନଧରି ହେବାକୁ ଥିବା ଏହି ଶିବିରରେ ସମ୍ବଲପୁର, ସୁନ୍ଦରଗଡ଼, ଭବାନୀପାଟଣା ଓ କଳାହାଣ୍ଡିରୁ ୧୫୦ ଜଣ ଏନ୍‌ଏସ୍‌ଏସ୍ କ୍ୟାଡେଟ ଅଂଶଗ୍ରହଣ କରୁଛନ୍ତି। ଏଥରେ ସ୍କୁବା ଡାଇଭିଂ, ସ୍ନୋରକେଲିଂ, ୱିଣ୍ଡସର୍ଫିଙ୍ଗ୍, କାୟାକିଙ୍ଗ୍, ପେଡ଼ାଲ ବୋଟିଂ ଓ ଜେଟ ସ୍କି ରାଇଡିଂରେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି ଉତ୍ସବରେ ଓଡ଼ିଶା ୟାଚିଂ ସଂଘ ସଭାପତି କ୍ୟାପ୍ଟେନ ସରୋଜ କୁମାର ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର କର, ପ୍ରତିଷ୍ଠାତା ସଦସ୍ୟ ସବୀର ବକ୍ସ, ପୀତବାସ ସାମଲ ଓ ବିଶ୍ୱଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



# ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ ପ୍ରତିଯୋଗିତା ୨୬ରୁ

ଭୁବନେଶ୍ୱର, ୨୩।୨ (ସମିସ): ଅଲ୍‌ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ ଫିଟନେସ ଆସୋସିଏସନ ପକ୍ଷରୁ 'ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ-୨୦୨୬' ପ୍ରତିଯୋଗିତା ଫେବୃଆରୀ ୨୫ରୁ ଆରମ୍ଭ ହେବ। ଦୁଇଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ଭଞ୍ଜକଳା ମଣ୍ଡପରେ ଆୟୋଜିତ ହେବ। ଚଳିତ ବର୍ଷ ୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ସିନିଅର ମେନସ୍ ଫିଜିକ୍, ସିନିଅର ବଡି ବିଲ୍ଡିଂ, କ୍ଲାସିକ ବଡି ବିଲ୍ଡିଂ, ମହିଳା ବଡି ବିଲ୍ଡିଂ ଓ ଭିନ୍ନକ୍ଷମ ବିଭାଗ। ପ୍ରତ୍ୟେକ ବିଭାଗରେ ପ୍ରଥମରୁ ୫ମ ସ୍ଥାନ ମଧ୍ୟରେ ରହିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର, ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସୋମବାର ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବଡି ବିଲ୍ଡିଂ ଓ ଫିଟନେସ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

### ବଧିର ଏସିଆ କପ୍: ଓଡ଼ିଶାର ସନ୍ତୋଷ ଟପ୍ ସ୍କୋରର
# ଶ୍ରୀଲଙ୍କାକୁ ୧ ରନରେ ହରାଇଲା ଭାରତ

ଭୁବନେଶ୍ୱର, ୨୩।୨ (ସମିସ)




କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଏକ ମ୍ୟାଚରେ ଭାରତ ରୋମାଞ୍ଚକ ଭାବେ ଶ୍ରୀଲଙ୍କାକୁ ୧ ରନରେ ପରାସ୍ତ କରିଛି। ଏଥିସହ ଭାରତ ଫାଇନାଲରେ ପହଞ୍ଚିଛି। ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଭାରତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓଡ଼ିଆ ଖେଳାଳି ସନ୍ତୋଷ କୁମାର ମହାପାତ୍ର ସର୍ବାଧିକ ୪୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ବୀରେନ୍ଦ୍ର ସିଂ ଓ ସାଇ ଆକାଶ ୩୧ ରନ ଲେଖାଏ କରି ଉପଯୋଗୀ ପାଳି ଖେଳିଥିଲେ। ଶ୍ରୀଲଙ୍କା ପକ୍ଷରୁ ଏସ୍. ମଦୁରଙ୍ଗା ସବୁଠୁ ସଫଳ ବୋଲର ରହିଥିଲେ। ସେ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଅସଙ୍କା ମଞ୍ଜୁଳ ୨ଟି ଏବଂ ଗିମାଦୁ ମାଲକମ୍‌ଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

ଜବାବରେ ୧୬୪ ରନର ଚ୍ୟାଲେଞ୍ଜିଂ ସ୍କୋରକୁ ପିଛା କରିଥିବା ଶ୍ରୀଲଙ୍କା ଶେଷ ବଲ୍ ପର୍ଯ୍ୟନ୍ତ ଲଢ଼େଇ କରିଥିଲା। କିନ୍ତୁ ସମାନ ୨୦ ଓଭର ଖେଳିଥିଲେ ମଧ୍ୟ ଶ୍ରୀଲଙ୍କା ୮ ୱିକେଟ୍ ହରାଇ ୧୬୩ ରନ କରି ଅଳ୍ପକେ ୧ ରନରେ ମ୍ୟାଚ୍ ହାରିଯାଇଥିଲା। ଦଳ ପକ୍ଷରୁ ଆଲାର୍ନୋଜ କାଲେପ ୩୦ ବଲରେ ୪୯ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ସେହିଭଳି ଦିନୁକା ସଚିନ ୪୦ ଓ ମାଲକମ୍ ୩୪ ରନ କରିଥିଲେ। ଭାରତ ପକ୍ଷରୁ ଯଶବନ୍ତ ନାଇଡୁ ୪ ଓଭରରେ ମାତ୍ର ୧୨ ରନ ବ୍ୟୟ କରି ୩ଟି ୱିକେଟ ନେଇଥିଲେ। ପ୍ରନିଲ ମୋରଙ୍କୁ ୨ଟି ୱିକେଟ୍ ମିଳିଥିଲା। ପ୍ରନିଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରନିଲଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ଏସିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଏଡିସିଏ) ସଭାପତି ସୁମିତ ଜୈନ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ଅଲିମ୍ପିଆନ୍ ଅନୁରାଧା ସମ୍ମାନିତ




ଭୁବନେଶ୍ୱର,୨୩।୨(ସମିସ): ତୋଷାଳି ସ୍ୱଦେଶୀ ମେଳା ଅବସରରେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ମହିଳା ଆଥଲେଟ ତଥା ଅଲିମ୍ପିଆନ ଡଃ.ଅନୁରାଧା ବିଶ୍ୱାଳଙ୍କୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବଗୁହା ପୁନମ କୁମାର ଆଜି ଅନୁଷ୍ଠିତ ଏକ ଉତ୍ସବରେ ଅନୁରାଧାଙ୍କୁ ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ। ଓଡ଼ିଶା ସରକାରଙ୍କ ଶକ୍ତି ଓ ସୂଚନା ପ୍ରଯୁକ୍ତି ବିଭାଗର କମିଶନର ତଥା ଶାସନ ସଚିବ ବିଶାଳ ଦେବ ଏହି ଉତ୍ସବରେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS